

ସାଇ ସୁଦର୍ଶନଙ୍କ ବିସ୍ଫୋରକ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-297 ♦SATURDAY ♦25 APRIL 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୨୯୭ ♦ଶନିବାର ♦୨୫ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଏଥର ସଅଳ ମୌସୁମୀ

## ଆଷାଢ଼ ପୂର୍ବରୁ ଆସିବ ବର୍ଷା

■ ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): ଚଳିତ ବର୍ଷ ଭାରତରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଭାରତରେ ପହଞ୍ଚିବା ନେଇ ପାଣିପାଗ ବିଭାଗ ସଙ୍କେତ ଦେଇଛି। ୟୁରୋପୀୟ ପାଣିପାଗ ପୂର୍ବାନୁମାନ କେନ୍ଦ୍ରର ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗମନ ସ୍ୱାଭାବିକ ସମୟ ପୂର୍ବରୁ ହେବାର ସମ୍ଭାବନା ରହିଛି। ଏହାଦ୍ୱାରା ଦେଶର ବିଭିନ୍ନ ସ୍ଥାନରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ। ମେ ୧୮ ରୁ ୨୫ ମଧ୍ୟରେ ମୌସୁମୀ ପ୍ରଥମେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଛୁଇଁବାର ସମ୍ଭାବନା ରହିଛି। ମେ ୨୫ ରୁ ଜୁନ୍ ୧ ମଧ୍ୟରେ ମୌସୁମୀ ବାୟୁ କେରଳ ଉପକୂଳରେ ପହଞ୍ଚିବାର ପୂର୍ବାନୁମାନ କରାଯାଇଛି। ଏହି ସମୟରେ କେରଳ ଏବଂ ଦକ୍ଷିଣ ତାମିଲନାଡୁରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ ଦେବେନ୍ଦ୍ର ତ୍ରିପାଠୀଙ୍କ ଏନେଇ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି। ମୌସୁମୀ ଆସିବା ବେଳକୁ 'ଏଲ୍ ନିନୋ' ଶେଷ ହେଉଥିବାରୁ ଏହାକୁ ବର୍ଷା ପାଇଁ ଅନୁକୂଳ ବୋଲି ସେ କହିଛନ୍ତି। ସେପଟେ ଭାରତ ମହାସାଗରୀୟ ଦ୍ୱିମେରୁ ମୌସୁମୀକୁ ସକ୍ରିୟ କରିବାରେ ସହାୟକ ହେବ ବୋଲି ଆଶା ସଞ୍ଚାର ହୋଇଛି। ବର୍ତ୍ତମାନ ଭାରତର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୪୩-୪୪ ଡିଗ୍ରୀ ସେଲସିୟସ ରହୁଥିବାରୁ ଏହା ସମୁଦ୍ରରୁ ଆର୍ଦ୍ର ବାୟୁକୁ ଶୀଘ୍ର ଟାଣିବାରେ ସାହାଯ୍ୟ କରିବ ବୋଲି କୁହାଯାଇଛି। ବର୍ଷାର ଆଗୁଆ ଆଗମନ ହେଲେ ଗ୍ରୀଷ୍ମ ତାପରେ ଅତିଷ୍ଠ ହେଉଥିବା କୋଟି କୋଟି ଭାରତୀୟଙ୍କ ପାଇଁ ଏବଂ ବିଶେଷ କରି କୃଷି କାର୍ଯ୍ୟ ଉପରେ ନିର୍ଭର କରୁଥିବା ଚାଷୀଙ୍କ ପାଇଁ ବହୁତ ଲାଭଦାୟକ ହେବ। ଯଦି ବାୟୁମଣ୍ଡଳୀୟ ପରିସ୍ଥିତିରେ କୌଣସି ବଡ଼ ପରିବର୍ତ୍ତନ ନହୁଏ, ତେବେ ମେ ୨୫ ବେଳକୁ ଦକ୍ଷିଣ ଭାରତରେ ବର୍ଷା ଋତୁ ଆରମ୍ଭ ହୋଇଯିବ ବୋଲି ସମ୍ଭାବନା ଦେଖାଦେଇଛି।



ମେ' ଶେଷ ସୁଦ୍ଧା ମିଳିବ ପ୍ରଚଣ୍ଡ ଖରାରୁ ଆଶ୍ୱସ୍ତି

# ୨୩ ଯୋଜନା ମୁଣ୍ଡରେ ଖଣ୍ଡା

## ଅନୁଦାନ ମିଳୁ ନ ଥିବା ଯୋଜନାକୁ ବନ୍ଦ ଲାଗି ବିଚାର

■ ଭୁବନେଶ୍ୱର, ୨୪।୪ (ସମିସ): ପୂର୍ବ ସରକାରଙ୍କ ଦ୍ୱାରା ରାଜ୍ୟବାସୀଙ୍କ ପାଇଁ ପ୍ରବର୍ତ୍ତିତ ହୋଇଥିବା ଅନେକ ଜନମଙ୍ଗଳକାରୀ ଯୋଜନା ଏବେ ବନ୍ଦ ହେବ। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ଗୁରୁତର ସହ ବିଚାର କରୁଥିବା ଜଣାପଡ଼ିଛି। ସରକାର ସମସ୍ତ ରାଜ୍ୟ ପ୍ରବର୍ତ୍ତିତ ଯୋଜନା ଗୁଡ଼ିକୁ ସେଗୁଡ଼ିକର ପ୍ରଭାବ/ପ୍ରାଥମିକତା ଭିତ୍ତିରେ ଉଚ୍ଚ, ମଧ୍ୟମ ଏବଂ ନିମ୍ନ ପ୍ରାଥମିକତା ବର୍ଗରେ ବିଭକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚ ପ୍ରାଥମିକତାପ୍ରାପ୍ତ ଯୋଜନାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ। ଗତ ତିନିରୁ ଚାରି ବର୍ଷ ଧରି କୌଣସି ବଜେଟ୍ ବରାଦ ପାଇ ନ ଥିବା ବା ନାମମାତ୍ର ବରାଦ ହୋଇଥିବା ଯୋଜନାଗୁଡ଼ିକୁ ବନ୍ଦ କରିବା ନେଇ ବିଚାର କରାଯାଇପାରେ ବୋଲି ସରକାରଙ୍କ ସୂତ୍ରରୁ ସୂଚନା ମିଳିଛି।

ପୂର୍ବରୁ ନବୀନ ପଟ୍ଟନାୟକ ସରକାରଙ୍କ ସମୟରେ ପ୍ରଚଳିତ ଅନେକ ଯୋଜନାର ନାମ ନୂଆ ସରକାର ପରିବର୍ତ୍ତନ କରିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଆଦି ପ୍ରାୟ ୧୫ଟି ଯୋଜନାର ନାମ ଓ ଢ଼ାଞ୍ଚା ପରିବର୍ତ୍ତନ କରାଯାଇଛି। ଏହାବ୍ୟତୀତ ଗତ ୨ ବର୍ଷ ହେଲା ଅନୁଦାନ ବନ୍ଦ ଯୋଗୁଁ ତତ୍କାଳୀନ ସରକାରଙ୍କ ଦ୍ୱାରା ପ୍ରଚଳିତ ଅନେକ ଯୋଜନା ଏବେ ମୂମୂର୍ଷୁ ଅବସ୍ଥା ଦେଇ ଗତିକରୁଛି। ବର୍ତ୍ତମାନ ଏହି ଯୋଜନାଗୁଡ଼ିକୁ ବନ୍ଦ କରିବା ପାଇଁ ସରକାର ଆପାତତଃ ନିଷ୍ପତ୍ତି ନେଇଛନ୍ତି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ତତ୍କାଳୀନ ସରକାରଙ୍କ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରଚଳିତ ନବୋଦୟ ଉତ୍ଥାନ ଯୋଜନା, ଉତ୍କର୍ଷ ଯୋଜନା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରଚଳିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଉଦ୍ୟୋଗ ଯୋଜନା, ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା, ଭୂଚେତନା, ମହିଳା କୃଷକଙ୍କ ନିମନ୍ତେ ମାଗଣା ସ୍ମାର୍ଟଫୋନ୍ ଯୋଜନା, ପରିବହନ ବିଭାଗ ଦ୍ୱାରା ପରିଚାଳିତ ବିଜୁ ଗାଡ଼ିଚାଳକ ବୀମା ଯୋଜନା, ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପ୍ରଚଳିତ ଉନ୍ନତି ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପ୍ରଚଳିତ ବିଜୁ ଶିଶୁ ସୁରକ୍ଷା ଯୋଜନା, ବାଣିଶ୍ରୀ ଯୋଜନା, କିଶୋରୀ ଶକ୍ତି ଯୋଜନା, ବିଜୁ କନ୍ୟାରତ୍ନ ଯୋଜନା, ମହିଳା ସଶକ୍ତୀକରଣ ଯୋଜନା, ଆଇନବିଭାଗ ଦ୍ୱାରା ପ୍ରଚଳିତ ମଧୁବାବୁ ଆଇନ ସହାୟତା ଯୋଜନା, ଶିକ୍ଷା ବିଭାଗ ଦ୍ୱାରା ପ୍ରଚଳିତ କଳିଙ୍ଗ ଶିକ୍ଷାସାଥୀ ଯୋଜନା, ଜନଜାତି ବିକାଶ ବିଭାଗ ଦ୍ୱାରା ପ୍ରଚଳିତ ଅନ୍ୱେଷା ଯୋଜନା, ଆକାଂକ୍ଷୀ ଯୋଜନା, ପରିବହନ ବିଭାଗର ବିଜୁ ଗାଁ ଗାଡ଼ି ଯୋଜନା, ବିଜୁ ସହରାଞ୍ଚଳ ବିଦ୍ୟୁତିକରଣ ଯୋଜନା, ରାଜସ୍ୱ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବସୁନ୍ଧରା ଯୋଜନା, ହସ୍ତତନ୍ତ ବିଭାଗ ଦ୍ୱାରା ପ୍ରଚଳିତ ମହାତ୍ମାଗାନ୍ଧୀ ବୁଣାକାର ବୀମା ଯୋଜନା , ରାଜସ୍ୱ ବିଭାଗର ମୋ ଜମି-ମୋ ଡ଼ିହ ଯୋଜନାଗୁଡ଼ିକ ଉପରେ ଡ଼େମୋକ୍ଲିସ ଖଣ୍ଡା ଝୁଲୁଛି।

**ତାଲିକା ପ୍ରସ୍ତୁତ କରିବାକୁ ଉନ୍ନୟନ କମିସନରଙ୍କ ଚିଠି**

**ଯୋଜନା ବନ୍ଦ ପଛରେ ରାଜନୈତିକ ଅଭିସନ୍ଧି ସନ୍ଦେହ**

ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗତ ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି। ପୂର୍ବ ସରକାରଙ୍କ ପ୍ରାୟ ୨୩ଟି ଯୋଜନାକୁ ବୈଠକରେ ସମୀକ୍ଷା କରାଯାଇଛି। ଏହାପରେ ଉନ୍ନୟନ କମିଶନର ଏନେଇ ରାଜ୍ୟର ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଏବଂ ସଚିବଙ୍କୁ ଏକ ଚିଠି ଲେଖିଛନ୍ତି। ଚିଠିରେ ▶ପୃଷ୍ଠା-୭

# ବିଜେପିରେ ମିଶିଲେ ଆପ୍‌ର ୭ ରାଜ୍ୟସଭା ସାଂସଦ





■ ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): ୪ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଶେଷ ହୋଇଛି। ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଥିବା ବେଳେ ଜାତୀୟ ରାଜନୀତି ବେଶ ସରଗରମ ରହିଛି। ଏହି ସମୟରେ ଅରବିନ୍ଦ କେଜ୍ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ରେ ରାଜ୍ୟସଭାର ୭ ଜଣ ସାଂସଦ ବିଦ୍ରୋହ କରିଛନ୍ତି। ଦଳର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ରାଘବ ଚଡ଼ାଙ୍କ ନେତୃତ୍ୱରେ ହୋଇଥିବା ବିଦ୍ରୋହରେ ସାତ ଜଣ ସାଂସଦ ଆପ୍‌ରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହେବାକୁ ଘୋଷଣା କରିଛନ୍ତି। ଆପ୍‌ର ଉପନେତା ପଦରୁ ଚଡ଼ାଙ୍କୁ ହଟାଇ ଅଶୋକ ମିତ୍ତଲଙ୍କୁ ଉପନେତା କରାଯାଇଥିବା ବେଳେ ସେ ମଧ୍ୟ ବିଦ୍ରୋହରେ ସାମିଲ ହୋଇଛନ୍ତି। ଏହାଫଳରେ ରାଜ୍ୟସଭାରେ ଆପ୍ ସଭ୍ୟ ସଂଖ୍ୟା ୧୦ରୁ ୩କୁ ହ୍ରାସ ପାଇଛି। ଦଳବଦଳ ଅଇନ ଅନୁଯାୟୀ ଦୁଇ ତୃତୀୟାଂଶରୁ ଅଧିକ ସାଂସଦ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଥିଲେ ମଧ୍ୟ ସେମାନଙ୍କର ସଭ୍ୟପଦ କାଏମ ରହିବ। ଚଡ଼ା ଓ ମିତ୍ତଲଙ୍କ ସମେତ ଅନ୍ୟ ଯେଉଁମାନେ ଆପ୍ ଛାଡ଼ିଛନ୍ତି ସେମାନେ ହେଲେ ସନ୍ଦୀପ ପାଠକ, ପୂର୍ବତନ କ୍ରିକେଟର ହରଭଜନ ସିଂହ, ସ୍ୱାତୀ ମାଲିୱାଲ, ରାଜେନ୍ଦ୍ର ଗୁପ୍ତା ଏବଂ ବିକ୍ରମ ସାହନୀ। ସେମାନେ ବିଜେପିରେ ଯୋଗଦେବା ଲାଗି ଲିଖିତ ଭାବେ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଜଣାଇଛନ୍ତି।

**କେଜ୍ରିୱାଲଙ୍କ ବିରୋଧରେ ବିଦ୍ରୋହ**

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଚଡ଼ା କହିଲ ଯେ ରାଜ୍ୟସଭାରେ ଉପ-ନେତା ପଦରୁ ହଟାଯିବା ପରେ ଦଳ ସହ ତାଙ୍କର ମତଭେଦ ସୃଷ୍ଟି ହୋଇଥିଲା। ସେ କହିଛନ୍ତି ଯେ ଆପ୍ ନିଜର ମୂଳ ନୀତି ଏବଂ ଆଦର୍ଶରୁ ବିଚ୍ୟୁତ ହୋଇଛି। ଅନ୍ୟପଟେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହ ଦେଶର ଅର୍ଥନୀତି ଓ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଦୃଢ଼ ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

ଚଡ଼ାଙ୍କ ଅନୁଯାୟୀ, ରାଜ୍ୟସଭାରେ ଆପ୍‌ର ଦୁଇ-ତୃତୀୟାଂଶ ସଦସ୍ୟ ସାମ୍ବିଧାନିକ ବ୍ୟବସ୍ଥା ▶ପୃଷ୍ଠା-୭

## ରାଜଧାନୀ ରାଜରାସ୍ତାରେ ତାତିର କର୍ଫ୍ୟୁ



# ଆକାଶରୁ ବର୍ଷୁଛି ନିଆଁ

## ସିଝୁଛି ପଶ୍ଚିମ ଓଡ଼ିଶା: ଝାରସୁଗୁଡ଼ାରେ ତାପମାତ୍ରା ୪୪.୮ ଡିଗ୍ରୀ

■ ଭୁବନେଶ୍ୱର, ୨୪।୪ (ସମିସ): ଗୁରୁବାର ଅପେକ୍ଷା ଶୁକ୍ରବାର ରାଜ୍ୟରେ ତାପମାତ୍ରାରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହୋଇଥିଲେ ହେଁ ଅସହ୍ୟ ତାତି ଏବଂ ଗୁଳୁଗୁଳିରେ ସନ୍ତୁଳି ହୋଇଛି ଓଡ଼ିଶା। ଆକାଶରୁ ନିଆଁ ପିଣ୍ଡୁଳା ବର୍ଷିବା ପରି ପରିସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ୧୮ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବାବେଳେ ଝାରସୁଗୁଡ଼ାରେ ତାତି ରାଜ୍ୟର ସର୍ବାଧିକ ୪୪.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆସନ୍ତାକାଲିଠାରୁ ରାଜ୍ୟରେ କାଳବୈଶାଖୀର ପ୍ରଭାବରେ ତାତିରୁ କିଛି ପରିମାଣରେ ଆଶ୍ୱସ୍ତି ମିଳିପାରେ ବୋଲି ପାଣିପାଗ ବିଶେଷଜ୍ଞ ଆକଳନ କରିଛନ୍ତି।

**୧୮ ସହରରେ ପାରଦ ୪୦ ଡିଗ୍ରୀ ଉପରେ**

**ଆଜିଠାରୁ ବଢ଼ିବ କାଳବୈଶାଖୀର ପ୍ରଭାବ**

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶୁକ୍ରବାର ଅନୁଗୋଳ ଓ ଟିଟିଲାଗଡ଼ରେ ୪୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ବଲାଙ୍ଗୀରରେ ୪୩ ଡିଗ୍ରୀ, ହୀରାକୁଦରେ ୪୩.୪ ଡିଗ୍ରୀ, ସମ୍ବଲପୁରରେ ୪୩.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଭବାନୀପାଟଣା, ନୂଆପଡ଼ା ଓ ରାଉରକେଲାରେ ପାରଦ ୪୨.୬ ଡିଗ୍ରୀ ରହିଥିବା ବେଳେ ତାଳଚେରରେ ୪୨.୫ ଡିଗ୍ରୀ, ସୋନପୁରରେ ୪୨.୮ ଡିଗ୍ରୀ, ▶ପୃଷ୍ଠା-୭

## ୨୭ରୁ ସ୍କୁଲରେ ଖରାଛୁଟି

■ ଭୁବନେଶ୍ୱର, ୨୪।୪ (ସମିସ): ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଆଗୁଆ ଖରାଛୁଟି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏ ସଂକ୍ରାନ୍ତରେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଛି। ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଗୁଆ ଖରା ଛୁଟି ଘୋଷଣା କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ସରକାରୀ ନିଷ୍ପତ୍ତି ଅନୁଯାୟୀ ଏପ୍ରିଲ ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ। ମାତ୍ର ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଓ ଅନ୍ୟାନ୍ୟ ଅଫିସ କାମ ପୂର୍ବପରି ଜାରି ରହିବ ବୋଲି କୁହାଯାଇଛି। ଅର୍ଥାତ୍ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ନ ଗଲେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ବିଦ୍ୟାଳୟ ଯାଇ କାର୍ଯ୍ୟ କରିବେ।

## ୩୦ରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

■ ଭୁବନେଶ୍ୱର, ୨୪।୪ (ସମିସ): ଆସନ୍ତା ୩୦ ତାରିଖରେ ଓଡ଼ିଶା ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ଅଧିବେଶନରେ ଦିବସବ୍ୟାପୀ ଆଲୋଚନା ହେବ। ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ଗୁରୁବାର ସୂଚନା ପ୍ରଦାନ କରାଯାଇଛି।

ନିକଟରେ ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପରେ ବିଜେପି ଏହାକୁ ରାଜନୈତିକ ପ୍ରସଙ୍ଗ କରିଛି। ଦେଶବ୍ୟାପୀ ବିଜେପି ପକ୍ଷରୁ ଜନ ଆକ୍ରୋଶ ସମାବେଶ କରାଯିବା ସହ ବିଲ୍ ପାରିତ ନ ହେବା ନେଇ ବିରୋଧୀଙ୍କୁ ଦୋଷ ଦିଆଯାଉଛି। ଅପରପକ୍ଷେ ମହିଳା ସଂରକ୍ଷଣ ବିଲ୍ ଆଳରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଣି ଏହାକୁ ପାରିବାକୁ ବିଜେପି ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗ କରି ବିରୋଧୀ କଡ଼ା ସମାଲୋଚନା କରୁଛନ୍ତି। ୨୦୨୩ ମସିହାରେ ସଂସଦରେ ମହିଳା ସଂରକ୍ଷଣ ▶ପୃଷ୍ଠା-୭

**ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ହେବ ଆଲୋଚନା**

### ଜାତୀୟ ପଞ୍ଚାୟତିରାଜ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

## ବଲାଙ୍ଗିରରେ ହେବ ଚିନି କଳ, ଟେକ୍ସଟାଇଲ୍ ପାର୍କ

■ ବଲାଙ୍ଗୀର, ୨୩।୪ (ସମିସ): ବଲାଙ୍ଗିରରେ ହେବ ଚିନିକଳ, ସ୍ଥାପନ ହେବ ଟେକ୍ସଟାଇଲ୍ ପାର୍କ। ବଲାଙ୍ଗିରଠାରେ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜାତୀୟ ପଞ୍ଚାୟତିରାଜ ଦିବସ କେବଳ ଏକ ସମାବେଶ ନୁହେଁ, ଏହା ଗ୍ରାମାଞ୍ଚଳ ସ୍ୱ-ଶାସନ ଓ ଲୋକତନ୍ତ୍ରର ମୌଳିକ ଶକ୍ତିକୁ ଜାଗରଣ କରିବାର ଦିବସ। ୭୩ତମ ସମ୍ବିଧାନ ସଂଶୋଧନର ତିନି ଦଶକ ପରେ ପଞ୍ଚାୟତରାଜ ବ୍ୟବସ୍ଥା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛି। ଲୋକଙ୍କ ସକ୍ରିୟ ଭାଗିଦାରୀ ଓ ଅଭିନବ ଚିନ୍ତାଧାରାହିଁ ଏହି ବ୍ୟବସ୍ଥାକୁ ଅଧିକ ଗତିଶୀଳ କରିପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱରେ ବିକଶିତ ଭାରତ ଗଠନ ପାଇଁ ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ପାଇଁ ଆମ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ଲକ୍ଷ ବାସଗୃହ ଓଡ଼ିଶାକୁ ମିଳିବ ଓ ଏହା ମାଧ୍ୟମରେ ସମସ୍ତେ ଘର ପାଇବେ। ଜଳଜୀବନ ମିଶନ ଅଧୀନରେ ପାଇପ ଜଳ ଯୋଗାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ରାଜ୍ୟରେ ୫୪ ହଜାର କୋଟି ଟଙ୍କାର ବୃହତ୍ ଯୋଜନା ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ▶ପୃଷ୍ଠା-୭






ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

# ଚାକିରି ଖାଉଛି ଏଆଇ

## ମେଟା, ଓରାକଲ୍, ମାଇକ୍ରୋସଫ୍ଟରୁ ମାସକରେ ୪୬,୭୫୦ ଛଟେଇ

■ ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): ୨୦୨୬ ଆଇଟି ଶିଳ୍ପ ପାଇଁ ସବୁଠାରୁ କଠିନ ବର୍ଷ ପ୍ରମାଣିତ ହେବାକୁ ଯାଉଛି। କାରଣ ଏଆଇ ଯୁଗରେ ଟେକ୍ନୋଲୋଜି ଶିଳ୍ପରେ ଏକ ବଡ଼ ନିଯୁକ୍ତି ସଙ୍କଟ ଦେଖାଦେଇଛି। ଚଳିତବର୍ଷ ଆଇଟି ଶିଳ୍ପରେ ବ୍ୟାପକ ଛଟେଇ ଜାରି ରହିଛି। ୨୦୨୬ରେ ଏ ପର୍ଯ୍ୟନ୍ତ ଶିଳ୍ପରେ ୭୩,୦୦୦ ରୁ ଅଧିକ କର୍ମଚାରୀ ଛଟେଇ ହୋଇଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଅଟୋମେସନ୍ ଏହାର ଏକ ପ୍ରମୁଖ କାରଣ। ବର୍ତ୍ତମାନ ଟେକ୍ କମ୍ପାନୀଗୁଡ଼ିକ ଖର୍ଚ୍ଚ କାଟ୍ ଉପରେ ଧ୍ୟାନ ଦେଉଛନ୍ତି। ଆହୁରିମଧ୍ୟ ଗତ ମାସକ ଭିତରେ ଟେକ୍ କମ୍ପାନୀଗୁଡ଼ିକରେ ଅନେକ ପରିବର୍ତ୍ତନ ହୋଇଛି। କମ୍ପାନୀଗୁଡ଼ିକ ଏଆଇ ଟେକ୍ନୋଲୋଜିରେ କୋଟି କୋଟି ଅର୍ଥ ନିବେଶ କରୁଥିବାବେଳେ ଶ୍ରମବଳ ହ୍ରାସ କରୁଛନ୍ତି। ଓରାକଲ୍, ମେଟା ଓ ମାଇକ୍ରୋସଫ୍ଟ ଭଳି କମ୍ପାନୀ ଗତ ମାସକ ମଧ୍ୟରେ ୪୬,୭୫୦ କର୍ମଚାରୀ ଛଟେଇ କରିଛନ୍ତି। କମ୍ପାନୀଗୁଡ଼ିକର ଲାଭ ବି ସେହି ଅନୁସାରେ ହେଉଛି। ହେଲେ ଟେକ୍ନୋଲୋଜିର ଅବାଧ ପ୍ରବେଶ ଲୋକଙ୍କ ଚାକିରି ଖାଇଯାଉଛି।



**୪ ମାସରେ ୭୩ ହଜାରରୁ ଅଧିକ କର୍ମଚାରୀ ବିଦା**

**ଚାକିରି ଛାଡ଼ିବାକୁ କର୍ମଚାରୀଙ୍କୁ ଅର୍ଥ ଅଫର କରୁଛି ମାଇକ୍ରୋସଫ୍ଟ**

ଆଇଟି ଶିଳ୍ପରେ ବର୍ତ୍ତମାନର ଛଟେଇ କୋଭିଡ୍-୧୯ ମହାମାରୀ ସମୟରେ ନିଯୁକ୍ତି ବୃଦ୍ଧି ପରେ କମ୍ପାନୀଗୁଡ଼ିକ ଦ୍ୱାରା କରାଯାଇଥିବା ପୁନଃସେଟର ଏକ ଅଂଶ ଭାବରେ ଦେଖାଯାଉଛି। ସବୁଠାରୁ ବଡ଼ କାରଣ ହେଉଛି, ଏଆଇ ଦ୍ୱାରା ପରିଚାଳିତ ସାଂରଚନିକ ପରିବର୍ତ୍ତନ, ଯେଉଁଠାରେ କମ୍ପାନୀଗୁଡ଼ିକ ପୁରୁଣା ମଡେଲଗୁଡ଼ିକରୁ ଦୂରେଇ ଯାଇ ଏକ ନୂତନ ପ୍ରଯୁକ୍ତିବିଦ୍ୟାକୁ ଗୁରୁତ୍ୱ ଦେଉଛନ୍ତି। ଏଆଇ ବ୍ୟବହାର ଯୋଗୁ ପୂର୍ବରୁ ମେଟା ହଜାର ହଜାର କର୍ମଚାରୀ ଛଟେଇ କରିସାରିଥିବାବେଳେ ଏବେ ପୁଣି ନୂଆ ଛଟେଇ କରିବାକୁ ପ୍ରସ୍ତୁତ ହେଉଛି। ଏଥର କମ୍ପାନୀ ୮ ହଜାର କର୍ମଚାରୀ ଛଟେଇ କରିବ, ଯାହା ଏହାର ମାନବ ସମ୍ବଳର ୧୦% ବୋଲି କୁହାଯାଉଛି। କେବଳ ସେତିକି ନୁହେଁ, ଓପନ ରୋଲ୍ସ ପାଇଁ କମ୍ପାନୀ ପୂର୍ବରୁ ନିଯୁକ୍ତି ଦେବାକୁ ଯେଉଁ ଘୋଷଣା କରିଥିଲା, ତାହା ବି ଆଉ କରିବନାହିଁ। କାରଣ ମେଟା ଏଥର ଏଆଇରେ ୧୩୫ ବିଲିଅନ ନିବେଶ କରିବାକୁ ଯୋଜନା କରୁଛି। ଟେକ୍ନୋଲୋଜୀ କମ୍ପାନୀ ଓରାକେଲ ନିକଟରେ ୩୦ ହଜାର କର୍ମଚାରୀ ଛଟେଇ କରିଛି। ଭାରତ ସମେତ ବିଭିନ୍ନ ଦେଶରୁ ଏହି ଛଟେଇ ହୋଇଛି। ସବୁଠାରୁ ▶ପୃଷ୍ଠା-୭






# ପଶ୍ଚିମବଙ୍ଗରେ ରେକର୍ଡ ମତଦାନ କାହା ସପକ୍ଷରେ

କୋଲକାତା, ୨୪।୪: ଗତକାଲି ପଶ୍ଚିମବଙ୍ଗ ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଶେଷ ହୋଇଥିବା ବେଳେ ତାମିଲନାଡୁର ସମସ୍ତ ୨୩୪ଟି ନିର୍ବାଚନମଣ୍ଡଳୀରେ ମତଦାନ ହୋଇଛି। ଉଭୟ ରାଜ୍ୟରେ ରେକର୍ଡ ମତଦାନ ହୋଇଛି। ପଶ୍ଚିମବଙ୍ଗରେ ୯୨.୯ ପ୍ରତିଶତ ମତଦାନ ହୋଇଥିବା ବେଳେ ତାମିଲନାଡୁରେ ୮୪.୨୯ ପ୍ରତିଶତ ମତଦାନ ହୋଇଛି। ସ୍ୱାଧୀନ ଭାରତ ଇତିହାସରେ ଏହି ଦୁଇ ରାଜ୍ୟରେ ଏମିତି ରେକର୍ଡ ମତଦାନ କେବେ ହୋଇନଥିଲା। ତାମିଲନାଡୁରେ ମୁଖ୍ୟ ମୁକାବିଲା କ୍ଷମତାସୀନ ଡିଏମକେ ଓ ଆନ୍ନାଡିଏମକେ ତଥା ଅଭିନେତା ବିଜୟଙ୍କ ଟିଭିକେ ମଧ୍ୟରେ ହେଉଥିବା ବେଳେ ପଶ୍ଚିମ ବଙ୍ଗରେ ବିଜେପି ଏବଂ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ମଧ୍ୟରେ ତୀବ୍ର ମୁକାବିଲା ହେଉଛି। ଏହି ଦୁଇଟି ରାଜ୍ୟରେ ରେକର୍ଡ ମତଦାନ କାହା ସପକ୍ଷରେ ଯାଇଛି? ଏହାକୁ ନେଇ ଚର୍ଚ୍ଚା ଆଲୋଚନା ଜୋର ଧରିଛି। ଏକ ସମୟରେ ୫ଟି ରାଜ୍ୟରେ ନିର୍ବାଚନ ହୋଇଥିବା ବେଳେ ସମସ୍ତଙ୍କର ନଜର ରହିଛି ପଶ୍ଚିମ ବଙ୍ଗ ଉପରେ। ରାଜ୍ୟରେ କ୍ରମାଗତ ଚତୁର୍ଥ ଥର ଲାଗି କ୍ଷମତା ବଜାୟ ରଖିବା ଲାଗି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଉଦ୍ୟମ ଚଳାଇଥିବା ବେଳେ ପ୍ରଥମ ଥର ଲାଗି କ୍ଷମତା ଦଖଲ ଲାଗି ସମସ୍ତ ଶକ୍ତି ଖଟାଇଛି ବିଜେପି। ବିବାଦୀୟ ଏସଆଇଆର ମଧ୍ୟରେ ହୋଇଥିବା ଏହି ନିର୍ବାଚନର ଫଳାଫଳ କଣ ହେବ ତାହା ଉପରେ ସମସ୍ତଙ୍କର ନଜର ରହିଛି। ତେବେ ରେକର୍ଡ ହାର ମତଦାନକୁ ନେଇ ଉଭୟ ଟିଏମସି ଏବଂ ବଜେପି ନିଜ ନିଜ ସପକ୍ଷରେ ଦାବି ଜଣାଇଛନ୍ତି। ମମତା କହୁଛନ୍ତି ଯେ ଟିଏମସି ଜିତିବ ଏବଂ ବିଜେପି ନେତା କହୁଛନ୍ତି ସେମାନଙ୍କ ପାର୍ଟି ଜିତିବ।



ସାଧାରଣତଃ ବିଶ୍ୱାସ କରାଯାଏ ଯେ ଅତ୍ୟଧିକ ଭୋଟ ପଡ଼ିଲେ ଏହା ସରକାର ବିରୋଧରେ ଯାଏ। ଏହି ଧାରା ଜାରି ରହିଲେ ମମତା ସରକାର ଯିବା ନିଶ୍ଚିତ। କାରଣ ନିର୍ବାଚନ କମିସନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ପଶ୍ଚିମବଙ୍ଗରେ ୨୦୧୧ରେ ସର୍ବାଧିକ ମତଦାନ ୮୪.୭୨ ପ୍ରତିଶତ ରେକର୍ଡ କରାଯାଇଥିଲା। ଏଥିରେ ବାମପନ୍ଥୀ ସରକାରକୁ ଗାଦିଚ୍ୟୁତ କରି ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହାପରେ ହୋଇଥିବା ନିର୍ବାଚନରେ ମତଦାନ ହାର କମିବାକୁ ଲାଗିଥିଲା। ୨୦୧୬ରେ ୮୩.୦୨ ମତଦାନ ହୋଇଥିବା ବେଳେ ୨୦୨୧ରେ ୮୨.୩୦ ପ୍ରତିଶତକୁ ଖସି ଆସିଥିଲା। କିନ୍ତୁ ଏଥର ନିର୍ବାଚନରେ ଭୋଟିଂ ହାର ପ୍ରଥମ ପର୍ଯ୍ୟାୟରେ ୯୨ ପ୍ରତିଶତ ହୋଇଛି। ଏହାକୁ ନେଇ ଉତ୍ସାହିତ ଥିବା ବିଜେପି ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୧୫୨ ଆସନ ମଧ୍ୟରୁ ବିଜେପିକୁ ମିଳିବ ୧୨୫ ଆସନ। ଅନ୍ୟପକ୍ଷରେ ମମତା କହିଛନ୍ତି ଯେ ତାଙ୍କ ଦଳ ପ୍ରଥମ ପର୍ଯ୍ୟାୟ ଜିତି ସାରିଛି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ବିଜେପିକୁ ଚୂରମାର କରିଦେବ। ଉଭୟ ଦଳର ନେତା ବିଜୟ ଦାବି କରୁଥିଲେ

- **ଏସ୍‌ଆଇଆର୍‌କୁ ନେଇ ଆତଙ୍କିତ ଭୋଟର**
- **ନାମ କଟିଯିବା ଭୟରେ ମତଦାନ କେନ୍ଦ୍ରରେ ଭିଡ଼**
- **ବିହାରରେ ବି ବଢ଼ିଥିଲା ୧୦% ମତଦାନ ହାର**

ମଧ୍ୟ ସେମାନଙ୍କ କଥାରେ ସେଭଳି ଦମ୍ଭ ଥିଲା ଭଳି ମନେହେଉନି। ସେମାନେ ବି ଦ୍ୱନ୍ଦ୍ୱରେ ଅଛନ୍ତି। ନିର୍ବାଚନ ଉପରେ ତୀକ୍ଷ୍ଣ ନଜର ରଖୁଥିବା ରାଜନୀତି ବିଶେଷଜ୍ଞମାନେ ମଧ୍ୟରେ ଦ୍ୱନ୍ଦ୍ୱରେ। ରେକର୍ଡ ମତଦାନ କାହା ସପକ୍ଷରେ ଯାଇଛି, ତାହା ସେମାନେ ମଧ୍ୟ ନିଶ୍ଚିତ ହୋଇ ଆକଳନ କରିପାରୁ ନାହାନ୍ତି। ତେବେ ରେକର୍ଡ ମତଦାନର ଦୁଇଟି ପ୍ରମୁଖ କାରଣ ରହିଛି। ପ୍ରଥମଟି ହେଲା ଏସଆଇଆର ପରେ ପ୍ରଥମ ଥର ହୋଇଥିବା ନିର୍ବାଚନରେ ୨୦୨୪ ଲୋକସଭା ନିର୍ବାଚନ ଅପେକ୍ଷା ଭୋଟରଙ୍କ ସଂଖ୍ୟା ୯୧ ଲକ୍ଷ କମିଛି। ଦ୍ୱିତୀୟ କାରଣଟି ହେଉଛି ଭୋଟର ତାଲିକାରେ ନିଜର ନାମ ବଜାୟ ରଖିବା ଲାଗି ରାଜ୍ୟ ବାହାରେ ଥିବା ଦାଦନ ଶ୍ରମିକ କାମଧନ୍ଦା ଛାଡ଼ି ବହୁସଂଖ୍ୟାରେ ଫେରି ଆସିଛନ୍ତି। ଏସ୍‌ଆଇଆରକୁ ନେଇ ଭୋଟରମାନଙ୍କ ମଧ୍ୟରେ ଭୟ ସଂଚାର ହୋଇଛି ଯେ ୨୦୨୬ରେ ମତଦାନ କରିନପାରିଲେ ସେମାନଙ୍କର ନାଗରିକତା କଟିଯିବ। ଏହି କାରଣରୁ ଅଧିକରୁ ଅଧିକ ଲୋକ ଭୋଟ୍ ଦେଇଛନ୍ତି।

ପୂର୍ବତନ ମୁଖ୍ୟ ନିର୍ବାଚନ କମିସନର ଏସୱାଇ କୁରେସୀଙ୍କ ମତରେ ବଙ୍ଗରେ ମତଦାନରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ରାଜ୍ୟରେ ଏସଆଇଆର ଯୋଗୁଁ ୯୧ ଲକ୍ଷଙ୍କ ନାମ କଟିଛି। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭୦ ଲକ୍ଷ ଲୋକଙ୍କ ନାମ କଟିଛି। ସେମାନଙ୍କର ନାମ କଟିନଥିଲେ ମତଦାନ ହାର ୮୩ ପ୍ରତିଶତ ହୋଇଥାଆନ୍ତା। ନିର୍ବାଚନ ବିଶେଷଜ୍ଞ ରାଜଦୀପ ସରଦେଶାଇ କହିଛନ୍ତି ଯେ ମତଦାନ ହାର ବଢ଼ିଲେ ଶାସକ ଦଳ ପରାଜିତ ହେବାର ଧାରଣା ଭୁଲ୍। ବିହାରର ଉଦାହରଣ ଦେଇ ସେ କହିଛନ୍ତି ଯେ ୨୦୨୦ରେ ବିହାରରେ ୫୭ ପ୍ରତିଶତ ମତଦାନ ହୋଇଥିବା ବେଳେ ୨୦୨୫ରେ ଏହି ହାର ୬୭ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଏଥିରେ କ୍ଷମତାସୀନ ମେଣ୍ଟ ଅଧିକ ଆସନ ପାଇ ବିଜୟୀ ହୋଇଥିଲା। ତେଣୁ ମତଦାନ ହାରରୁ ଜୟ ପରାଜୟର ଆକଳନ କରାଯିବା ଠିକ୍ ନୁହେଁ।

## ଜ୍ଞାନେଶଙ୍କୁ ବହିଷ୍କାର ପାଇଁ ପୁଣି ନୋଟିସ୍

ନୂଆଦିଲ୍ଲୀ, ୨୪।୪(ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କୁ ହଟାଇବା ପାଇଁ ପୁଣି ଅଭିଯାନ ଆରମ୍ଭ କରିଛନ୍ତି ବିରୋଧୀ ଦଳ। ତାଙ୍କୁ ବହିଷ୍କାର ନିମନ୍ତେ ଆଜି ରାଜ୍ୟସଭାରେ ନୋଟିସ ଦାଖଲ କରାଯାଇଛି। କଂଗ୍ରେସ ସମେତ ବିଭିନ୍ନ ବିରୋଧୀ ଦଳର ପ୍ରାୟ ୭୩ ଜଣ ସାଂସଦ ଏହି ନୋଟିସରେ ସ୍ୱାକ୍ଷର କରିଛନ୍ତି। ସେମାନଙ୍କ ମଧ୍ୟରେ କଂଗ୍ରେସ, ଟିଏମସି, ଡିଏମକେ, ଏନସିପି (ଶରଦ), ଶିବ ସେନା (ଉଦ୍ଧବ), ଆରଜେଡି ଏବଂ ସମାଜବାଦୀ ପାର୍ଟି ରହିଛନ୍ତି। ରାଜ୍ୟସଭାରେ ଦାଖଲ କରାଯାଇଥିବା ଏହି ନୋଟିସରେ ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ପକ୍ଷପାତପୂର୍ଣ୍ଣ ଆଚରଣ ଏବଂ ନିଜର କାର୍ଯ୍ୟଶୈଳୀରେ ପରିବର୍ତ୍ତନ ନକରିବା ଭଳି ଗୁରୁତର ଅଭିଯୋଗ ଅଣାଯାଇଛି। ବିହାର ଏବଂ ଅନ୍ୟାନ୍ୟ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏଏସ୍‌ଆଇଆର୍) ସମୟରେ ଜ୍ଞାନେଶ କୁମାର ବିଭେଦପୂର୍ଣ୍ଣ ଏବଂ ପକ୍ଷପାତମୂଳକ ଆଚରଣ କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି। କଂଗ୍ରେସ ସାଂସଦ ଜୟରାମ ରମେଶ ସମାଜିକ ଗଣମାଧ୍ୟମ ଏକ୍ସରେ କହିଛନ୍ତି ଯେ, ଗତ ମାର୍ଚ୍ଚ ୧୫ରେ ନିର୍ବାଚନ ଘୋଷଣା ହେବା ପରଠାରୁ ଜ୍ଞାନେଶ କୁମାରଙ୍କ କାର୍ଯ୍ୟକଳାପ ସମ୍ବିଧାନ ବିରୋଧୀ ରହିଛି। ତାଙ୍କ ବିରୋଧରେ ୯ଟି ନିର୍ଦ୍ଦିଷ୍ଟ ଅଭିଯୋଗ କରାଯାଇଛି, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ। ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ମୁଖ୍ୟ ନିର୍ବାଚନ କମିସନର ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ମାର୍ଚ୍ଚ ୧୨ରେ ମଧ୍ୟ ୧୯୩ ଜଣ ସାଂସଦଙ୍କ ସ୍ୱାକ୍ଷରିତ ଏକ ବହିଷ୍କାର ପ୍ରସ୍ତାବ ଆଗତ କରାଯାଇଥିଲା, କିନ୍ତୁ ଲୋକସଭା ବାଚସ୍ପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ଏହାକୁ ଖାରଜ କରିଦେଇଥିଲେ। ବର୍ତ୍ତମାନ ବିରୋଧୀ ଦଳଗୁଡ଼ିକ ପ୍ରାୟ ୨୦୦ରୁ ଅଧିକ ସାଂସଦଙ୍କ ସମର୍ଥନ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ଆଗାମୀ ଦିନରେ ଏକ ବଡ଼ ରାଜନୈତିକ ସଂଘର୍ଷର ସଙ୍କେତ ଦେଇଛି।





## ମମତା ବାନାର୍ଜୀ-ଅମିତ ଶାହ ମୁହାଁମୁହିଁ

କୋଲକାତା, ୨୪।୪: ପଶ୍ଚିମ ବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ମୁହାଁମୁହିଁ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ତଥା ବିଜେପି ନେତା ଅମିତ ଶାହ। ଅମିତ ଶାହ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟ ମତଦାନରୁ ସଙ୍କେତ ମିଳିସାରିଛି ଯେ ମମତା ଦିଦି କ୍ଷମତା ହରାଇଛନ୍ତି। ୧୫୨ ଆସନରୁ ବିଜେପି ୧୧୫ ଆସନ ଜିତିବା ନିଶ୍ଚିତ। ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ମମତା କହିଛନ୍ତି ଯେ ରାଜ୍ୟ ବିଧାନସଭା ନିର୍ବାଚନରେ ଟିଏମସି ନିଶ୍ଚିତ ଜିତିବ। ବିଜେପି ହାରିବା ଥୟ। ପଶ୍ଚିମବଙ୍ଗ ପରେ ଦିଲ୍ଲୀ ଉପରେ ତାଙ୍କର ନଜର ରହିଛି। ଦିଲ୍ଲୀରେ ସେ ବିଜେପିର ଶାସନ କ୍ଷମତାକୁ ଦୋହଲାଇ ଦେଲେ।

## ମଣିପୁରରେ ପୁଣି ହିଂସା: ଗୁଳିକାଣ୍ଡରେ ୩ ମୃତ


ଇମ୍ଫାଲ, ୨୪।୪(ଏଜେନ୍ସି): ମଣିପୁରର ଉଖରୁଲ ଜିଲ୍ଲାରେ ମୁଲ୍ଲମ ଗ୍ରାମ ଏବଂ ସିନାକେଇଥେଇ ଗ୍ରାମ ନିକଟରେ ଶୁକ୍ରବାର ସକାଳେ ଦୁଇଟି ପୃଥକ ପୃଥକ ସଂଘର୍ଷରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଏଲ୍. ସିଟଲୋଉ, ପି. ହାଓଲାଇ ଏବଂ ୨୯ ବର୍ଷୀୟ ଏଚ୍. ଜାମାଙ୍ଗ। ସଶସ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ହୋଇଥିବା ଏହି ଗୁଳି ବିନିମୟ ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ସଶସ୍ତ୍ର ଆତଙ୍କବାଦୀ ଗୋଷ୍ଠୀଙ୍କ ମଧ୍ୟରେ ଗୁଳି ବିନିମୟ ଏବଂ ଅତର୍କିତ ଆକ୍ରମଣ ଯୋଗୁଁ ୩ ଜଣଙ୍କର ମୃତ୍ୟୁ ଘଟିବା ସହ କିଛି ଘର ଜଳାଇ ଦିଆଯାଇଛି। ସକାଳ ପ୍ରାୟ ୫:୩୦ ସମୟରେ ପ୍ରଥମେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ସୁରକ୍ଷା ବଳ ମୁଲ୍ଲମ ଗ୍ରାମ ନିକଟରୁ ଉଦ୍ଧାର କରିଥିବା ଦୁଇଟି ମୃତଦେହ ଛଦ୍ମବେଶୀ ପୋଷାକ ପିନ୍ଧିଥିବା ଜଣାପଡ଼ିଛି। ଏପ୍ରିଲ ୧୮ ତାରିଖରେ ଏକ ସାଧାରଣ ନାଗରିକ କନଭୟ ଉପରେ ଆକ୍ରମଣ କରି ଦୁଇଜଣ ଟାଙ୍ଗଖୁଲ ନାଗାଙ୍କୁ ହତ୍ୟା କରାଯିବା ପରଠାରୁ ଏହି ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ, ମୁଲ୍ଲମ ଗ୍ରାମରେ ହୋଇଥିବା ଗୁଳିକାଣ୍ଡରେ କିଛି ଘରକୁ ମଧ୍ୟ ସଶସ୍ତ୍ର ଗୋଷ୍ଠୀ ଜଳାଇ ଦେଇଛନ୍ତି। କୁକି ଅର୍ଗାନାଇଜେସନ୍ ଫର୍ ହ୍ୟୁମାନ ରାଇଟ୍ସ ଟ୍ରଷ୍ଟ ଏହି ଘଟଣାକୁ ନିନ୍ଦା କରିବା ସହ ଦୁଇଜଣ ଗ୍ରାମ ସ୍ୱେଚ୍ଛାସେବୀଙ୍କ ହତ୍ୟା ପାଇଁ ତୁରନ୍ତ ତଦନ୍ତ ଦାବି କରିଛି। ଅନ୍ୟପଟେ, ଟାଙ୍ଗଖୁଲ ନାଗା ସମ୍ପ୍ରଦାୟର ସର୍ବୋଚ୍ଚ ସଂସ୍ଥା ଟାଙ୍ଗଖୁଲ ନାଗା ଲଙ୍ଗ ଅଭିଯୋଗ କରିଛି ଯେ, କୁକି କ୍ୟାଡରମାନଙ୍କ ଗତିବିଧି ବଢ଼ିବା ପରେ ପାଟ୍ରୋଲିଂ କରୁଥିବା ନାଗା ଗ୍ରାମରକ୍ଷୀଙ୍କ ଉପରେ ଅତର୍କିତ ଆକ୍ରମଣ କରାଯାଇଥିଲା, ଯେଉଁଥିରେ ଜାମାଙ୍ଗଙ୍କ ମୃତ୍ୟୁ ଘଟିଛି। ଟାଙ୍ଗଖୁଲ ସଂଗଠନଗୁଡ଼ିକ ଏହି ଆକ୍ରମଣ ପାଇଁ କୁକି ଆତଙ୍କବାଦୀଙ୍କୁ ଦାୟୀ କରୁଥିବା ବେଳେ କୁକି ସଂଗଠନଗୁଡ଼ିକ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

## ବର୍ଲିନରେ ଇରାନର ନିର୍ବାସିତ ଯୁବରାଜଙ୍କୁ କେଚ୍‌ଅପ୍ ମାଡ଼

ଜର୍ମାନୀ, ୨୪।୪(ଏଜେନ୍ସି): ଜର୍ମାନୀର ରାଜଧାନୀ ବର୍ଲିନରେ ଜଣେ ବ୍ୟକ୍ତି ଇରାନର ନିର୍ବାସିତ ଯୁବରାଜ ରେଜା ପହଲଭିଙ୍କ ଉପରକୁ ଟମାଟୋ କେଚଅପ୍ ଫିଙ୍ଗି ଆକ୍ରମଣ କରିଥିବା ସୂଚନା ମିଳିଛି। ଇରାନର ସରକାରୀ ଗଣମାଧ୍ୟମ ଆଇଆର୍‌ଏନ୍‌ଏ ଦ୍ୱାରା ପ୍ରସାରିତ ଏକ ୪୭ ସେକେଣ୍ଡର ଭିଡିଓରେ ଏହା ଦେଖିବାକୁ ମିଳିଛି। ପହଲଭି ଏକ କୋଠାରୁ ବାହାରି ଗାଡ଼ି ଆଡ଼କୁ ଯାଉଥିବା ବେଳେ ଜଣେ ବ୍ୟକ୍ତି ତାଙ୍କ ପିଠିରେ ପଛପଟୁ କେଚଅପ୍ ଫିଙ୍ଗିଥିଲେ। ତୁରନ୍ତ ସୁରକ୍ଷା କର୍ମୀମାନେ ଆକ୍ରମଣକାରୀଙ୍କୁ କାବୁ କରିନେଇଥିବା ବେଳେ ପହଲଭିଙ୍କୁ ସୁରକ୍ଷିତ ଭାବେ ଏକ କାର୍ ମଧ୍ୟକୁ ନିଆଯାଇଥିଲା। ସେହି ସମୟରେ ସେଠାରେ ଉପସ୍ଥିତ ଥିବା ଅନେକ ଲୋକ ଇରାନର ପତାକା ଧରି ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ଜର୍ମାନ ଚାନ୍ସେଲର ଫ୍ରେଡରିକ୍ ମର୍ଜଙ୍କ ସହ ଆଲୋଚନା କରିବା ପାଇଁ ପହଲଭି ବର୍ଲିନ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ୟୁରୋପୀୟ ନେତାମାନଙ୍କୁ ତେହେରାନ ଶାସନ ବିରୋଧରେ କଠୋର ପଦକ୍ଷେପ ନେବାକୁ ଏବଂ ଆଲୋଚନା ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି। ୟୁରୋପୀୟ ନେତାମାନଙ୍କୁ ତେହେରାନ ଉପରେ ଚାପ ପକାଇ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରିବା ଏବଂ ମୃତ୍ୟୁଦଣ୍ଡ ବନ୍ଦ କରିବା ପାଇଁ ସେ ନିବେଦନ କରିଛନ୍ତି। ନିର୍ବାସିତ ଯୁବରାଜ ପହଲଭି ହେଉଛନ୍ତି ଇରାନର ଶେଷ ଶାହଙ୍କ ପୁଅ। ୧୯୭୯ ଇସଲାମିକ୍ ବିପ୍ଳବ ତାଙ୍କ ପରିବାରକୁ କ୍ଷମତାରୁ ବହିଷ୍କାର କରିଥିଲା। ତାଙ୍କ ପରିବାରର ଶାସନ ପତନ ପୂର୍ବରୁ ସେ ୧୭ ବର୍ଷ ବୟସରେ ପାଇଲଟ୍ ତାଲିମ ପାଇଁ ଚାଲିଯାଇଥିଲେ। ସେବେଠାରୁ ବିଦେଶରେ ମୁଖ୍ୟତଃ ଆମେରିକାରେ ସେ ରହୁଛନ୍ତି। ଇରାନରେ ଧର୍ମନିରପେକ୍ଷ ଗଣତନ୍ତ୍ର ପାଇଁ ସମର୍ଥନ କରିଆସୁଛନ୍ତି।

## ଶକ୍ତିଶାଳୀ ସୌରଝଡ଼ରେ ରେଡ଼ିଓ ଯୋଗାଯୋଗ ବିଚ୍ଛିନ୍ନ

ନୂଆଦିଲ୍ଲୀ, ୨୪।୪(ଏଜେନ୍ସି): ସୂର୍ଯ୍ୟରୁ ନିର୍ଗତ ହୋଇଥିବା ଏକ ଅତି ଶକ୍ତିଶାଳୀ 'ଏକ୍ସ-କ୍ଲାସ୍' ସୌରଝଡ଼ ଯୋଗୁଁ ଶୁକ୍ରବାର ପୃଥିବୀର ସୂର୍ଯ୍ୟାଲୋକ ପଡୁଥିବା ଅଞ୍ଚଳରେ ବ୍ୟାପକ ରେଡିଓ ବ୍ଲାକଆଉଟ୍ ବା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବୈଜ୍ଞାନିକମାନଙ୍କ ଅନୁସାରେ, ଏହା ବର୍ତ୍ତମାନ ସୁଦ୍ଧା ସୂର୍ଯ୍ୟରୁ ନିର୍ଗତ ହୋଇଥିବା ସବୁଠାରୁ ଶକ୍ତିଶାଳୀ ବିକିରଣ ମଧ୍ୟରୁ ଅନ୍ୟତମ। ଏହି ବିକିରଣ ସିଧାସଳଖ ପୃଥିବୀର ବାୟୁମଣ୍ଡଳକୁ ପ୍ରଭାବିତ କରିଛି। ଏକ୍ସ କ୍ଲାସ୍ ସର୍ଟୱେଭ୍ ରେଡିଓ ଯୋଗାଯୋଗକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇଛି। ସୂର୍ଯ୍ୟର ପୃଷ୍ଠରେ ଘଟିଥିବା ଏହି ପ୍ରାକୃତିକ ପ୍ରକ୍ରିୟା ଦ୍ୱାରା ପୃଥିବୀର ବିମାନ ଚଳାଚଳ, ନୌସେନା ଏବଂ ଜରୁରୀକାଳୀନ ସେବା ପ୍ରଦାନକାରୀମାନେ ପ୍ରଭାବିତ ହୋଇଛନ୍ତି। ପୃଥିବୀର ସୂର୍ଯ୍ୟାଲୋକ ପଡୁଥିବା ଅଂଶରେ ଏହାର ପ୍ରଭାବ ସର୍ବାଧିକ ଦେଖିବାକୁ ମିଳିଛି। ସୂର୍ଯ୍ୟଙ୍କ ପୃଷ୍ଠରେ ଥିବା 'ସନ୍‌ସ୍ପଟ୍' ନିକଟରେ ଚୁମ୍ବକୀୟ କ୍ଷେତ୍ରର ହଠାତ୍ ପରିବର୍ତ୍ତନ ଯୋଗୁଁ ପ୍ରବଳ ଶକ୍ତି ଓ ବିକିରଣ ହୋଇ ପୃଥିବୀ ଆଡ଼କୁ ଆସିବା ଫଳରେ ଏହି ସ୍ଥିତି ଉପୁଜିଛି। ସୂର୍ଯ୍ୟର ପୃଷ୍ଠରୁ ଏହି ବିକିରଣ ମାତ୍ର ୮ ମିନିଟ୍ ମଧ୍ୟରେ ପୃଥିବୀର ଉପର ବାୟୁମଣ୍ଡଳରେ ପହଞ୍ଚିଥିଲା। ଏହା ବାୟୁମଣ୍ଡଳର ଆୟୋନୋସ୍ପିୟର୍‌ରେ ଥିବା ଡି-ଲେୟାରକୁ ଅତ୍ୟଧିକ ଚାର୍ଜ କରିଦେଇଥିଲା। ଫଳରେ ସାଧାରଣତଃ ଦୂର ସ୍ଥାନକୁ ଯୋଗାଯୋଗ ପାଇଁ ବ୍ୟବହୃତ ହେଉଥିବା ରେଡିଓ ତରଙ୍ଗଗୁଡ଼ିକ ପ୍ରତିଫଳିତ ହେବା ପରିବର୍ତ୍ତେ ବାୟୁମଣ୍ଡଳରେ ଶୋଷି ହୋଇ ରହିଗଲା। ଏହି କାରଣରୁ ପାଇଲଟ୍ ଏବଂ ସାମୁଦ୍ରିକ ଜାହାଜ ମଧ୍ୟରେ ହେଉଥିବା ଯୋଗାଯୋଗରେ ବିଭ୍ରାଟ ଦେଖାଦେଇଥିଲା। ବିଶେଷଜ୍ଞଙ୍କ ଅନୁସାରେ, ଏହି ସୌରଝଡ଼ ପରେ ଏକ କରୋନାଲ୍ ମାସ୍ ଇଜେକ୍ସନ ପୃଥିବୀ ଅଭିମୁଖେ ଆସିବାର ସମ୍ଭାବନା ରହିଛି। ଯଦି ଏହା ଘଟେ, ତେବେ ଆଗାମୀ ୧ ରୁ ୩ ଦିନ ମଧ୍ୟରେ ପୃଥିବୀରେ ଜିଓମ୍ୟାଗ୍ନେଟିକ ଝଡ଼ ସୃଷ୍ଟି ହୋଇପାରେ, ଯାହା ସାଟେଲାଇଟ୍, ଜିପିଏସ୍ ଏବଂ ବିଦ୍ୟୁତ୍ ଗ୍ରିଡ୍‌କୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ରହିଛି। ବର୍ତ୍ତମାନ ପାଇଁ ରେଡିଓ ବ୍ଲାକଆଉଟ୍ ସ୍ଥିତି କିଛି ମିନିଟ୍‌ରୁ ଏକ ଘଣ୍ଟା ପର୍ଯ୍ୟନ୍ତ ରହିପାରେ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।



## ମୋଜତାବା ଖାମେନେଇଙ୍କ ମୁହଁ ପୋଡ଼ିଯାଇଛି, ହୋଇପାରେ ପ୍ଲାଷ୍ଟିକ ସର୍ଜରୀ

ତେହେରାନ, ୨୪।୪(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ସେ ଗୁରୁତର ଭାବେ ଆହତ ହୋଇଥିବା ଦି ନ୍ୟୁୟର୍କ ଟାଇମ୍ସର ଏକ ରିପୋର୍ଟରେ ପ୍ରକାଶ ପାଇଛି। ନିଜ ପିତାଙ୍କ ମୃତ୍ୟୁ ପରେ ଦାୟିତ୍ୱ ଗ୍ରହଣ କରିଥିବା ମୋଜତାବା ଏବେ ଏକ ଗୁପ୍ତ ସ୍ଥାନରେ ରହି ଚିକିତ୍ସିତ ହେଉଛନ୍ତି। ସୂତ୍ର ଅନୁଯାୟୀ, ମୋଜତାବାଙ୍କ ମୁହଁ ଏବଂ ଓଠ ଗୁରୁତର ଭାବେ ପୋଡ଼ି ଯାଇଛି। ଫଳରେ ତାଙ୍କୁ କଥା କହିବାରେ ପ୍ରବଳ କଷ୍ଟ ହେଉଛି। ଏଥିପାଇଁ ତାଙ୍କୁ ପ୍ଲାଷ୍ଟିକ ସର୍ଜରୀର ଆବଶ୍ୟକତା ପଡ଼ିପାରେ ବୋଲି କୁହାଯାଉଛି। ଇସ୍ରାଏଲର ଆକ୍ରମଣ ଆଶଙ୍କାରେ ମୋଜତାବା କୌଣସି ସର୍ବସାଧାରଣ ସ୍ଥାନକୁ ଆସୁନାହାଁନ୍ତି। ସେ ନିଜକୁ ଦୁର୍ବଳ ଭାବେ ପ୍ରଦର୍ଶିତ କରିବାକୁ ଚାହୁଁନାହାଁନ୍ତି। ତାଙ୍କ ସହ ଯୋଗାଯୋଗ କେବଳ ହାତଲେଖା ଚିଠି ମାଧ୍ୟମରେ କରାଯାଉଛି। ମୋଜତାବା ଶାରୀରିକ ଭାବେ ଅସୁସ୍ଥ ଥିବାରୁ ଇରାନର ଶାସନ ବ୍ୟବସ୍ଥାରେ ସେନା ବର୍ତ୍ତମାନ ମୁଖ୍ୟ ଭୂମିକା ଗ୍ରହଣ କରିଛି।

## ଟ୍ରମ୍ପଙ୍କୁ ଇରାନର ଜବାବ: ଭାରତର ସଂସ୍କୃତି ଓ ସୌନ୍ଦର୍ଯ୍ୟ ଦେଖିବାକୁ ପରାମର୍ଶ

ନୂଆଦିଲ୍ଲୀ, ୨୪।୪(ଏଜେନ୍ସି): ଭାରତକୁ 'ନର୍କ ସଦୃଶ' ଭାବେ ବର୍ଣ୍ଣନା କରୁଥିବା ଏକ ବିବାଦୀୟ ମନ୍ତବ୍ୟକୁ ଡୋନାଲ୍ଡ ଟ୍ରମ୍ପ ସମର୍ଥନ କରିଛନ୍ତି। ଏହାପରେ ଭାରତରେ ଥିବା ଇରାନର କୂଟନୈତିକ ମିଶନଗୁଡ଼ିକ ଏହାର ତୀବ୍ର ପ୍ରତିବାଦ କରିଛନ୍ତି। ଇରାନ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଭାରତର ସୌନ୍ଦର୍ଯ୍ୟ ଏବଂ ସାଂସ୍କୃତିକ ସମୃଦ୍ଧତାକୁ ପ୍ରଶଂସା କରାଯାଇ ଟ୍ରମ୍ପଙ୍କୁ ପରିହାସ କରାଯାଇଛି। ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଟ୍ରୁଥ ସୋସିଆଲ ଆକାଉଣ୍ଟରେ ମାଇକେଲ ସାଭେଜଙ୍କ ଏକ ପୋଡକାଷ୍ଟ ମନ୍ତବ୍ୟକୁ ପୁନଃ-ପୋଷ୍ଟ କରିଥିଲେ। ସାଭେଜଙ୍କ ପୋଡକାଷ୍ଟରେ ଭାରତ ଏବଂ ଚୀନକୁ ନର୍କ ସଦୃଶ ଭାବେ ସମ୍ବୋଧିତ କରାଯାଇଥିଲା। ଏଥିସହିତ ଭାରତୀୟ ଏବଂ ଚୀନ ପ୍ରବାସୀଙ୍କୁ 'ଲାପଟପ୍ ଧାରୀ ଗ୍ୟାଙ୍ଗଷ୍ଟର' ବୋଲି ମଧ୍ୟ ଆକ୍ଷେପ କରାଯାଇଥିଲା। ମୁମ୍ବାଇରେ ଥିବା ଇରାନର କନ୍‌ସୁଲେଟ ଏହାର ଜବାବରେ ଟ୍ରମ୍ପଙ୍କୁ ଏକ ସାଂସ୍କୃତିକ ଡିଟକ୍ସର ଆବଶ୍ୟକତା ଅଛି ବୋଲି କହିଛନ୍ତି। ଅର୍ଥହୀନ ବାଜେ କଥା କହିବା ଅପେକ୍ଷା ଟ୍ରମ୍ପ ଭାରତ ଆସି ଏହାର ବାସ୍ତବତା ଦେଖନ୍ତୁ। ହାଇଦ୍ରାବାଦରେ ଥିବା ଇରାନର ଦୂତାବାସ ମଧ୍ୟ ଭାରତର ଖାଦ୍ୟପେୟ ଏବଂ ଦକ୍ଷିଣ ଭାରତର ସୌନ୍ଦର୍ଯ୍ୟକୁ ପ୍ରଶଂସା କରି ଏହାକୁ 'ସ୍ୱର୍ଗ' ସହ ତୁଳନା କରିଛନ୍ତି। ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ମନ୍ତବ୍ୟକୁ ଅଜ୍ଞତାପୂର୍ଣ୍ଣ, ଅଶୋଭନୀୟ ଏବଂ ନିମ୍ନରୁଚିର ବୋଲି କହି କଡ଼ା ନିନ୍ଦା କରିଛି। ରଣଧୀର ଜୈସୱାଲ କହିଛନ୍ତି ଯେ, ଏହି ପ୍ରକାରର ମନ୍ତବ୍ୟ ଭାରତ ଏବଂ ଆମେରିକା ମଧ୍ୟରେ ଥିବା ପାରସ୍ପରିକ ସମ୍ମାନ ଓ ସୁସମ୍ପର୍କର ପ୍ରତିଫଳନ ନୁହେଁ।

# ଇରାନ ଯୁଦ୍ଧ: ଶେଷ ହେଉଛି ଆମେରିକାର ଅସ୍ତ୍ରଶସ୍ତ୍ର

ୱାସିଂଟନ, ୨୪।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଇରାନ ବିରୋଧରେ ସାମରିକ ଅଭିଯାନ ଜାରି ରହିଛି। ଏଥିରେ ଆମେରିକାର ଅତ୍ୟାଧୁନିକ ଏବଂ ବହୁମୂଲ୍ୟ ଯୁଦ୍ଧ ସାମଗ୍ରୀ ଦ୍ରୁତ ଗତିରେ ଶେଷ ହେବାରେ ଲାଗିଛି। ପେଣ୍ଟାଗନର ଆଭ୍ୟନ୍ତରୀଣ ଆକଳନ ଅନୁଯାୟୀ, ଏହି ଯୁଦ୍ଧ ଯୋଗୁଁ ଆମେରିକାର ଯୁଦ୍ଧ କରିବାର କ୍ଷମତା ଏବଂ ସାମରିକ ପ୍ରସ୍ତୁତି ଉପରେ ପ୍ରବଳ ଚାପ ସୃଷ୍ଟି ହୋଇଛି। ଇରାନ ସହ ଚାଲିଥିବା ଦୀର୍ଘ ସଂଘର୍ଷ ଯୋଗୁଁ ଆମେରିକା ନିଜର ସମର ଭଣ୍ଡାର ବ୍ୟବହାର କରିବାକୁ ବାଧ୍ୟ ହୋଇଛି। ଏହି ଯୁଦ୍ଧ ସାମଗ୍ରୀ ମୁଖ୍ୟତଃ ଚୀନ୍ ଏବଂ ରୁଷିଆ ଭଳି ଶକ୍ତିଶାଳୀ ପ୍ରତିପକ୍ଷଙ୍କ ମୁକାବିଲା ପାଇଁ ସଂରକ୍ଷିତ ରଖାଯାଇଥିଲା। ବ୍ୟୟବହୁଳ ମିସାଇଲ୍ ଏବଂ ପ୍ରତିରକ୍ଷା ପ୍ରଣାଳୀର ଅତ୍ୟଧିକ ବ୍ୟବହାର ଯୋଗୁଁ ଆଗାମୀ ଦିନରେ ଅନ୍ୟ କୌଣସି ବଡ଼ ଯୁଦ୍ଧ ପାଇଁ ଆମେରିକାର ପ୍ରସ୍ତୁତି ଦୁର୍ବଳ ହେବାର ଆଶଙ୍କା ଦେଖାଦେଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧ ନୀତି ଯୋଗୁଁ ଆମେରିକୀୟ ସେନା ଏହି ସଙ୍କଟର ସମ୍ମୁଖୀନ ହୋଇଛି। ପେଣ୍ଟାଗନର ତଥ୍ୟ ଅନୁଯାୟୀ, ଇରାନରେ ପ୍ରାୟ ୧୩, ୦୦୦ ଲକ୍ଷ୍ୟସ୍ଥଳକୁ ଆମେରିକା ପକ୍ଷରୁ ଆକ୍ରମଣ କରାଯାଇଛି। ଏଥିସହିତ, ଜେନେରାଲ୍ ଏବଂ ପ୍ରତିରକ୍ଷା ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଏହି ସ୍ଥିତି ନାଟୋର ପୂର୍ବ ଭାଗ ଏବଂ ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ଆମେରିକାର ସୁରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିଦେଇଛି। ଫେବୃଆରୀ ମାସର ଶେଷ ଭାଗରୁ ଇରାନରେ ଏହି ଯୁଦ୍ଧ ଆରମ୍ଭ ହୋଇଛି। ଦୀର୍ଘ ୩୮ ଦିନ ଧରି ଚାଲିଥିବା ଏହି ସଂଗ୍ରାମ ଯୋଗୁଁ ମଧ୍ୟପ୍ରାଚ୍ୟରେ

**ସାମରିକ ପ୍ରସ୍ତୁତି ନେଇ ବଢୁଛି ଚିନ୍ତା**

ଆମେରିକାର ସାମରିକ ଗତିବିଧି ବୃଦ୍ଧି ପାଇଛି। ପରିଣାମ ସ୍ୱରୂପ ୟୁରୋପ ଏବଂ ଏସିଆରୁ ସାମରିକ ଉପକରଣଗୁଡ଼ିକୁ ସ୍ଥାନାନ୍ତର କରାଯାଉଛି। ଅସ୍ତ୍ରଶସ୍ତ୍ରର ବ୍ୟବହାର ଏହାର ଉତ୍ପାଦନ ହାର ତୁଳନାରେ ବହୁତ ଅଧିକ ରହିଛି। ଏହି ଯୁଦ୍ଧରେ ପ୍ରାୟ ହଜାରରୁ ଅଧିକ ଜାସମ୍-ଇଆର୍ କ୍ରୁଜ୍ ମିସାଇଲ୍, ଟୋମାହକ୍ ମିସାଇଲ ଓ ପାଟ୍ରିଅଟ୍ ଇଣ୍ଟରସେପ୍ଟର ମିସାଇଲ୍ ବ୍ୟବହାର କରାଯାଇଛି। ଏହି ମିସାଇଲଗୁଡ଼ିକ ବାର୍ଷିକ ଉତ୍ପାଦନର ୧୦ ଗୁଣ ଅଧିକ ବ୍ୟୟ ହେଉଛି। ଗୋଟିଏ ଗୋଟିଏ ଟୋମାହକ୍ ଓ ପାଟ୍ରିଅଟ ମିସାଇଲର ମୂଲ୍ୟ ହାରାହାରି ପ୍ରାୟ ୩୪ରୁ ୩୮ କୋଟି ଟଙ୍କା ରହିଛି। ଏହି ଯୁଦ୍ଧରେ ପ୍ରତିଦିନ ପ୍ରାୟ ୧ ବିଲିୟନ ଡଲାର ବା ୯, ୪୨୪ କୋଟି ଟଙ୍କା ଖର୍ଚ୍ଚ ହେଉଥିବା କୁହାଯାଇଛି। ଏଯାଏଁ ମୋଟ ଖର୍ଚ୍ଚ ୨୮ ରୁ ୩୫ ବିଲିୟନ ଡଲାର ମଧ୍ୟରେ ରହିଥିବା ଅନୁମାନ କରାଯାଉଛି। ସିନେଟର ଜ୍ୟାକ୍ ରିଡ୍‌ଙ୍କ ଅନୁଯାୟୀ, ବର୍ତ୍ତମାନର ଉତ୍ପାଦନ ହାରରେ ଏହି ଶେଷ ହୋଇଯାଇଥିବା ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ପୁଣି ଭରିବା ପାଇଁ ଅନେକ ବର୍ଷ ଲାଗିବ।



## ନେତନ୍ୟାହୁଙ୍କ ଇରାନ ଯୁଦ୍ଧ ଯୋଜନାକୁ ପ୍ରତ୍ୟାଖ୍ୟାନ କରିଥିଲେ ଓବାମା, ବାଇଡେନ

ନୂଆଦିଲ୍ଲୀ, ୨୪।୪(ଏଜେନ୍ସି): ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ରଣନୀତିକୁ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଆମେରିକାର ପୂର୍ବତନ ବୈଦେଶିକ ସଚିବ ଜନ୍ କେରି ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁସାରେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ଇରାନ ବିରୋଧୀ ଯୁଦ୍ଧ ଯୋଜନାକୁ ପୂର୍ବରୁ ତିନିଜଣ ଆମେରିକୀୟ ରାଷ୍ଟ୍ରପତି ଯଥା ଜର୍ଜ ଡବ୍ଲ୍ୟୁ ବୁଶ୍, ବାରାକ ଓବାମା ଏବଂ ଜୋ ବାଇଡେନ ପ୍ରତ୍ୟାଖ୍ୟାନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଡୋନାଲ୍ଡ ଟ୍ରମ୍ପ ଏହି ବିବାଦୀୟ ଯୋଜନାକୁ ଅନୁମୋଦନ କରିଥିଲେ, ଯାହା ବର୍ତ୍ତମାନ ବିଶ୍ୱ ରାଜନୀତିରେ ଆଲୋଡନ ସୃଷ୍ଟି କରିଛି। ଜନ୍ କେରି ଏକ ସାକ୍ଷାତକାରରେ କହିଛନ୍ତି ଯେ ନେତନ୍ୟାହୁ ଦୀର୍ଘ ଦିନରୁ ଇରାନରେ ଶାସନ ପରିବର୍ତ୍ତନ ପାଇଁ ଯୁଦ୍ଧର ପ୍ରସ୍ତାବ ଦେଇ ଆସୁଥିଲେ। ନେତନ୍ୟାହୁଙ୍କ ଯୁକ୍ତି ଥିଲା ଯେ ଯୁଦ୍ଧ ହେଲେ ଇରାନର ଜନସାଧାରଣ ବିଦ୍ରୋହ କରିବେ, ମାତ୍ର କେରିଙ୍କ ମତରେ ଏହା ଏକ ଭ୍ରମାତ୍ମକ ଧାରଣା ଥିଲା। ସେ ଭିଏତନାମ ଏବଂ ଇରାକ ଯୁଦ୍ଧର ଉଦାହରଣ ଦେଇ କହିଛନ୍ତି ଯେ ଆମେରିକୀୟ ଜନସାଧାରଣଙ୍କୁ ମିଥ୍ୟା କହି ଯୁଦ୍ଧକୁ ଟାଣିବା ଅନୁଚିତ। ଚଳିତ ବର୍ଷ ଫେବୃଆରୀ ମାସରେ ନେତନ୍ୟାହୁ ହ୍ୱାଇଟ୍ ହାଉସ୍ ଗସ୍ତ ସମୟରେ ଟ୍ରମ୍ପଙ୍କୁ ଏହି ଯୋଜନା ବୁଝାଇଥିଲେ। ଯଦିଓ ଟ୍ରମ୍ପଙ୍କ ନିଜସ୍ୱ ପରାମର୍ଶଦାତାମାନେ ଏହି ଯୋଜନାକୁ 'ହାସ୍ୟାସ୍ପଦ' ବୋଲି କହି ବିରୋଧ କରିଥିଲେ, ତଥାପି ଟ୍ରମ୍ପ ନିଜ ଜିଦ୍‌ରେ ଅଟଳ ରହି 'ଅପରେସନ୍ ଏପିକ ଫ୍ୟୁରୀ' କୁ ଅନୁମୋଦନ କରିଥିଲେ। ଏହି ନିଷ୍ପତ୍ତି ପରେ ହୋଇଥିବା ମାସେ ବ୍ୟାପୀ ସଂଘର୍ଷରେ ପ୍ରାୟ ୨, ୦୦୦ ରୁ ଅଧିକ ଲୋକ ପ୍ରାଣ ହରାଇଥିବାବେଳେ ବିଶ୍ୱ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଛି। ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଆମେରିକାର ପୂର୍ବତନ ଏବଂ ବର୍ତ୍ତମାନର ପ୍ରଶାସନ ମଧ୍ୟରେ ଥିବା ଏହି ମତଭେଦ ବର୍ତ୍ତମାନ ପଦାରେ ପଡ଼ିଛି। ଜନ୍ କେରିଙ୍କ ଏହି ବୟାନ ଇସ୍ରାଏଲ ଏବଂ ଆମେରିକାର ଆଗାମୀ କୂଟନୈତିକ ସମ୍ପର୍କକୁ ଏକ ନୂଆ ମୋଡ଼ ଦେଇପାରେ। ବିଶ୍ୱ ସମୁଦାୟ ଏବେ ଏହି ଯୁଦ୍ଧର ଦୀର୍ଘକାଳୀନ ପ୍ରଭାବକୁ ନେଇ ଚିନ୍ତିତ ଅଛନ୍ତି। ସାମରିକ ପଦକ୍ଷେପ ମାଧ୍ୟମରେ ସମାଧାନ ଖୋଜିବା ପରିବର୍ତ୍ତେ ଏହି ଯୁଦ୍ଧ ବିଶ୍ୱ ପାଇଁ ଏକ ନୂତନ ସଙ୍କଟ ସୃଷ୍ଟି କରିଛି। ପୂର୍ବତନ ରାଷ୍ଟ୍ରପତିଙ୍କ ସତର୍କତାକୁ ଏଡ଼ାଇ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଆଜି ବିଶ୍ୱ ରାଜନୀତିରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।



## ଶଶୁର, ଜ୍ୱାଇଁଙ୍କୁ ଟ୍ରେନ୍‌ରୁ ଠେଲି ମାରିଦେଲେ!

ରାୟଗଡ଼/ମୁନିଗୁଡ଼/କେସିଙ୍ଗା,୨୪।୪ (ସମିସ): ଚଳନ୍ତା ଟ୍ରେନ୍‌ରୁ ଖସି ଶଶୁର-ଜ୍ୱାଇଁ ମୃତ। ମୃତକଦ୍ୱୟ ହେଲେ, କଳାହାଣ୍ଡି ଜିଲ୍ଲା କେସିଙ୍ଗା ନିକଟ ଟିକାଇ ଗ୍ରାମର ଲିଙ୍ଗରାଜ ଶାହ (୮୦) ଓ ତାଙ୍କ ଜ୍ୱାଇଁ ସୁଦାମ ନାୟକ। ଆଶ୍ଚର୍ଯ୍ୟର କଥା ହେଲା, ଦୁଇଟି ପୃଥକ୍ ସ୍ଥାନରେ ଦୁର୍ଘଟଣାରେ ଦୁଇ ଜଣଙ୍କ ଜୀବନହାନି ହୋଇଛି। ରାୟଗଡ଼ା ରେଳ ଷ୍ଟେସନ୍‌ରେ ଲିଙ୍ଗରାଜଙ୍କ ମୃତ୍ୟୁ ହୋଇଥିବା ବେଳେ ମୁନିଗୁଡ଼ା ବ୍ଲକ୍ ଦହିଖାଲ ଷ୍ଟେସନ୍‌ରେ ସୁଦାମ ପ୍ରାଣ ହରାଇଛନ୍ତି। ଏହାକୁ ପରିବାରଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହା ପଛରେ ଅନ୍ୟ କିଛି କାରଣ ଥାଇପାରେ ବୋଲି ସେମାନେ ସନ୍ଦେହ କରୁଛନ୍ତି। କେହି ଦୁର୍ବୃତ୍ତ ଦୁଇଜଣଙ୍କୁ ଟ୍ରେନ୍‌ରୁ ଠେଲି ହତ୍ୟା କରିଥାଇପାରେ ବୋଲି କୁହାଯାଉଛି।

ସୂଚନାନୁଯାୟୀ, ଲିଙ୍ଗରାଜ କ୍ୟାନସର୍‌ରେ ପୀଡ଼ିତ। ଗତ ୨୩ ତାରିଖ ଦିନ ଜ୍ୱାଇଁ ସୁଦାମ ତାଙ୍କୁ ସାଙ୍ଗରେ ଧରି ଚିକିତ୍ସା ଲାଗି ବିଶାଖାପାଟନମ୍‌ସ୍ଥିତ ଏକ ହସ୍ପିଟାଲକୁ ଯାଇଥିଲେ। ଉଭୟ ସେଠାରୁ କୋରବା ଲିଙ୍କ୍ ଏକ୍ସପ୍ରେସ୍‌ରେ କେସିଙ୍ଗା ଷ୍ଟେସନ୍‌କୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ପ୍ରଥମେ, ରାୟଗଡ଼ା ଷ୍ଟେସନ୍‌ରେ ଲିଙ୍ଗରାଜଙ୍କ ମୃତ୍ୟୁ ଘଟିଥିଲା। ଟ୍ରେନ୍‌ଟି ପ୍ଲାଟ୍‌ଫର୍ମ-୫ରେ ଲାଗିବା ବେଳେ ଲିଙ୍ଗରାଜଙ୍କ ଗୋଡ଼ ଖସିଯିବାରୁ ସେ ତଳେ ପଡ଼ି ଯାଇଥିଲେ ଓ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କିନ୍ତୁ, ସେତେବେଳେ ଏ ସଂପର୍କରେ ସୁଦାମ ଜାଣିପାରିନଥିଲେ। କିଛି ସମୟ ପରେ ଶଶୁରଙ୍କୁ ସିଟ୍‌ରେ ନପାଇ ସୁଦାମ ବ୍ୟସ୍ତ ହୋଇ ମୁନିଗୁଡ଼ା ବ୍ଲକ୍ ଦହିଖାଲ ଷ୍ଟେସନ ଅଞ୍ଚଳରେ ଟ୍ରେନ୍‌ରୁ ଖସି ପଡ଼ିଥିବା ଅନୁମାନ କରାଯାଉଛି।

ଉଭୟଙ୍କ ଏଭଳି ଅସ୍ୱାଭାବିକ ମୃତ୍ୟୁକୁ ନେଇ କିଛି ସ୍ପଷ୍ଟ ହୋଇ ନଥିବା ବେଳେ ରାୟଗଡ଼ ଓ ମୁନିଗୁଡ଼ା ଜିଆର୍‌ପି ପୁଲିସ ତଦନ୍ତ ଜାରି ରଖିଛି। ସୁଦାମଙ୍କ ମୃତଦେହ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଶଶୁର ଲିଙ୍ଗରାଜଙ୍କ ମୃତଦେହ ପରିବାରକୁ ହସ୍ତାନ୍ତର ପ୍ରକ୍ରିୟା ଜାରି ରହିଛି ବୋଲି ପୁଲିସ୍ ସୂଚନା ଦେଇଛି।

**୨ ବର୍ଷ ହେଲା ଗଡୁଛି ମାମଲା**

# ଅଧ୍ୟାପକ ନିଯୁକ୍ତି ବିଳମ୍ବିତ



**ପ୍ରାୟ ୫୦ ଶୁଣାଣିରେ ପକ୍ଷ ରଖୁନାହାନ୍ତି ସରକାର**

**ଜୁନ୍‌ରେ ନିଯୁକ୍ତି ନ ଦେଲେ ଆନ୍ଦୋଳନ ଚେତାବନୀ**

ଭୁବନେଶ୍ୱର, ୨୪।୪ (ସମିସ): ୨୦୨୪ ମାର୍ଚ୍ଚରେ ୭୮୬ ଏସ୍ଏସ୍‌ବି ଅଧ୍ୟାପକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁଯାୟୀ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଅଧ୍ୟାପକ ହେବାପାଇଁ ରାଜ୍ୟର ପ୍ରାୟ ୮୨ ହଜାର ଆଶାୟୀ ଆବେଦନ କରିଛନ୍ତି। ମାତ୍ର ବିଜ୍ଞପ୍ତିକୁ ଦୁଇ ବର୍ଷ ବିତିଥିଲେ ମଧ୍ୟ ସରକାର ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରୁନାହାନ୍ତି। ଗୋଟିଏ ପଟେ ମାମଲା କୋର୍ଟରେ ଥିବା କହି ସରକାର ପରୀକ୍ଷା ବିଳମ୍ବ କରୁଛନ୍ତି, ଅପରପକ୍ଷରେ ଅଦାଲତରେ ନିଜର ପକ୍ଷ ରଖୁ ନାହାନ୍ତି। ଯାହାକୁ ନେଇ ଆଶାୟୀମାନେ କ୍ଷୁବ୍ଧ ହୋଇଛନ୍ତି। ସରକାର ଯଦି ହାଇକୋର୍ଟରେ ପକ୍ଷ ରଖୁ ନାହାନ୍ତି, ତାହାଲେ ଆଡଭୋକେଟ୍ ଜେନେରାଲ୍‌ଙ୍କୁ କାହିଁକି ନିଯୁକ୍ତି ଦେଇଛନ୍ତି ବୋଲି ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀ କରି ପ୍ରଶ୍ନ କରିଛନ୍ତି।

ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ପକ୍ଷରୁ ଆହୁତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ ରାଜ୍ୟରେ ନିଯୁକ୍ତି ବ୍ୟବସ୍ଥା ବାଟ ହୁଡ଼ିଛି। ୟୁଜିସି ନିୟମ ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟା ହେଉ ନ ଥିବା ଅଭିଯୋଗକରି ଜଣେ ଆଶାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାହାକୁ ଚ୍ୟାଲେଞ୍ଜ କରି ସରକାର ଡବଲ୍ ବେଞ୍ଚକୁ ଯାଇଛନ୍ତି। ମାତ୍ର ନିଜ ବିଜ୍ଞପ୍ତିକୁ ଡିଫେଣ୍ଡ କରିବା ପାଇଁ ସରକାର ନିଜର ପକ୍ଷ ରଖୁ ନାହାନ୍ତି। ହାଇକୋର୍ଟରେ ପ୍ରାୟ ୪୫ ରୁ ୫୦ ଥର ଏହି କେସର ଶୁଣାଣି ପାଇଁ ହୋଇଥିଲେ ମଧ୍ୟ ଆଡଭୋକେଟ୍ ଜେନେରାଲ୍ କିମ୍ବା ସରକାରୀ ଓକିଲ କୋର୍ଟରେ ଉପସ୍ଥିତ ହେଉ ନାହାନ୍ତି। ଫଳରେ ଦୀର୍ଘ ୨ ବର୍ଷ ହେଲା ମାମଲାର ରାୟ ଆସି ପାରୁନାହିଁ। ସରକାର ଯଦି କୋର୍ଟରେ ନିଜର ପକ୍ଷ ନ ରଖିବେ, ତାହାଲେ କାହିଁକି ସରକାରୀ ଓକିଲ ପାଇଁ ଟଙ୍କା ବ୍ୟୟ କରୁଛନ୍ତି? ଅନୁରୂପ ଭାବେ ଆଶାୟୀ ପରମେଶ୍ୱର ବଳ କହିଛନ୍ତି ଯେ, ଦୀର୍ଘ ୨ ବର୍ଷ ହେଲା ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ୮୨ହଜାର ଛାତ୍ରଛାତ୍ରୀ ମାନସିକ ଅବସାଦରେ କାଳାତିପାତ କରୁଛନ୍ତି। ସରକାର ଯଦି ଆଶାୟୀଙ୍କ ଭବିଷ୍ୟତ ସହ ଖେଳି ନିଯୁକ୍ତି ନ ଦେବେ, ତାହାଲେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିବ। ଆସନ୍ତା ମେ ୧୯ ତାରିଖରୁ ସମର ଭେକେସନ୍ ପାଇଁ ହାଇକୋର୍ଟ ବନ୍ଦ ହେବ। ଏହା ପୂର୍ବରୁ କେସ୍ ସାରି ଜୁନ୍ ପୂର୍ବରୁ ନିଯୁକ୍ତି ଦେବା ପାଇଁ ସେ ଦାବି କରିଛନ୍ତି। ଅନ୍ୟଥା ସମସ୍ତ ଆଶାୟୀ ପ୍ରାର୍ଥୀ ରଜରାସ୍ତାକୁ ଓହ୍ଲାଇବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଅଞ୍ଜଳୀ ମିଶ୍ର, ହରିଶଙ୍କର ସାହୁ, ଇନ୍ଦିରା ପ୍ରିୟଦର୍ଶିନି ବିଶ୍ୱାଳ, ପ୍ରଭତୀ ଜେନା ଓ ଲକ୍ଷ୍ମୀ ଗୌଡ଼ ପ୍ରମୁଖ ଆଶାୟୀ ଚେତାବନୀ ଦେଇଛନ୍ତି।

## ଏସିଆର ୧୬୯ତମ ସ୍ଥାନରେ କିଟ୍

ଭୁବନେଶ୍ୱର,୨୪।୪(ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ 'ଦି ଟାଇମ୍ସ ହାୟର ଏଜୁକେସନ୍' ଏସିଆ ୟୁନିଭର୍ସିଟି ର‍୍ୟାଙ୍କିଙ୍ଗ୍ ଫଳାଫଳ ପ୍ରକାଶ ପାଇଛି। ଗୁରୁବାର ପ୍ରକାଶିତ ବିଶ୍ୱସ୍ତରୀୟ ଏସିଆ ୟୁନିଭର୍ସିଟି ର‍୍ୟାଙ୍କିଙ୍ଗର ପୂର୍ବ ବର୍ଷଗୁଡ଼ିକ ଆପେକ୍ଷା ଏବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଅଧିକ ଉନ୍ନତ ପ୍ରଦର୍ଶନ କରି ଏସିଆର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାର ୧୬୯ ତମ ସ୍ଥାନରେ ରହିବା ସହ ଦେଶର ସମଗ୍ର ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୬ଷ୍ଠ ସ୍ଥାନରେ ରହିଥିବା ବେଳେ ପୂର୍ବ ଭାରତରେ ମଧ୍ୟ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। ଗତବର୍ଷ ଏହି ର‍୍ୟାଙ୍କିଙ୍ଗରେ କିଟ୍ ଏସିଆ ମହାଦେଶର ଶ୍ରେଷ୍ଠ ୧୮୪ତମ ସ୍ଥାନରେ ରହିଥିଲା। ଚଳିତବର୍ଷ ଶିକ୍ଷାଦାନ, ଗବେଷଣା, ଜ୍ଞାନ ବିନିମୟ, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ବିଭିନ୍ନ ମାନଦଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର ର‍୍ୟାଙ୍କିଙ୍ଗ୍ କରାଯାଇଥିଲା। ଗତ ୫୦ବର୍ଷ ମଧ୍ୟରେ ଏସିଆର ଲବ୍ଧପ୍ରତିଷ୍ଠ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ଟାଇମ୍ସ ହାୟର୍ ଏଜୁକେସନ୍ ପକ୍ଷରୁ ଏହି ଚୟନ ପ୍ରକ୍ରିୟା କରାଯାଇଛି। କିଟ୍ ମାତ୍ର ୨୮ ବର୍ଷର ଅନୁଷ୍ଠାନ ହୋଇଥିବା ବେଳେ ମାତ୍ର ୨୨ବର୍ଷର ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ରଥଖଳାରୁ...**

# ୨୬ ତୁମ୍ବର ଗୋଲେଇ ଶେଷ

ପୁରୀ, ୨୪।୪ (ସମିସ): ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବା ପରେ ମହାରଣା ସେବକମାନେ ତୁମ୍ବ ନିର୍ମାଣ କାମ ଜାରି ରଖିଛନ୍ତି। ଧୀରେଧୀରେ ଚଳଚଞ୍ଚଳ ହେଉଛି ରଥଖଳା। ଶୁକ୍ରବାର କାମ ଶେଷ ସୁଦ୍ଧା ତିନିରଥର ୨୬ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ଦେବଦଳନ ଏବଂ ନନ୍ଦିଘୋଷ ରଥର ୮ଟି ଲେଖାଏଁ ଏବଂ ତାଳଧ୍ୱଜ ରଥର ୧୦ଟି ତୁମ୍ବର ଗୋଲେଇ କାର୍ଯ୍ୟ ସରିଛି। ତିନି ରଥର ୪୨ଟି ଚକ ପାଇଁ ୪୨ଟି ତୁମ୍ବର ଆବଶ୍ୟକତା ଥିବା ବେଳେ କରତୀ ସେବକମାନେ ଶୁକ୍ରବାର ସୁଦ୍ଧା ସମସ୍ତ ୪୨ଟି ତୁମ୍ବ ଗଡ଼ କରି ତିନିରଥ ଚାଳିକୁ ଯୋଗାଇ ଦେଇଛନ୍ତି। ତାଳଧ୍ୱଜ ରଥ ମୋଟ ୧୪ଟି ଚକ ପାଇଁ ଆବଶ୍ୟକ ୧୪ ତୁମ୍ବରୁ ୧୦ଟିର ଗୋଲେଇ କାର୍ଯ୍ୟ ଶେଷ କରି ବାକି ୪ଟିର ଗୋଲେଇ କାର୍ଯ୍ୟ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ଜାରି ରହିଛି।



ସେହିପରି ଦେବଦଳନ ରଥର ମୋଟ ୧୨ଟି ଚକ ପାଇଁ ଯୋଗାଇ ଦିଆଯାଇଥିବା ୧୨ଟି ତୁମ୍ବ ମଧ୍ୟରୁ ୮ଟିର ଗୋଲେଇ କାର୍ଯ୍ୟ ସରି ବାକି ୪ଟିର ଗୋଲେଇ କାର୍ଯ୍ୟ ଚାଲିଛି। ନନ୍ଦିଘୋଷ ରଥର ମୋଟ ୧୬ଟି ଚକ ପାଇଁ ଦିଆଯାଇଥିବା ୧୬ଟି ଗଡ଼ ତୁମ୍ବ ମଧ୍ୟରୁ ୮ଟିର ଗୋଲେଇ କାର୍ଯ୍ୟ ସରି ୮ଟିର ଗୋଲେଇ କାର୍ଯ୍ୟ ଜାରି ରହିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ମୋଟ ୪୨ଟି ଚକ ପାଇଁ ଅରକଣ୍ଟା ପ୍ରସ୍ତୁତ ଜାରି ରଖିଛନ୍ତି। ଶୁକ୍ରବାର କାମ ଶେଷ ବେଳକୁ ଗୋଟିଏ ଗୋଟିଏ ଚକ ପାଇଁ ଆବଶ୍ୟକ ୬/୭ ଇଞ୍ଚିଆ ଅରକଣ୍ଟା ପ୍ରସ୍ତୁତ ସହ ବାକି ଚକଗୁଡ଼ିକର ଅରକଣ୍ଟା ନିର୍ମାଣ ପାଇଁ ଜିଆଇ ଲୁହା ରଡ଼ ମାପ ପ୍ରକାରେ କଟାଯାଉଛି।

## ଅନଲାଇନ ନିବେଶ ନାଁରେ ୨ କୋଟି ଠକେଇ

**ଦିଲ୍ଲୀରୁ ଅଭିଯୁକ୍ତକୁ ଗିରଫ କଲା କ୍ରାଇମବ୍ରାଞ୍ଚ**

କଟକ,୨୪।୪(ସମିସ): ଏକ ଅନଲାଇନ୍ ନିବେଶ ଠକେଇ ମାମଲାର ପର୍ଦ୍ଦାଫାଶ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। କ୍ରାଇମବ୍ରାଞ୍ଚ ସାଇବର ପୁଲିସ ଥାନାରେ ମାମଲା ରୁଜୁ ହେବା ପରେ, ଇନ୍ସପେକ୍ଟର ତପନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଦିଲ୍ଲୀର ଦ୍ୱାରକା ଅଞ୍ଚଳରେ ଚଢ଼ାଉ କରିଥିଲା। ବିନୟ କୁମାର ଶର୍ମା (୫୬) ନାମକ ଜଣେ ଠକକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ । ଅଭିଯୁକ୍ତ ନିକଟରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ ଏବଂ ପାନ୍ କାର୍ଡ ଭଳି ଅନେକ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତକୁ ଦ୍ୱାରକା କୋର୍ଟରେ ହାଜର କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ତାଙ୍କୁ ଭୁବନେଶ୍ୱରସ୍ଥିତ ଏସଡିଜେଏମ କୋର୍ଟରେ ହାଜର କରାଯିବ। ଅଭିଯୋଗକାରୀ ଜଣେ ବ୍ୟକ୍ତିଙ୍କୁ ଏକ ନକଲି ଅନଲାଇନ୍ ଟ୍ରେଡିଂ ପ୍ଲାଟଫର୍ମ ଜରିଆରେ ୨କୋଟି ୬ଲକ୍ଷ ,୭,୫୦୦ ଟଙ୍କା ଠକେଇ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକାରୀଙ୍କୁ ଗତ ୨୦୨୪ ଡିସେମ୍ବର ୨୩ରେ ହ୍ୱାଟସଆପ୍ ମାଧ୍ୟମରେ କିଛି ସାଇବର ଠକ ଯୋଗାଯୋଗ କରିଥିଲେ ଏବଂ ତାଙ୍କୁ ଏକ ଗ୍ରୁପରେ ସାମିଲ କରିଥିଲେ। ନିଜକୁ ଆର୍ଥିକ ବିଶେଷଜ୍ଞ ଏବଂ ଏକ ନାମୀ କମ୍ପାନୀର ଫଣ୍ଡ ମ୍ୟାନେଜର ଭାବେ ପରିଚୟ ଦେଇଥିଲେ। ଅଭିଯୋଗକାରୀଙ୍କୁ ନିବେଶ ଉପରେ ଅଧିକ ଲାଭ ମିଳିବାର ପ୍ରଲୋଭନ ଦେଖାଯାଇଥିଲା। ଏହି ଠକମାନେ ନିୟମିତ ଭାବେ ଷ୍ଟକ୍ ମାର୍କେଟ୍ ସୂଚନା ଦେଇ ଅଭିଯୋଗକାରୀଙ୍କ ବିଶ୍ୱାସ ଜିତିଥିଲେ। ବିଶ୍ୱାସ କରି ଅଭିଯୋଗକାରୀ ଗତ ୨୦୨୪ ଡିସେମ୍ବର ୨୩ ରୁ ୨୦୨୫ ମାର୍ଚ୍ଚ ୨୪ ମଧ୍ୟରେ ତାଙ୍କର ତିନୋଟି ବ୍ୟାଙ୍କ ଆକାଉଣ୍ଟରୁ ୫୪ଟି କାରବାର ମାଧ୍ୟମରେ ମୋଟ ୨,୦୬,୦୭,୫୦୦ ଟଙ୍କା ପାଞ୍ଚଟି ଭିନ୍ନ ଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ।

**ଟ୍ରେନ୍‌ରୁ ଖସି ପ୍ରାଣ ହରାଇଥିବା ଯାତ୍ରୀଙ୍କ ପରିବାରକୁ ମିଳିବ ୮ ଲକ୍ଷ ଟଙ୍କା କ୍ଷତିପୂରଣ**

## ରେଳବାଇ ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ ରଦ୍ଦ କଲେ ହାଇକୋର୍ଟ

କଟକ,୨୪।୪(ସମିସ): ୨୦୧୭ ମସିହାରେ ଟ୍ରେନରୁ ଖସି ପ୍ରାଣ ହରାଇଥିବା ଜଣେ ଯାତ୍ରୀଙ୍କ ପରିବାରକୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ସହ ସୁଧ ଅର୍ଥ ପ୍ରଦାନ କରିବାକୁ କୋର୍ଟ ରେଳବାଇକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ରେଳବାଇ ଟ୍ରିବ୍ୟୁନାଲର ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ରଶ୍ମୀ ସ୍ୱର୍ଗୀଆରୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଡକ୍ଟର ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କ୍ଷତିପୂରଣ ରାଶି ସହ ଆବେଦନ କରିବା ତାରିଖରୁ ବାର୍ଷିକ ୬ ପ୍ରତିଶତ ସୁଧ ପ୍ରଦାନ କରାଯିବ। ଏହି ରାଶି ମଧ୍ୟରୁ ୫୦ ପ୍ରତିଶତ ଆବେଦନକାରୀଙ୍କୁ ତୁରନ୍ତ ପ୍ରଦାନ କରାଯିବ ଏବଂ ବାକି ୫୦ ପ୍ରତିଶତ ତିନି ବର୍ଷ ପାଇଁ ଫିକ୍ସଡ ଡିପୋଜିଟ୍ ଭାବେ ରଖାଯିବ ବୋଲି ହାଇକୋର୍ଟ କହିଛନ୍ତି। ରେଳବାଇ ଆଇନ ଭଳି କଲ୍ୟାଣକାରୀ ଆଇନର ଉଦ୍ଦେଶ୍ୟ ହେଉଛି ପୀଡିତଙ୍କୁ ସାମାଜିକ ସୁରକ୍ଷା ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା, କେବଳ ବୈଷୟିକ କାରଣ ଦର୍ଶାଇ କ୍ଷତିପୂରଣ ପ୍ରଦାନ ପାଇଁ ମନା କରାଯାଇପାରିବ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ, ଗତ ୨୦୧୭ ଜୁଲାଇ ୮ ରେ ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସରେ ଗୁଆହାଟୀରୁ ବାଙ୍ଗାଲୋର ଯାତ୍ରା କରୁଥିବା ସମୟରେ ଯାତ୍ରୀ ଜଣକ ପୁରୀ ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ରେ ଟ୍ରେନରୁ ଖସିପଡିଥିଲେ ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୂର୍ବରୁ ଭୁବନେଶ୍ୱରସ୍ଥିତ ରେଳବାଇ କ୍ଲେମ ଟ୍ରିବ୍ୟୁନାଲ ଏହି ମାମଲାକୁ ଖାରଜ କରିଦେଇଥିଲେ। ଯାତ୍ରୀଙ୍କ ନିକଟରୁ ଟିକେଟ ମିଳି ନଥିବାରୁ ତାଙ୍କୁ 'ବୈଧ ଯାତ୍ରୀ' ଭାବେ ଗ୍ରହଣ କରାଯାଇନଥିଲା ଏବଂ ମୃତ୍ୟୁ ପାଇଁ ତାଙ୍କର ନିଜସ୍ୱ ଅବହେଳାକୁ ଦାୟୀ କରାଯାଇଥିଲା। ଏହା ବିରୋଧରେ ମୃତକଙ୍କ ପରିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ରାୟରେ ଉଲ୍ଲେଖ କରି କହିଛନ୍ତି ଯେ, ଦୁର୍ଘଟଣା ସମୟରେ ଟିକେଟ ହଜିଯିବା ବା ନଷ୍ଟ ହୋଇଯିବା ଏକ ସାଧାରଣ କଥା। କେବଳ ଟିକେଟ ମିଳିନାହିଁ ବୋଲି ଜଣେ ଯାତ୍ରୀଙ୍କୁ ଅବୈଧ କୁହାଯାଇପାରିବ ନାହିଁ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ଓ ହସ୍ତାନ୍ତର ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୪(ସମିସ): ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ (ଜିଏମ୍ଏପିଭି) ଯୋଜନାରେ ବିଦ୍ୟାଳୟ ନିର୍ମାଣ ପାଇଁ ୫ ଏକର ଜମି ଆବଶ୍ୟକ। ବିଦ୍ୟାଳୟ ନିର୍ମାଣରେ ଜମି ଯେପରି ପ୍ରତିବନ୍ଧକ ନ ହେବ, ସେଥିପାଇଁ ରାଜସ୍ୱ ବିଭାଗ ପଦକ୍ଷେପ ନେଇଛି। ଅଗ୍ରାଧିକାର ଭିତ୍ତିରେ ଉପଯୁକ୍ତ ୫ ଏକର ଜମି ଚିହ୍ନଟ କରିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର କରିବା ପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ଗ୍ରାମପଞ୍ଚାୟତ ସ୍ତରରେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପରିକଳ୍ପନା ହୋଇଛି। ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ୧୧୮ ଟି ବିଦ୍ୟାଳୟର ଉନ୍ନତୀକରଣ କରାଯିବ। ଏସବୁ ବିଦ୍ୟାଳୟକୁ ଚିହ୍ନଟ କରାଯାଇ ଗତ ଜାନୁଆରୀ ୭ ତାରିଖରେ ଶିଳାନ୍ୟାସ ମଧ୍ୟ କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୧୨ଟି ବିଦ୍ୟାଳୟ ଉନ୍ନତୀକରଣ ପାଇଁ ସରକାରଙ୍କ ଅନୁମୋଦନ ପାଇଛି।

**ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ**

## ମେ' ୪ରେ ମୁନା ମହାନ୍ତିଙ୍କ ଜାମିନ ଶୁଣାଣି

କଟକ,୨୪।୪(ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବିର ଏସ୍ଆଇ ପରୀକ୍ଷା କେଲେଙ୍କାରୀରେ ଗିରଫ ମୁନା ମହାନ୍ତିଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ମେ' ୪ ତାରିଖକୁ ଘୁଞ୍ଚିଛି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଆବେଦନକାରୀଙ୍କ ବିରୋଧରେ କଠୋର୍ ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମୁନା ମହାନ୍ତିଙ୍କ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ହାଇକୋର୍ଟରେ ଜାମିନ ଆବେଦନର ଶୁଣାଣି ବେଳେ ଆବେଦନକାରୀ ଶ୍ରୀ ମହାନ୍ତିଙ୍କ ତରଫରୁ ଦର୍ଶାଯାଇଥିଲା ଯେ କେତେକ ନୂଆ ତଥ୍ୟ ସମ୍ମୁଖକୁ ଆଣିବାକୁ ଗତକାଲି ଏକ ପିଟିସନ୍ ଦାଖଲ କରାଯାଇଛି।

ପ୍ରକାଶ ଥାଉକି, ସ୍ୱାସ୍ଥ୍ୟଗତ କାରଣ ପାଇଁ ଆବେଦନକାରୀଙ୍କୁ ଫେବ୍ରୁଆରି ୧୧ରେ ୧୫ ଦିନ ଅନ୍ତରୀଣ ଜାମିନ ହାଇକୋର୍ଟ ମଞ୍ଜୁର କରିଥିଲେ। ମୁନା ମହାନ୍ତିଙ୍କ ସହ ପ୍ରିୟଦର୍ଶିନୀ ସାମଲ, ଟି. ଅଭିମନ୍ୟୁ ଦୋରା, ଶ୍ରୀକାନ୍ତ ମହାରଣା, ଲୋକନାଥ ସାହୁ, ସାଗର କୁମାର ଗୌଡ଼, ତଫିମ ଅହମ୍ମଦ ଖାନ, ସୁରେଶ ଚନ୍ଦ୍ର ନାୟକଙ୍କ ନିୟମିତ ଜାମିନ ହାଇକୋର୍ଟରେ ବିଚାରାଧୀନ ରହିଛି।

**ବିଷାକ୍ତ ଖାଦ୍ୟ ଖାଇ କାକବନ୍ଧ ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା**

## ମୁଖ୍ୟ ସଚିବ ଓ ମୟୂରଭଞ୍ଜ ଏସ୍‌ପିଙ୍କୁ ଏନ୍ଏଚ୍ଆର୍‌ସିର ନୋଟିସ୍

ବାରିପଦା, ୨୪।୪ (ସମିସ): ବିଷାକ୍ତ ଖାଦ୍ୟ ଖାଇ ମୟୂରଭଞ୍ଜ ଜିଲ୍ଲା କାକବନ୍ଧ ଆଶ୍ରମ ସ୍କୁଲର ଜଣେ ଛାତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିବା ଏବଂ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ ହେବା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି) ହସ୍ତକ୍ଷେପ କରିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବର ଆଧାରରେ ନିଜଆଡ଼ୁ ଏକ ମାମଲା ରୁଜୁ କରି ଏହି ମାମଲାରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କମିଶନ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ମୟୂରଭଞ୍ଜ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦାଲଖ କରିବାକୁ ନିର୍ଦ୍ଦେଶ ରହିଛି। ଏଥିରେ ତଦନ୍ତର ସ୍ଥିତି ସହ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ସଂପର୍କରେ ତଥ୍ୟ ରଖିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ କାକବନ୍ଧ ଆଶ୍ରମ ସ୍କୁଲର ୧୫୬ ଛାତ୍ରଛାତ୍ରୀ ବିଷାକ୍ତ ଖାଦ୍ୟ ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୭ଜଣଙ୍କ ଅବସ୍ଥା ଉଦ୍‌ବେଗଜନକ ରହିବାରୁ ସେମାନଙ୍କୁ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁତରମାନଙ୍କ ମଧ୍ୟରୁ ପଞ୍ଚମ ଶ୍ରେଣୀରେ ପଢ଼ୁଥିବା ଛାତ୍ରୀ ରୁପାଲି ବେଶ୍ରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ସେହିପରି ଅନ୍ୟ ୩ଜଣ ସଂକଟାପନ୍ନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା।

ଏହି ଘଟଣାରେ ବିଜେଡି ସହ ପ୍ରମୁଖ ବିରୋଧୀ ଦଳ ଓ ବିଭିନ୍ନ ସଂଗଠନ ଆନ୍ଦୋଳନ ପରେ ମୃତ ଛାତ୍ରୀଙ୍କ ପରିବାରକୁ ୭ ଲକ୍ଷ ଟଙ୍କା ସରକାରୀ ସହାୟତା ଦିଆଯାଇଛି। ତେବେ ୫୦ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ବାପା କିମ୍ବା ମା'ଙ୍କୁ ସରକାରୀ ଚାକିରି, ନ୍ୟାୟିକ ତଦନ୍ତ ସହ ଦୋଷୀ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ପାଇଁ ଦାବି ହୋଇଛି। କିନ୍ତୁ ପ୍ରଶାସନ ପକ୍ଷରୁ କେବଳ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଜୟନ୍ତ ପାଣିଗ୍ରାହୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ବେଳେ ଘଟଣାର ତଦନ୍ତ ଆରଡିସିଙ୍କ ପକ୍ଷରୁ ଆରମ୍ଭ ହୋଇଛି।

**■ ଅସହ୍ୟ ହେଲା ସ୍ୱାମୀଙ୍କ ଅକାଳ ମୃତ୍ୟୁ**

## ସ୍ୱାମୀଙ୍କ ଶବ ଦେଖି ଡାକ୍ତରଖାନା ଛାତରୁ ଡେଇଁ ସ୍ତ୍ରୀର ଆତ୍ମହତ୍ୟା

**ବେସାହାରା ହୋଇଗଲେ ପୁଅ-ଝିଅ**

ବଲାଙ୍ଗିର,୨୪।୪(ସମିସ): ଅସହ୍ୟ ହେଲା ସ୍ୱାମୀଙ୍କୁ ଅକାଳରେ ହରାଇବାର ଦୁଃଖ। ଆଖି ଆଗରେ ହସ୍ପିଟାଲ ଶଯ୍ୟାରେ ସ୍ୱାମୀଙ୍କ ଶବ ଦେଖି ଚାରିଆଡ଼ ଅନ୍ଧାର ଛାଇଗଲା। କିଛି ବୁଦ୍ଧିବାଟ ଦିଶିଲାନି। କାନ୍ଦି କାନ୍ଦି ଆଖିରୁ ଲୁହ ଶୁଖିଯିବା ପରେ ହସ୍ପିଟାଲ ଛାତ ଉପରକୁ ଚଢ଼ି ତଳକୁ ଡେଇଁପଡ଼ିଲେ। ଭୀମଭୋଇ ମେଡିକାଲ କଲେଜରେ ଆଜି ଏଭଳି ଏକ ଦୁଃଖଦ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଏପଟେ ଆଗପଛ ହୋଇ ବାପା- ମା' ଚାଲିଯିବା ପରେ ସେମାନଙ୍କ ଦୁଇ ଶିଶୁ ବେସାହାରା ହୋଇପଡ଼ିଛନ୍ତି। ମୃତ ଦମ୍ପତି ହେଲେ, ପୁଇଁନ୍ତଳା ଥାନା ଡୁମେରବାହାଲି ଗାଁର ସେବକ ରାମବାଗ ଓ ତାଙ୍କ ପତ୍ନୀ ପଦ୍ମିନୀ ବାଗ।

ସୂଚନାନୁସାରେ, ସେବକ ଗାଡ଼ି ଚାଳକ ଭାବେ କାମ କରନ୍ତି। ଗୁରୁବାର ରାତିରେ କାମ ସାରି ଘରକୁ ଫେରୁଥିବା ବେଳେ ପୁଇଁନ୍ତଳା ଥାନା ମଲମୁଣ୍ଡା ନିକଟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ସେବକଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପରିବାରଲୋକେ ଖବର ପାଇ ଡାକ୍ତରଖାନାକୁ ଆସିଥିଲେ। ଏ ସଂପର୍କରେ ତାଙ୍କ ସ୍ତ୍ରୀ ପଦ୍ମିନୀ କିଛି ଜାଣିନଥିଲେ। ଶୁକ୍ରବାର ସକାଳୁ ସେ ମଧ୍ୟ ଡାକ୍ତରଖାନାକୁ ଆସିଥିଲେ। ଡାକ୍ତରଖାନା ଶଯ୍ୟାରେ ସେବକଙ୍କ ମରଶରୀର ଦେଖି ସେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। କାନ୍ଦିକାନ୍ଦି ନିଜ ଭାଗ୍ୟକୁ ନିନ୍ଦିବା ସହ ହଠାତ୍ ଆସୁଛି କହି ଡାକ୍ତରଖାନା ଭିତରକୁ ଚାଲିଯାଇଥିଲେ। ସେଠାକୁ ଯାଇ ପ୍ରଥମ ମହଲା ଛାତକୁ ଯାଇ ସେଠାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ସ୍ୱାମୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସ୍ତ୍ରୀଙ୍କ ମଧ୍ୟ ଶବ ବ୍ୟବଚ୍ଛେଦ କରି ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଉଭୟଙ୍କ କମ୍ ବୟସରେ ପୁଅ ଓ ଝିଅ ରହିଥିବାବେଳେ ସେମାନେ ଏହି ଘଟଣା ପରେ ବେସାହାରା ହୋଇଯାଇଛନ୍ତି। ଏହି ଦୁଃଖଦ ଘଟଣା ସାମ୍ନାକୁ ଆସିବା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି।

## କନିଷ୍ଠ ଶିକ୍ଷକଙ୍କ 'ନିୟମିତ' ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ଅଙ୍କୁଶ

କଟକ, ୨୪।୪(ସମିସ): କନିଷ୍ଠ ଶିକ୍ଷକଙ୍କ ବରିଷ୍ଠତା ପ୍ରସଙ୍ଗକୁ ନେଇ ଦାୟର ମାମଲାର ଶୁଣାଣି କରି ସରକାରଙ୍କୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ଏଥିସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୬ ଏପ୍ରିଲ ୨ରେ ପ୍ରକାଶିତ ବିଜ୍ଞପ୍ତି ଉପରେ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏପ୍ରିଲ୍ ୨ର ବିଜ୍ଞପ୍ତିରେ ଉଲ୍ଲେଖ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଏଚ୍.ଏସ୍ ରଣା ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୪ ସପ୍ତାହ ଭିତରେ ମାମଲାରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ୨୦୧୮ରେ କନିଷ୍ଠ ଶିକ୍ଷକ (ଚୁକ୍ତିଭିତ୍ତିକ) ଭାବେ ନିଯୁକ୍ତି ପାଇ ୩ ବର୍ଷର କାର୍ଯ୍ୟକାଳ ପୂରଣ କରିବା ପରେ ସେମାନଙ୍କୁ କନିଷ୍ଠ ଶିକ୍ଷକ ଭାବେ ନିୟୋଜିତ ହୋଇଥିଲେ। ୨୦୨୪ ଡିସେମ୍ବର ୧୧ରୁ ଆବେଦନକାରୀଙ୍କୁ ନିୟମିତ ଶିକ୍ଷକ (ଏଲିମେଣ୍ଟାରି) ଭାବେ ନିଯୁକ୍ତି ମିଳିଥିଲା। ତେବେ ୨୦୨୩-୨୪ରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ନିୟୋଜିତ ତଥା ୨୦୨୪ରେ ନିଯୁକ୍ତି ନିର୍ଦ୍ଦେଶନାମା ପାଇଥିବା କନିଷ୍ଠ ଶିକ୍ଷକ (ସ୍କିମାଟିକ)ଙ୍କୁ ସେମାନଙ୍କ ପ୍ରାରମ୍ଭିକ କାର୍ଯ୍ୟରେ ଯୋଗ ଦେବା ତାରିଖରୁ ନିୟମିତ କରିବାକୁ ନିଷ୍ପତ୍ତି ନେଇ ସରକାର ଏପ୍ରିଲ ୨ର ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାଦ୍ୱାରା ଗ୍ରେଡେସନ୍ ତାଲିକାରେ ୨୦୧୮ରୁ କାର୍ଯ୍ୟ କରିଆସୁଥିବା ଆବେଦନକାରୀଙ୍କ ଉପରେ ପରବର୍ତ୍ତୀ ସମୟରେ ନିଯୁକ୍ତ କନିଷ୍ଠ ଶିକ୍ଷକ ସ୍ଥାନିତ ହେବାର ସମ୍ଭାବନା ଦେଖାଦେଇଛି। ଏଭଳି ବିଜ୍ଞପ୍ତି ଦ୍ୱାରା ୨୦୧୮ରେ ନିଯୁକ୍ତ ଆବେଦନକାରୀ ବରିଷ୍ଠତା ହରାଇବେ ବୋଲି ଶୁଣାଣି ବେଳେ ଦର୍ଶାଯାଇଥିଲା।

**ଆତିଥେୟତାରେ ଅବହେଳାରୁ ଜୟ ରାଗି ନିଆଁବାଣ**

# ମାନଭଞ୍ଜନ କଲେ ମୁଖ୍ୟମନ୍ତ୍ରୀ!

ସମ୍ବଲପୁର,୨୪।୪(ସମିସ): ଆତିଥେୟତାରେ ଅବହେଳାରୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ରାଗି ନିଆଁବାଣ ହୋଇଗଲେ। ଏ ଦୃଶ୍ୟ ଦେଖି ଜୟଙ୍କୁ ବୁଝାଇବା ପାଇଁ ବାରମ୍ବାର ତାଙ୍କ ପାଖକୁ ଦୌଡ଼ିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଭାରତ ଓ ଜାପାନର ଷ୍ଟିଲ୍ ଜାଏଣ୍ଟଙ୍କ ଯୌଥ ଉଦ୍ୟୋଗ ଘୋଷଣା କାର୍ଯ୍ୟକ୍ରମରେ ଆଜି ଏଭଳି ଏକ ରୋଚକ ଦୃଶ୍ୟ ରାଜନୈତିକ ମହଲରେ ଆଲୋଚନାର ବିଷୟ ହୋଇଛି।

ଘଟଣାଟି ଥିଲା ଏହିପରି; ଆଜି ଜେଏସ୍‌ଡବ୍ଲ୍ୟୁ କାରଖାନା ପରିସରରେ ଏକ ସମାରୋହରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଏବଂ ଜାପାନର ଜେଏଫ୍ଇ ଷ୍ଟିଲ୍ କର୍ପୋରେସନ୍ ଆନୁଷ୍ଠାନିକ ଭାବେ ସେମାନଙ୍କ ମିଳିତ ଉଦ୍ୟୋଗ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ଜେଏଫ୍ଇ ହୋଲ୍ଡିଂସ୍ ସଭାପତି ଏବଂ ସିଇଓ ୟୋସିହିସା କିଟାନୋ ଏବଂ ଜାପାନ ରାଷ୍ଟ୍ରଦୂତ କେଇଚି ଓନୋ ଉପସ୍ଥିତ ଥିଲେ। ଅତିଥି ଭାବେ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିନ୍ତୁ ମଞ୍ଚରେ ଉପସ୍ଥିତ ସମ୍ବଲପୁର ଓ ଝାରସୁଗୁଡ଼ା ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇନଥିଲା। ପୂରା କାର୍ଯ୍ୟକ୍ରମରେ ସେମାନଙ୍କୁ ଉଦ୍‌ବୋଧନ ଦେବାକୁ ମଧ୍ୟ ଅବସର ଦିଆଗଲା ନାହିଁ। ସେମାନେ କେବଳ ମଞ୍ଚ ଉପରେ ବସି ରହିଲେ। ଏଭଳି ସ୍ଥିତି ଦେଖି ଜୟଙ୍କ ରାଗ ପଞ୍ଚମକୁ ଚଢ଼ି ଯାଇଥିଲା। ରାଗତମତମ ଜୟ ରକ୍ତଚାଉଳ ଚୋବାଇଥିଲେ।

କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମରେ ବିବୃତି ଦେଇ ଚାଲିଯାଉଥିବା ବେଳେ ପୂର୍ବତନ ରେଙ୍ଗାଲି ବିଧାୟକ ତାଙ୍କ ପାଖକୁ ଦୌଡ଼ି ଯାଇ ଜୟଙ୍କ ସ୍ଥିତାବସ୍ଥା ସଂପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଫେରିଆସି ଜୟଙ୍କ ମାନଭଞ୍ଜନ କରିବାକୁ ଉଦ୍ୟମ କରିଥିଲେ। ମୁଖ୍ୟମନ୍ତ୍ରୀ ଜୟଙ୍କୁ ବୁଝାଇ ବାହାରକୁ ଯିବା ପରେ ପୁଣି ଫେରୁଥା'ନ୍ତି। ଏହିପରି ଦୁଇତିନିଥର କରିବା ପରେ ଶେଷରେ ଜୟଙ୍କୁ ସାଙ୍ଗରେ ଡାକି ନିଜ ଗାଡ଼ିରେ ବସେଇ ନେଇଯାଇଥିଲେ ମୁଖ୍ୟମନ୍ତ୍ରୀ। ତେବେ ଏହି ଗୃହକଳିରୁ ଗଣମାଧ୍ୟମକୁ ଦୂରେଇ ରଖିବା ପାଇଁ ପୁଲିସ କର୍ଡନକୁ କଡ଼ାକଡ଼ି କରିଦିଆଯାଇଥିଲା। ଜୟନାରାୟଣ ଯେତେବେଳେ ଯାଇ ଗାଡ଼ିରେ ବସିଲେ, ସାମ୍ବାଦିକଙ୍କ କୌଣସି ପ୍ରଶ୍ନର ଉତ୍ତର ନଦେଇ ଚୁପ୍ ରହିଥିଲେ। କିନ୍ତୁ, ତାଙ୍କ ମୁହଁରୁ ରାଗରୋଷ ସ୍ପଷ୍ଟ ବାରି ହୋଇପଡୁଥିଲା।

ସମ୍ବଲପୁର ବିଜେପି ଜିଲ୍ଲା ସଭାପତିଠାରୁ ଆରମ୍ଭ କରି ସମସ୍ତ ବିଜେପି ନେତା କିଛି କହିବାକୁ ମନା କରିଦେଇ ସେଠାରୁ ଅତର୍ଚ୍ଛା ଭାବେ ପଳାଇ ଯାଇଥିଲେ। ଏଭଳି ହାଇଡ୍ରାମା ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ବେଳେ ଆୟୋଜକ ସଂସ୍ଥା ଏବଂ ସେମାନଙ୍କ ଅଧିକାରୀମାନେ ସ୍ତବ୍ଧ ହୋଇ ଚାହିଁ ରହିଥିଲେ।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ଲମତାପୁଟ,୨୪।୪(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ପଞ୍ଚାୟତ ସମିତି ଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ପଞ୍ଚାୟତିରାଜ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲମତାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ତ କୁମାର ମେହେର, ବ୍ଲକ ଅଧ୍ୟକ୍ଷ ତାପସ କୁମାର ଚାଲାଣ, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ପାଙ୍ଗି, ବିଧାୟକ ପ୍ରତିନିଧି ଆଦିତ୍ୟ ଶିଶା ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଲମତାପୁଟ ବ୍ଲକର ୧୫ ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ଅଙ୍ଗନୱାଡି କର୍ମୀ, ପୋଲିସ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ବିଭାଗର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ତ୍ରିସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ବଲାଙ୍ଗିର ଗାନ୍ଧି ଷ୍ଟାଡ଼ିୟମ ଠାରେ ଆୟୋଜିତ ହୋଇଥିବା ରାଜ୍ୟ ସ୍ତରୀୟ ପଞ୍ଚାୟତି ରାଜ ଦିବସ ପାଳନର ସିଧା ପ୍ରସାରଣ ଲମତାପୁଟ ବ୍ଲକ କାର୍ଯ୍ୟାଳୟରେ ଆଭାସୀ ମାଧ୍ୟମରେ ପ୍ରସାରଣ କରାଯାଇଥିଲା। ଏହି ଅବସରରେ ଲମତାପୁଟ ବ୍ଲକର ୧୬୧ ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନା ମାଧ୍ୟମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କାର୍ଯ୍ୟାଦେଶ ନେବାର ୩ ମାସ ଭିତରେ ଗୃହ କାର୍ଯ୍ୟ ସମାପ୍ତ କରିଥିବାରୁ ପ୍ରୋତ୍ସାହନ ରାଶି କୋଡ଼ିଏ ହଜାର ଟଙ୍କା ଦୁଇଜଣ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେମାନେ ହେଲେ ଅନକାଡେଲିର ହିତାଧିକାରୀ କୁଜି ଶିଶା ଓ ପେଟା ଗ୍ରାମ ପଞ୍ଚାୟତର ଗଙ୍ଗାଧର ପୂଜାରୀ। ଏହା ବ୍ୟତୀତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ତଥା ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ନିର୍ମାଣ, ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ଗୁରୁତ୍ୱ ଦେଇ ଉନ୍ନତି ମୂଳକ କାର୍ଯ୍ୟ କରିଥିବାରୁ ଚିକେନପୁଟ ଗ୍ରାମ ପଞ୍ଚାୟତକୁ ପ୍ରଥମ, ଲମତାପୁଟ ଗ୍ରାମ ପଞ୍ଚାୟତ ଦ୍ୱିତୀୟ ଓ ଅନକାଡେଲି ଗ୍ରାମ ପଞ୍ଚାୟତକୁ ତୃତୀୟ ସ୍ଥାନରେ ପୁରସ୍କାର ପ୍ରଦାନ ଏବଂ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅରୁଣ କୁମାର ସାହୁ, ବି.ଏସ୍.ଏସ୍.ଓ ସୁରେନ୍ଦ୍ର ଗୁମାଗୁଡିଆ ଏବଂ ବ୍ଲକର ସମସ୍ତ କର୍ମକର୍ତ୍ତାଙ୍କ ସହାୟତାରେ ଆୟୋଜନ ଓ ପରିଚାଳନା କରାଯାଇଥିଲା।

# ତେନ୍ତୁଳିଗୁମ୍ମାରେ ପାଣି ସମସ୍ୟା ଅନୁଧ୍ୟାନ କଲେ ଅଧିକାରୀ



ବୈପାରୀଗୁଡ଼ା,୨୪।୪(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମା ପଞ୍ଚାୟତର ପାଣି ସମସ୍ୟାକୁ ନେଇ ବହୁବାର ଅଭିଯୋଗ ପରେ ଆଜି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭଗ ଏସଡିଓ ଅକ୍ଷୟ ପଟ୍ଟନାୟକ ଗ୍ରାଉଣ୍ଡ ଜିରୋ ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେନ୍ତୁଳିଗୁମ୍ମା ପଞ୍ଚାୟତ ସଦର ମହକୁମା ସହ ନଦୀ ପରୋପଟେ ଥିବା ବିଭିନ୍ନ ଗାଁ ପରିଦର୍ଶନ କରି ପାଣି ସମସ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଭେଜିନିଗୁଡା, ମାଡୁକୁ, ଅଳାଗୁଡା ଗାଁରେ ପହଞ୍ଚି ପାଣି ସମସ୍ୟାକୁ ନେଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। ତେନ୍ତୁଳିଗୁମ୍ମା ସଦର ମହକୁମାରେ ଘରେ ଘରେ କିପରି ପାଣି ପହଞ୍ଚିବ ସେ ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଳାଗୁଡାରେ ଅଚଳ ସଲାର ପାନୀୟ ଜଳ ପ୍ରକଳ୍ପ ସଜାଡିବା ପାଇଁ ପ୍ରତିଶୃତି ଦେଇଛନ୍ତି। ମାଡୁକରେ ନଳକୂପ ଖନନ ହୋଇଛି। କିନ୍ତୁ ହ୍ୟାଣ୍ଡପମ୍ପ ଲାଗିନି। ଏହି ସମସ୍ୟା ସମାଧାନ ହେବ ବୋଲି କହିଛନ୍ତି। ସେହିଭଳି ନଦୀ ଆର ପଟେ ଡ଼ଙ୍ଗାରେ ପାର ହୋଇ ଭେଜିନିଗୁଡା ଯାଇଥିଲେ। ସେଠାରେ ନୂତନ ନଳକୂପ ଖନନ କରବା ପାଇଁ ନିଷ୍ପତି ନେଇଛନ୍ତି। ସୋଲାର ପାନୀୟ ଜଳ ପ୍ରକଳ୍ପ ଅତି ଶୀଘ୍ର ମରାମତି କରାଯିବ ବୋଲି ଗାଁ ଲୋକଙ୍କୁ ପ୍ରତିଶୃତି ଦେଇଛନ୍ତି। ଏଥିସହ ମାଟିଗୁଡା, ମାଙ୍କଡ଼ପାଣି, ମଧୁପୁରର ଅଚଳର ସୋଲାର ଅତିଶୀଘ୍ର ସଜାଡିବେ ବୋଲି କହିଛନ୍ତି। ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭଗ ଏସଡିଓଙ୍କ ପରିଦର୍ଶନ ସମୟରେ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ଧନୀ ହଂସୀଦା , ସ୍ଥାନୀୟ ସମାଜସେବୀ ତିଳକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ଗୁରୁତର ନାବାଳକ ମୃତ

ଜୟପୁର,୨୪।୪(ସମିସ): ଜୟପୁର ସଦରଥାନା ହାଟକଙ୍ଗା ଗ୍ରାମ ଛକ ଠାରେ ଗତ ୨୨ ତାରିଖରେ ବାଇକ୍ ଧକ୍କାରେ ଜୟପୁର ସଦର ଥାନା ଧଡ୍ରିଗୁଡା ଗ୍ରାମର ବାବୁରାମ ବିଶୋୟୀ (୧୭) ଗୁରୁତର ଭାବେ ଆହତ ହୋଇ ଜୟପୁରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଆଜି ଭୋରରୁ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ମୃତକଙ୍କ ପିତା ଶ୍ୟାମ ସୁନ୍ଦର ବିଶୋୟୀ ଲିଖିତ ଭାବେ ଥାନାରେ ଜଣାଇବା ପରେ ପୁଲିସ ଶବକୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ଗତ ୨୨ ତାରିଖରେ ମୃତ ନାବାଳକ ନିଜ ସ୍କୁଟି ଯୋଗେ କୁସୁମୀ ଗ୍ରାମକୁ ଯାଇ ଫେରିବା ରାସ୍ତା ଷ୍ଟେନସ କଙ୍ଗା ନିକଟ ରାସ୍ତା ପାଶ୍ୱର୍ରେ ସ୍କୁଟିକୁ ଅଟକାଇ ରଖି ଗାଡି ଉପରେ ବସି ଫୋନରେ କଥା ହେଉଥିବା ବେଳେ ପଛପଟେ ଏକ ବାଇକ (ଓଡି ୧୦ ଜେଡ୍-୪୦୭୩) ଧକ୍କା ଦେଇଥିଲା। ଫଳରେ ଗୁରୁତର ଅବସ୍ଥାରେ ନାବାଳକଙ୍କୁ କଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଜୟପୁର ଜିଲ୍ଲା ଚିକିତ୍ସାଳୟ ପରେ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏଥିନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯଇଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସଆଇ କାମାକ୍ଷ ପ୍ରସାଦ ବିଶୋୟୀ ପ୍ରକାଶ କରିଛନ୍ତି।

■ ନାବାଳିକା ଅପହରଣ, ଦୁଷ୍କର୍ମ ମାମଲା

# ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୨୪।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଅତିରିକ୍ତ ଜିଲ୍ଲା ଦୌରା ତଥା ପୋକ୍ସ କୋର୍ଟରେ ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ସହିତ ୪୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଟଙ୍କା ଅଦାଦେୟ ଅଧିକ ୧୫ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ। ଆଜି ପୋକ୍ସ ତଥା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଡ. ସଂଘମିତ୍ରା ଦାଶ ଏହି ମାମଲାର ବିଚାରଣା କରିଥିଲେ। ୯ ଜଣ ସାକ୍ଷ୍ୟକୁ ଭିତ୍ତି କର ଅଭିଯୁକ୍ତ କୋଟପାଡ ଥାନା ଷଡ଼ରଙ୍ଗା ଗ୍ରାମର ବିତ୍ୟା ପୂଜାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ତାଙ୍କ ରାୟରେ ଦଣ୍ଡ ବିଧାନ କରିଥିଲେ। ସେହିପରି ନାବାଳିକାଙ୍କୁ ଅଭିଯୁକ୍ତଙ୍କ ଠାରୁ ଆଦାୟ ହୋଇଥିବା ଜରିମାନା ୪୫ ହଜାର ଟଙ୍କା ସମେତ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଜିଲ୍ଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ ନାବାଳିକା ଓ ପରିବାରକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ଅନୁଯାୟୀ, ଗତ ୨୦୨୩ ମସିହାରେ ଅଭିଯୋଗକାରିଣୀ ତଥା ପୀଡିତାଙ୍କ ବିବାହ ପ୍ରତିଶୃତି ଦେଇ ଅଭିଯୁକ୍ତ ଅପହରଣ ଓ ଦୁଷ୍କର୍ମ ପରେ ପ୍ରତାରଣା କରିଥିବା ନେଇ କୋଟପାଡ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରକୁ ସରକାରଙ୍କ ପକ୍ଷରୁ ପୋକ୍ସ କୋର୍ଟର ସ୍ୱତନ୍ତ୍ର ସରକାରୀ ଓକିଲ ପି.ସନ୍ୟାସୀ ରାଓ ପରିଚାଳନା କରିଥିଲେ।

# ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ବେଳକୁ ଚେୟାର ଖାଲି



ପୋଡ଼ାଗଡ,୨୪।୪(ସମିସ): ସ୍ଥାନୀୟ ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ବ୍ଲକସ୍ତରୀୟ ପଞ୍ଚାୟତ ରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ସିଦ୍ଧେଶ୍ୱର ନାୟକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ଦଳିୟ କର୍ମୀ,ସମାଜ ସେବୀ ମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ପଞ୍ଚାୟତ ରାଜ ଦିବସର ଉଦେଶ୍ୟ ଓ ଲକ୍ଷ୍ୟ ଉପରେ ଅଭିଭାଷଣ ରଖିଥିଲେ। ପଞ୍ଚାୟତର ଉନ୍ନତି କରିବା, ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତରେ ଭଲ ନେତା ବାଛିବା ବୋଲି ବିଡ଼ିଓ ଶ୍ରୀ ନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବିଡ଼ିଓ ସୁଧିର କୁମାର ବେହେରା, ଜିଲ୍ଲା ଅତିରିକ୍ତ ଏସ୍‌ଡିସି ଅଧକ୍ଷା ସୁକାନ୍ତି ମାଝୀ, ପୂର୍ବତନ ବ୍ଲକ ଅଧକ୍ଷ ତଥା ଜିଲ୍ଲା ବିଜେଡ଼ି ଉପସଭାପତି ନାରାୟଣ ବିଶୋଇ, ସିଡିପିଓ କବିତା ନାଗ,ବିଜେଡି ବ୍ଲକ ସଭାପତି ମହେନ୍ଦ୍ର କୁମାର କୁଳଦିପ, ବରିଷ୍ଠ ନେତା କୁଲିଏସ୍ ଖରା, ମହୋନ ପାତ୍ର ହିଆଲ, ପଙ୍କଜ ବାଘ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ଦଳେଇ, ବିଜେପି ବ୍ଲକ ସଂପାଦକ କୃପା ରାଇ, ମଣ୍ଡଳ ସଭାପତି ସୀତା ରାମ ରାଇ, ଜିଲ୍ଲା ବିଜେପି ଉପ ସଭାପତି ରବି ଚନ୍ଦ୍ର ପାଢି, ସମିତି ସଭ୍ୟ ପଦ୍ମନାଭ ଜାନୀ, ଏଲ୍ ଇ ମଧୁସ୍ମିତା ବାଘ, ରାଜୁ ବାଘ ସମେତ ସମସ୍ତ ପଞ୍ଚାୟତର ପିଇଓ, ଯୋଗାଣ ସହାୟକ, ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର, ଏମ୍‌ବିକେ, ସିଆର୍‌ପି ପ୍ରମୁଖ ଉପସ୍ଥିତ ଥିବା ବେଳେ ଜିପିଓ ବେଦବ୍ୟାସ ହରିପାଲ ପରିଚାଳନା କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଲୋକଙ୍କୁ ଉଦ୍‌ବୋଧନ ସମୟରେ ସମ୍ପୂର୍ଣ ଚେୟାର ଖାଲି ପଡ଼ିଥିବା ଦେଖିବାକୁ ମିଳିଥିଲା।

● ହୋଟେଲରେ ପୋଡ଼ା ଇଞ୍ଜିନ ତେଲ ଜାଳି ରୋଷେଇ ଘଟଣା

# ହୋଟେଲ ମାଲିକଙ୍କୁ ଜରିମାନା ସହ ତାଗିଦ୍

କାଳିମେଳା,୨୪।୪(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା କିଙ୍ଗସ୍ ହୋଟେଲରେ ପୋଡ଼ା ଇଞ୍ଜିନ ତେଲ ଜାଳି ରୋଷେଇ କରାଯାଉଥିବା ଘଟଣା ସାମ୍ନାକୁ ଆସିଥିଲା। ଏହାକୁ ନେଇ ଗତ ଶନିବାର ଦିନ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହି ଘଟଣା ପରେ ଖାଦ୍ୟ ସୁରକ୍ଷା ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଉକ୍ତ ହୋଟେଲ ଉପରେ ଚଢ଼ଉ କରାଯାଇ ଜରିମାନା ସହ ହୋଟେଲ ମାଲିକଙ୍କୁ କଡ଼ା ତାଗିଦ୍ କରାଯାଇଥିବା ଜଣାପଡ଼ିଛି। ମୁଖ୍ୟତଃ ପୋଡ଼ା ଇଞ୍ଜିନ ତେଲ ଜାଳି ରୋଷେଇ କରିବା, ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରିବା ଏବଂ ନିମ୍ନମାନର ରଙ୍ଗ ବ୍ୟବହାର କରିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏହି ଧରଣର ଚଢ଼ାଉକୁ ଆଗକୁ ଜୋରଦାର କରାଯିବ ବୋଲି ସୂଚନା ମିଳିଛି।



# ପଞ୍ଚାୟତିରାଜ ଦିବସ ପାଳିତ



ପାପଡାହାଣ୍ଡି, ୨୪।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ପରିସର ଠାରେ ପଞ୍ଚାୟତରାଜ ଦିବସ ପାଳନ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ , ସତନ୍ତ୍ର ପରିଷଦ ଉପାଧକ୍ଷ ଲିଙ୍ଗରାଜ ଭତରା ,ଜିଲ୍ଲା ପରିଷଦ ସଭ୍ୟା ଡ଼. ଲିପିକା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଯଶବନ୍ତ ନାୟକ, ତହସିଲଦାର ତପନ କୁମାର ନାୟକ, ଏଇ ଅଭିମନ୍ୟୁ ବେହେରା, ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଏହି ଅବସରରେ ଅତିଥି ଦ୍ୱାରା ଅନ୍ତୋଦୟ ଯୋଜନାରେ ୨୮୦ ହିତାଧିକାରୀକୁ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିଲା। ଅନ୍ତୋଦୟ ଯୋଜନାରେ ଠିକ ସମୟରେ ଗୃହ କାମ ଶେଷ କରିଥିବାରୁ ୫ ଜଣ ହିତାଧିକାରୀ ମଧ୍ୟରୁ ୩ ଜଣ ହିତାଧିକାରୀକୁ ୧୦ ହଜାର ଲେଖାଏଁ ଦୁଇ ଜଣ ହିତାଧିକାରୀକୁ ୨୦ ହଜାର ଟଙ୍କା ପ୍ରୋହତ୍ସନ ରାଶି ପ୍ରଦାନ କରାଯାଇଥିଲା। ବଲାଙ୍ଗୀର ଠାରେ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରି ଆଭାସୀ ଦ୍ୱାରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ବକ୍ତ୍ୟବକୁ ପ୍ରଦର୍ଶିତ ହୋଇଥିଲା। ମଞ୍ଚ ପରିଚାଳନା ବିପିସି ଶଶିକାନ୍ତ ଦାସ କରିଥିଲେ। ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ବିଭାଗ ଓ କୃଷି ବିଭାଗ ତରଫରୁ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ବ୍ଲକର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ସରପଞ୍ଚ, ସମିତି ସଭ୍ୟ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ବୋରିପଦର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଡାବୁଗାଁ, ୨୪।୪(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଅଧୀନ ଜିଲା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବୋରିପଦର ସରକାରୀ ଆଶ୍ରମ ବିଦ୍ୟାଳୟ ପରିସରରେ ଶୁକ୍ରବାର ବାର୍ଷିକ ଉତ୍ସବ -୨୦୨୬ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ପୃକ୍ତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଶରୀ ଡଙ୍ଗରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସମ୍ମାନିତ ଅତିଥି ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝୀ, ଉପାଧକ୍ଷ ସଦାନନ୍ଦ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଗୁପ୍ତ ବିଶୋଇ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପଙ୍କଜିନୀ ବରାଳ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟ ସମସ୍ୟା ଉପରେ ମୁଖ୍ୟ ଅତିଥି ବରେଣ୍ୟ ଅତିଥି, ସମ୍ମାନୀତ ଅତିଥିଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ବୃନ୍ଦ ଛାତ୍ରୀ ଛାତ୍ର ମାନଙ୍କୁ ବିଦ୍ୟାଧ୍ୟୟନ ସାଙ୍ଗକୁ ବିଭିନ୍ନ କ୍ରୀଡାରେ ଉତ୍ତରୋତ୍ତର ଉନ୍ନତି କରିବା ପାଇଁ ମତବ୍ୟକ୍ତ କରିଥିଲେ। ବାର୍ଷିକ ଉତ୍ସବ ନିମନ୍ତେ ପୂର୍ବରୁ ହୋଇଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀ ଛାତ୍ର ମାନଙ୍କୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଲକ୍ଷ୍ମୀକାନ୍ତ ପଡିଆ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ କାଞ୍ଚନପ୍ରଭା ନାୟକ, ରଶ୍ମିତା ତ୍ରିପାଠୀ, ଲୀନା ପଟ୍ଟନାୟକ, ଶିକ୍ଷକ ଦୁର୍ଜନ ଭତରା, ନବ କୁମାର ହଳଦାର ପ୍ରମୁଖ ସହଯୋଗ କରିଥିଲେ।

## ମା'ଘଟଗାଁ ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା



କୋଷାଗୁମୁଡ଼ା,୨୪।୪(ସମିସ): ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ସଦର ମହକୁମାର ଜୀବନରେଖା ଭାସ୍କେଲ ନଦୀ ମୁହାଣରେ ମା' ଘଟଗାଁ ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ସହ ମା'ଙ୍କ ବିଗ୍ରହ ମୂର୍ତ୍ତି ସ୍ଥାପନ କାର୍ଯ୍ୟ ଶେଷ ହୋଇଛି। ଦୁଇ ଦିନ ଧରି ମା'ଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ସହ ମା'ଙ୍କ ବିଗ୍ରହ ମୂର୍ତ୍ତି ସ୍ଥାପନ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଛତ୍ର କାର୍ଯ୍ୟକ୍ରମର ଆୟୋଜନ ପୂର୍ବତନ ଜିପିଡିଓ ତ୍ରିଲୋଚନ ଛନ୍‌ଚାଣ ଓ ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ କୁମାର ନାୟକଙ୍କ ଉଦ୍ୟମରେ ମନ୍ଦିର ନିର୍ମାଣ ଓ ମା'ଙ୍କ ବିଗ୍ରହ ମୂର୍ତ୍ତି ସ୍ଥାପନ କାର୍ଯ୍ୟ ହୋଇଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ବହୁ ସୁନ୍ଦର ଭାବରେ ଭାସ୍କେଲ ନଦୀ ମୁହାଣରେ ମା' ଘଟଗାଁ ତାରିଣୀଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଛି। ମା'ଙ୍କ ପୂଜା ଏକ ବାଉଁଶ ବାଡ଼ ଉପରେ ନଡ଼ା ଛପର ଘରେ ପ୍ରାୟ ୪ବର୍ଷ ତଳୁ ହୋଇ ଆସୁଥିଲା। ବର୍ତ୍ତମାନ ସୁନ୍ଦର ସିମେଣ୍ଟ ତିଆରି ମନ୍ଦିର ନିର୍ମାଣ ହୋଇଥିବାରୁ ଦୁଇ ବ୍ୟକ୍ତିଙ୍କୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଭଦ୍ରମଣ୍ଡଳୀ ପ୍ରଶଂସା କରିଛନ୍ତି।

# ଜାତୀୟ ପଞ୍ଚାୟତିରାଜ ଦିବସ



କୋଷାଗୁମୁଡ଼ା,୨୪।୪(ସମିସ): ଆଜି କୋଷାଗୁମୁଡ଼ା ବ୍ଲକ ପ୍ରାଙ୍ଗଣରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୬ ପଞ୍ଚାୟତରୁ ଜନ ସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ ଓ ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ , ସମାଜସେବୀ କୁଞ୍ଜବିହାରୀ ଦାସ ଥିବାବେଳେ ରାଜ୍ୟ ସାଂସଦ ପ୍ରତିନିଧି ବଦ୍ରି ନାରାୟଣ ସିଂ, ଭୁବନେଶ୍ୱର ନାୟକ, ବୀରେନ୍ଦ୍ର ପୂଜାରୀ, ତ୍ରିଲୋଚନ ଧାକୋଡ଼ଙ୍କ ସହ ୩ଟି ଜୋନ୍‌ର ଜିଲ୍ଲା ପିରିଷଦ, ସମିତି ସଭ୍ୟ, ସରପଞ୍ଚ, ବ୍ଲକ ସ୍ତରୀୟ ଅଧିକାରୀଙ୍କ ସହ ସିଆରପି, ଏମ୍‌ବିକେ ମହିଳା ସଦସ୍ୟ, ଅଙ୍ଗନବାଡି କର୍ମୀ, ସ୍ଥାନୀୟ ବିଡ଼ିଓ ଆଶିଷ ତ୍ରିପାଠୀ, ଜିପିଡିଓ-ଅଜିତ ନନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଛନ୍ତି। କାର୍ଯ୍ୟକ୍ରମରେ ୬୦ ଗୋଟି ଚାଉଳ କାର୍ଡ ଓ ୪୦ ଭତ୍ତା କାର୍ଡ ଦୁଇ ଜଣ ବିଧାୟକ ବଣ୍ଟନ କରିଥିଲେ।

# ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୋରାପୁଟ, ୨୪।୪(ସମିସ): ପିଏମ୍‌ଶ୍ରୀ କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ସହ ଉତ୍ତମ ଶିକ୍ଷା ଦେଇ ସେମାନଙ୍କୁ ଭଲ ମଣିଷ ଭାବେ ଗଢ଼ିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷ ଲଲାଟ ରଞ୍ଜନ ସେଠି, ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ରିତା ମହାନ୍ତି ଓ ଅବସରପ୍ରାପ୍ତ ଶିକ୍ଷକ ଶିଶିର ପାତ୍ର ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶେଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଶିକ୍ଷୟିତ୍ରୀ ପ୍ରଭାସିନୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ



ନବରଙ୍ଗପୁର,୨୪।୪(ସମିସ): ନବରଙ୍ଗପୁର ସହର ସ୍ଥିତ ଶୁଭ ଅଭିନନ୍ଦନ କଲ୍ୟାଣମଣ୍ଡପ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ୨୦୨୬ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜାତୀୟ ପଞ୍ଚାୟତିରାଜ ଦିବସର ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ଗଣ୍ଡ ନିଜ ବକ୍ତବ୍ୟରେ ରାଜ୍ୟ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମସଭା ନିଷ୍ପତିକୁ ସମ୍ମାନ ଦେଉଛନ୍ତି ଏବଂ ପ୍ରତ୍ୟେକ ଯୋଜନାର ଲାଭ ଯେଭଳି ଅଧିକରୁ ଅଧିକ ହିତାଧିକାରୀ ମାନଙ୍କୁ ମିଳିବ ତାହା ପ୍ରୟାସ କରୁଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ )ତପନ କୁମାର ଖୁଣ୍ଟିଆ ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ, ଡିଆଇପି ଆର୍ ଓ ମନୋଜ ବେହେରା, ଡି ଏସ ଡ଼ବ୍ଲୁ ଓ ଦ୍ରୌପଦି କହଁର, ଡି ପି ସି (ମିଶନଶକ୍ତି) ନିରଞ୍ଜନ ଟାଙ୍ଗାରାଙ୍ଗା,ଡି ପି ଓ ପଦ୍ମନାଭ ତ୍ରିପାଠୀ,ଶର୍ମିଷ୍ଠା ଦେଓ ,ବି ଡି ଓ ନବରଙ୍ଗପୁର ସୁନିଲ ଖରା,ତହସିଲଦାର ଭୋଳେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଇ-ପଞ୍ଚାୟତ ସଭା(ଜିଲ୍ଲା ପରିଷଦ) ପୋର୍ଟାଲ ଏବଂ ପଞ୍ଚାୟତିରାଜ ସମୀକ୍ଷା ପୋର୍ଟାଲକୁ ଶୁଭ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅନ୍ତର୍ଜାତୀୟ ମାନକୀକରଣ ସଂଗଠନ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଜିଲ୍ଲାର ୧୯ଟି ଗ୍ରାମ ପଞ୍ଚାୟତକୁ ମାନପତ୍ର ପ୍ରଦାନ ସହ ନବରଙ୍ଗପୁର ବ୍ଲକ୍‌ର ୨୬ ଜଣ ନୂତନ ସାମାଜିକ ସୁରକ୍ଷା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ନୂତନ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ୧୦ ଜଣ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରିଥିଲେ। ଅନ୍ତୋଦୟ ଗୃହ ଯୋଜନା ୨୦୨୬-୨୭ରେ ଜିଲ୍ଲାରେ ବ୍ଲକ୍ ମାନଙ୍କରେ ୮୯୩ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ହୋଇଥିବାବେଳେ ନବରଙ୍ଗପୁର ୧୧୧ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ସେଭଳି ନବରଙ୍ଗପୁର ବ୍ଲକର ଗ୍ରାମୀଣ ଆବାସ ଗୃହ ଯୋଜନାରେ ୮ ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ୫ଟି ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଧନ୍ୟବାଦଅର୍ପଣ କରିଥିଲେ।



## ବିମାନ ବନ୍ଦର ତଳମୁଣ୍ଡ ଜମିରେ ପାଣି ପହଞ୍ଚିବା ସମସ୍ୟା

# ଜଳସେଚନ, ରାସ୍ତା ଓ ଗୃହ ନିର୍ମାଣ ଯନ୍ତ୍ରୀଙ୍କ ମିଳିତ ଯାଞ୍ଚ

ଜୟପୁର, ୨୪।୪(ସମିସ):



କୋରାପୁଟ ଜିଲ୍ଲା ଜୟପୁର ବିମାନ ବନ୍ଦରର ସମ୍ପ୍ରସାରଣ ଯୋଗୁଁ ଆବଶ୍ୟକ ଜମି ଅଧିଗ୍ରହଣ କରାଯାଇଥିବା ବେଳେ ବିମାନ ବନ୍ଦର ଦକ୍ଷିଣପାଶ୍ୱର୍ ଦେଇ ଯାଇଥିବା କୋଲାବ ଇରିଗେସନ ବିଭାଗର ଧନପୁର ଡ୍ରିଷ୍ଟିବ୍ୟୁଟର କେନାଲ ଏକ ମୁଖ୍ୟ ସମସ୍ୟା ସୃଷ୍ଟି କରିଥିଲା। ଏହିପରି ନୂତନ ଭାବେ କେନାଲର ନିର୍ମାଣ କରାଯାଇ ଅନ୍ୟପଟେ ନେବାକୁ ମଧ୍ୟ ପ୍ରସ୍ତାବ ରହିଥିଲା। କିନ୍ତୁ ଶେଷରେ ରାଜ୍ୟ ଓ ରାଜ୍ୟବାହାରରୁ କିଛି ବୈଷୟିକ ବିଶେଷଜ୍ଞ ମାନେ କେନାଲ ପାଣି ଟନେଲ ମାଧ୍ୟମରେ ନିଆଯାଇ ଏହାର ଉପରେ ବିମାନର ଓଜନ ସମ୍ଭାଳିବା କ୍ଷମତାର ଏକ ମୋଟା ସ୍ଲାବ ନିର୍ମାଣ କରାଯାଇ ରନୱେ ଭାବେ ବ୍ୟବବାର କରିବାକୁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ରାସ୍ତା ଓ ଗୃହ ନିର୍ମାଣକୁ ପ୍ରଦାନ କରାଯାଥିଲା। ଇରିଗେସନ ବିଭାଗର ଅନୁମତି ଏବଂ ଡିଜାଇନ ସ୍ୱୀକୃତ ପରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଗତ ଦେଢବର୍ଷ ପୂର୍ବରୁ ଶେଷ କରାଯାଇଛି। କିନ୍ତୁ ଧନପୁର ଡିଷ୍ଟ୍ରିବ୍ୟୁଟର ଏହି କେନାଲ ଦେଇ ସଲପା, ଅନ୍ତା, ଧନପୁର, କାଳିଆ ଗାଁ ଅଞ୍ଚଳର ତଳମୁଣ୍ଡରେ ରହିଥିବା ଚାଷ ଜମିକୁ ପୂର୍ବ ଅପେକ୍ଷା ଆବଶ୍ୟକ ଅନୁଯାୟୀ ପାଣି ପହଞ୍ଚି ପାରୁନଥିବା ନେଇ ଚାଷୀ ମାନେ ଜଳସେଚନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ବିମାନବନ୍ଦର ସମ୍ପ୍ରସାରଣ ପରେ ଧନପୁର ଡ୍ରିଷ୍ଟ୍ରିବ୍ୟୁଟାରୀ ଏକ କେନାଲ ଦେଇ ପ୍ରାୟ ୨୦୦ ମିଟର ଟନେଲ ମାଧ୍ୟମରେ ଜଳ ପ୍ରଭାବିତ ପରେ ଏହି ସମସ୍ୟା ସୃଷ୍ଟି ହୋଇଥିବା ନେଇ ଇରିଗେସନ ବିଭାଗର ଯନ୍ତ୍ରୀ ମାନେ ଯାଞ୍ଚପରେ ଜାଣିବା ସହିତ କେତକ ତ୍ରୁଟି ରହିଥିବା ଯୋଗୁଁ ଏହାର ସୁଧାର କରିବା ନେଇ ଇରିଗେସନ ବିଭାଗ ପକ୍ଷରୁ ନିର୍ମାଣକାରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ବାରମ୍ବାର ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା। ଆଜି ଉଭୟ ବିଭାଗର ବରିଷ୍ଠ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବିଶ୍ୱନାଥ ମାରାଣ୍ଡି, ଅଧିକ୍ଷଣ ଯନ୍ତ୍ରୀ ପ୍ରିୟ ରଞ୍ଜନ ବେହେରା, ସହକାରୀ ଯନ୍ତ୍ରୀ ବିପ୍ଳବ କୁଅଁର ଏବଂ ଇରିଗେସନ ବିଭାଗର ସହକାରୀ ମୁଖ୍ୟଯନ୍ତ୍ରୀ ହେମନ୍ତ ଦାଶ, ସହକାରୀ ଯନ୍ତ୍ରୀ ରଜନୀକାନ୍ତ ମିଶ୍ର, କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଛନ୍ତି। ଟନେଲ ପୂର୍ବରୁ ଏହା ଶେଷ ହେବା ପରେ ଉଭୟ ପାଶ୍ୱର୍ରେ କେନାଲ ଓସାର ହୋଇ ଏକ ପୋଖରୀ ସଦୃଶ ହୋଇଯାଇଛି। ଏହିପରି ଟନେଲ ସୁରକ୍ଷା ଏବଂ କେନାଲ ପାଣି ମାଧ୍ୟମରେ ଅଳିଆ ଆବର୍ଜନା ଟନେଲ ଭିତରକୁ ପ୍ରବେଶ କରୁଥିବାରୁ ବନ୍ଦ କରିବା ନେଇ ଲୁହା ତାରବାଡ ନିର୍ମାଣ କରାଯିବା ନେଇ ଆଲୋଚନା ହେବା ସହିତ ଏଥିନେଇ ଇରିଗେସନ ବିଭାଗର ଅନୁମତି ନେଇ ମଧ୍ୟ ଆଲୋଚନା ହୋଇଥିଲା। ସେହିପରି ଇରିଗେସନ ବିଭାଗ ପକ୍ଷରୁ ଟନେଲ ଭିତରକୁ ଜଳ ପ୍ରବେଶ କରୁଥିବା ପ୍ରବେଶ ପଥ ଏବଂ ପ୍ରସ୍ଥାନ ପଥର ଉଭୟ ପାଶ୍ୱର୍ରେ ଗାର୍ଡ ୱାଲ ନିର୍ମାଣ କରାଗଲେ ସେଠାରେ ଘାଇ ସୃଷ୍ଟି ନ ହେବା ସହିତ ପାଣି ସ୍ରୋତ ମଧ୍ୟ ବୃଦ୍ଧି ପାଇବ ଏବଂ ତଳମୁଣ୍ଡକୁ ଜମିରେ ଜଳ ପହଞ୍ଚିବାରେ କୌଣସି ସମସ୍ୟା ରହିବ ନାହିଁ ବୋଲି ପ୍ରସ୍ତାବ ଦିଆଯାଇଥିଲା। ଏପରିକି ଇରିଗେସନ ବିଭାଗର ପକ୍ଷରୁ ଟନେଲ ନିର୍ମାଣ ପୂର୍ବରୁ ପ୍ରଦାନ କରାଯାଇଥିବା ଏନଓସି ଏବଂ ଉଭୟ ବିଭାଗର ଲିଖିତ ପ୍ରସ୍ତାବିତ ସହମତି ପତ୍ରର ଯାଞ୍ଚ କରାଯିବ। ଏହାର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଇ ବିମାନ ବନ୍ଦର କର୍ତ୍ତୃପକ୍ଷ ବାଣିଜ୍ୟ ଓ ପରିବହନ ବିଭାଗକୁ ପ୍ରସ୍ତାବ ଦିଆଯିବ। ସେମାନେ ଏଥିରେ ସହମତି ସହିତ ଟଙ୍କା ପ୍ରଦାନ କରାଗଲେ କଂକ୍ରିଟ୍ ଗାର୍ଡ ୱାଲ ନିର୍ମାଣ କରାଯିବ ବୋଲି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। କିନ୍ତୁ ବର୍ତ୍ତମାନ ଟନେଲର ପ୍ରବେଶ ଓ ପ୍ରସ୍ଥାନ କେନାଲ ସୃଷ୍ଟି ହୋଇଥିବା ପୋଖରୀ ଉଭୟ ପାଶ୍ୱର୍ରେ ମାଟି ଢଳାଯାଇ କେବଳ କେନାଲ ଓସାରରେ ରଖାଯିବା ନେଇ ସହମତି ହୋଇଛି।

## ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା



ଜୟପୁର, ୨୪।୪(ସମିସ): ଜୟପୁର ବ୍ଲକ ହରଡ଼ାପୁଟ ଗ୍ରାମ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଭାରତୀୟ ସଂସ୍କୃତି ଜ୍ଞାନ ପୀରକ୍ଷା ଗତ ଗୁରୁବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ପ୍ରମିଳା ପୁଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପରୀକ୍ଷାରେ ଯୋଗ ଦେଇଥିବା ଓ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରରେ ମୁଖ୍ୟ ଅତିଥି ଭାବେ ଜୟପୁର ହିନ୍ଦୁ ସମାଜର ସଭାପତି ନିରଞ୍ଜନ ପାଣିଗ୍ରାହି, ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗେଶ୍ୱରୀ ପାଣିଗ୍ରାହି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଜୀବନରେ କୌଣସି ଭୁଲ ନ କରିବା, ମାତାପିତାଙ୍କ ପ୍ରତି କର୍ତ୍ତବ୍ୟ , ଛାତ୍ର ଜୀବନରେ ଶୃଙ୍ଖଳା ବିଷୟକୁ ନେଇ ଆଲୋକପାତ ଓ ମାର୍ଗ ଦର୍ଶନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିପିନ ମହାରଣା, ମାଲା ବେହୁରା, ଶେଷଦେବ ସାହୁ, ବିଜୟଲକ୍ଷ୍ମୀ ମାଝୀ, ରୀତେଶ ରଞ୍ଜନ ସ୍ୱାଇଁ , ପ୍ରମିଳା ଦଳେଇ ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସେହିପରି ବଡ଼କାଉଡ଼ି ଗ୍ରାମ ଠାରେ ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍ଦେଶ୍ୟରେ ତ୍ରିନାଥମନ୍ଦିର ଠାରେ ଏକ ଦୀପ ମହାଯଜ୍ଞ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମରେ ମାଁ ଭଗବତୀ ମହିଳା ମଣ୍ଡଳର ୧୦ ଜଣିଆ କମିଟି ଗଠନ କରାଗଲା। ଯାହାର ପରିଚାଳନା ଗାୟତ୍ରୀ ପରିବାର ଜିଲ୍ଲା ସଂଯୋଜିକା ରତ୍ନମ୍ବର ପାତ୍ର , ସପ୍ତଶୁଦ୍ରି କାର୍ଯ୍ୟକ୍ରମ ପ୍ରମୁଖ ନିରଞ୍ଜନ ପାଣିଗ୍ରାହି , ରଶ୍ମିତା ସିଏ ,ସାଗର ବିଶ୍ୱାଳ, ସତ୍ୟ ନାରାୟଣ ପାତ୍ର, ଦାଶରଥି ସୁକ୍ରି ଏବଂ ଗ୍ରାମବାସୀମାନେ ସହଯୋଗ କରିଥିଲେ।

## ଅଗ୍ନି ଗଙ୍ଗାମ୍ମା' ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ



ସେମିଳିଗୁଡା, ୨୪।୪ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ାର ଆରାଧ ଦେବୀ ଅଗ୍ନି ଗଙ୍ଗାମ୍ମାଙ୍କ ବାର୍ଷିକ ଯାତ୍ରା ଚଳିତ ବର୍ଷ ଧୁମ୍‌ଧାମରେ ପାଳନ ନେଇ ପ୍ରସ୍ତୁତି ଚାଲିଛି। ସେମିଳିଗୁଡ଼ା ଅଗ୍ନି ଗଙ୍ଗାମ୍ମା ପୂଜା କମିଟି ଦ୍ୱାରା ଯାତ୍ରା ପାଇଁ ସବୁ ପ୍ରକାର ପ୍ରସ୍ତୁତି ହୋଛି। ଶୁକ୍ରବାର ଗଙ୍ଗାମ୍ମା ମନ୍ଦିରରେ ପୂଜା କରି ଶୁଭଖୁଣ୍ଟି ସ୍ଥାପନ ପରେ ଯାତ୍ରାକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପୂଜା କମିଟି ସଭ୍ୟ ଯୋଗ ଦେଇଥିଲେ। ଆଗାମୀ ମେ' ୩ ରୁ ଜୁନ ୧୩ ତାରିଖ ପର୍ଯ୍ୟନ୍ତ ୯ ଦିନଧରି ଯାତ୍ରା କରିବା ପାଇଁ ସ୍ଥିର କରିଥିଲେ। ଚଳିତ ବର୍ଷ ଯାତ୍ରା ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ଅସ୍ଥାୟୀ ପୂଜା ମଣ୍ଡପ ନିର୍ମାଣ କାମ ଆରମ୍ଭ ହୋଇଛି।

## ● ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ

## 'ଜାପାନର ରାଜନୀତି ଓ ଅର୍ଥନୀତି'ପାଠଚକ୍ର




ପଟ୍ଟାଙ୍ଗି,୨୪।୪(ସମିସ): କୋରାପୁଟ ଜିଲ୍ଲା ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ, ପଟ୍ଟାଙ୍ଗି ଠାରେ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଏକ ପାଠଚକ୍ର ଆୟୋଜିତ ହୋଇଯାଇଛି। ପାଠଚକ୍ରଟି ଜାପାନର ରାଜନୀତି ଓ ଅର୍ଥନୀତି ନେଇ ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜମ୍ବେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦିଲ୍ଲୀ ବିଶବବିଦ୍ୟାଳୟର ପ୍ରଫେସର ନବୀନ ପଣ୍ଡା ଯୋଗଦାନ ଦେଇଥିଲେ। ସେ ନିଜ ଅଭିଭାଷଣରେ ବିଦ୍ୟାଳୟର ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଜାପାନର ରାଜନୀତି ଓ ଅର୍ଥନୀତି ନେଇ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଗାଙ୍ଗେଶ୍ୱରୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ଅଶୋକ କୁମାର ପରିଡା, ଅମିୟ କୁମାର ସ୍ୱାଇଁ, ଜେଏମ୍‌ସ ଫ୍ରାଙ୍କଲିନ ଖରା, ଅଧ୍ୟାପିକା ଅବନୀ ମହାରଣା, ଅଧ୍ୟାପିକା ମାନସି ପଲେଇ, ଶିକ୍ଷା ବିଭାଗର ଡେମୋନ୍‌ଷ୍ଟ୍ରେଟର ଗୀତାଞ୍ଜଳି ବିଶୋଇ, ପ୍ରଶାନ୍ତ କୁମାର ଦାସ, ଆଶିଷ କୁମାର ମହାରଣା, ଅକ୍ଷୟ କୁମାର ବେହେରା, ମୌସୁମୀ ଭତ୍ରା, ଝିଲି ରାଣି ସାମନ୍ତରାୟ, ସରିତା ସାହୁ, ଆଶୋକ କୁମାର ମିଶ୍ର ଓ ଦାସରଥି ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଈଶାନେଶ୍ୱର ମନ୍ଦିରର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଉମରକୋଟ,୨୪।୪(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର ଡିଏନକେ ଠାରେ ଥିବା ଈଶାନେଶ୍ୱର ମନ୍ଦିରର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବରେ ପୂଜକ ଭାବେ ବେଣୁ ମିଶ୍ର , ପଙ୍କଜ ମିଶ୍ର , ଦେବେନ୍ଦ୍ର ପଣ୍ଡା ଓ ରମେଶ ଚୌଧୁରୀ , ମୁଖ୍ୟପୂଜକ ଭାବେ ଅଶୋକ କୁମାର ଦାସ ପୂଜାକାର୍ଯ୍ୟ କରିଥିବା ବେଳେ କର୍ତ୍ତା ଭାବେ ଚନ୍ଦ୍ର ଶେଖର ସ୍ୱାଇଁ ଓ ଧର୍ମପତ୍ନୀ ରଶ୍ମିତା ସ୍ୱାଇଁ କାର୍ଯ୍ୟ ତୁଲାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଯଜ୍ଞ ନିମନ୍ତେ ଶ୍ରଦ୍ଧାଳୁମାନେ ସମବେଶ ହୋଇ ଭାସ୍କେଲ ନଦୀ ପଠା ନିକଟରୁ କଳସ ଶୋଭାଯାତ୍ରାରେ ଆଣିଥିଲେ। ଗ୍ରାମର ଶହ ଶହ ମହିଳା, ଯୁବକ ଓ ବୁଦ୍ଧିଜୀବୀ ସମାବେଶ ହୋଇ ଈଶାନେଶ୍ୱର ମନ୍ଦିରର ଚତୁର୍ଥ ପ୍ରତିଷ୍ଠା ଉତ୍ସବକୁ ଭକ୍ତିପୂତ ସହକାରେ ସଂପାଦନ କରିଛନ୍ତି। ଶାସ୍ତ୍ରୀୟ ଯାଜ୍ଞିକ ବ୍ରାହ୍ମଣମାନଙ୍କ ଦ୍ୱାରା ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଈଶାନେଶ୍ୱର ମନ୍ଦିର କମିଟି ପକ୍ଷରୁ ସମସ୍ତ ଯଜ୍ଞକାର୍ଯ୍ୟ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଯାଇଛି। ଭକ୍ତମାନଙ୍କ ହୁଳହୁଳି, ଶଙ୍ଖ, ଘଣ୍ଟ ଧ୍ୱନୀରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା । ଡିଏନକେ ଅଞ୍ଚଳ ଈଶାନେଶ୍ୱର ମନ୍ଦିର କମିଟି ପକ୍ଷରୁ ଅନ୍ନଭୋଗର ଆୟୋଜନ କରାଯାଇଥିଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଅନ୍ନଭୋଗ ସେବନ କରିଥିଲେ। କାର୍ଯ୍ୟକ୍ରମରେ କମିଟି ସଭାପତି ଭରତ ଜେନାଙ୍କ ସହ ନାରାୟଣ ସାହୁ, ଜଗବନ୍ଧୁ ସ୍ୱାଇଁ, ବିପିନ ମାଝୀ, ପ୍ରଦୀପ ମୁରାରି, ଉପେନ୍ଦ୍ର ଖୁଣ୍ଟିଆ, ସୁବାସ ଜେନା, ଅରୁଣ କୁମାର ବଳ, ସତ୍ୟନାରାୟଣ ଦାସ, ଭୂପତି ଭୂଷଣ ପଟ୍ଟନାୟକ, ବିନୋଦ ବିହାରୀ ସାମଲ , ଜିତୁ ମିଶ୍ର, ପୀତାମ୍ବର ଜେନା , ବିଶ୍ୱରଞ୍ଜନ ନାୟକ, ଶଶାଙ୍କ ଶେଖର ପଟ୍ଟନାୟକ, ଟିଲୁ ମହାପାତ୍ର, ଦୁଖାଲୁ ଜାଲ ଓ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଦାମନଯୋଡ଼ିରେ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି

ଦାମନଯୋଡ଼ି,୨୪।୪(ସମିସ):



ନାଲ୍‌କୋ ଟାଉନ୍‌ସିପ ସେକ୍ଟର-୧ ଯଜ୍ଞ ମଣ୍ଡପରେ ୨୪ତମ ବିଶ୍ୱଶାନ୍ତି ମହାଯଜ୍ଞର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ଅନୁଷ୍ଠିତ ବୈଠକରେ ନୀତି ଚୂଡ଼ାନ୍ତ ହୋଇଛି। ୨୬ ତାରିଖ ରବିବାର ସନ୍ଧ୍ୟାରେ ଅଙ୍କୁରାରୋପଣ ପରେ ସୋମବାର ସକାଳେ କଳସ ଅଧିବାସ ଅନୁଷ୍ଠିତ ହେବ। ଘଟ ସ୍ଥାପନ, ଘଟ ମଣ୍ଡଳାଦି ପୂଜା, ସ୍ତମ୍ଭ, ତୋରଣ ପୂଜା, ଅଗ୍ନି ସଂସ୍କାର ଆଦି ନୀତି ହୋଇ ଯଜ୍ଞ ଆରମ୍ଭ ହେବ। ମଇ ୧ ତାରିଖ ପବିତ୍ର ଚନ୍ଦନ ପୂର୍ଣ୍ଣିମା ଦିନ ବିଭିନ୍ନ ପୂଜାନୀତି ସହିତ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ଦିବସର ପୂଜାନୀତି ସହିତ ସୋମବାର ଓ ମଙ୍ଗଳବାର ସନ୍ଧ୍ୟାରେ ଭଜନ ସନ୍ଧ୍ୟା, ବୁଧବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟାରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ବିଶ୍ୱଶାନ୍ତି ମହାଯଜ୍ଞ କମିଟି ସଭାପତି ତଥା ନାଲ୍‌କୋ ମୁଖ୍ୟ ମହାପ୍ରବନ୍ଧକ ସୁଗାତୋ ଆନନ୍ଦ ବାସୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସଦସ୍ୟ ଶିଶିର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଅନାମ ଚରଣ ନାୟକ, କୋଷାଧ୍ୟକ୍ଷ ଅବିନାଶ ଜେନାଙ୍କ ସହିତ କୈଳାସ ସେନାପତି, ରଞ୍ଜନ ବେହେରା, ସରୋଜ ଦଳେଇ, କେ ଚଣ୍ଡି ପ୍ରସାଦ ରାଓ, ଲମ୍ବୋଦର ସ୍ୱାଇଁ, ସଦାଶିବ ବେହେରା, ଡ. ଅଶୋକକୁମାର ମହାନ୍ତି, ଡ. ନରେଶ ଚନ୍ଦ୍ର ସାହୁ, ମୁରଲୀଧର ମହାପାତ୍ର, ସୁଧାଂଶୁ ଶେଖର ମିଶ୍ର, ଗୋପବନ୍ଧୁ ସିଆ, ରାଜୀବ କୁମାର ଜେରାଇ, ଅମୂଲ୍ୟ କୁମାର ବାରିକ, ବେଣୁମାଧବ ଶତପଥି, ମିହିର କୁମାର ଜେନା, ସୁରେଶ କୁମାର ସାହୁ, ପ୍ରଶାନ୍ତ କୁମାର ନାୟକ, ଦିଲ୍ଲୀପ କୁମାର ଜେନା, ବି ଏସ ପଣ୍ଡା, ଅନୁଜ ଶୁକ୍ଳା ଓ ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱକଲ୍ୟାଣ ନିମନ୍ତେ ପ୍ରାର୍ଥନା ସହିତ ଯଜ୍ଞ ନାରାୟଣଙ୍କର ବିଭୁକୃପା ଲାଭ ନିମନ୍ତେ ହେଉଥିବା ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

## ଚାଷ ଜମିରେ ମାଡୁନି ପାଣି, ଚାଷୀ ଚିନ୍ତାରେ

ଉମରକୋଟ,୨୪।୪ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଠାରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚେକ୍ ଡ୍ୟାମ୍ ନିର୍ମାଣ ହୋଇଛି । ବର୍ଷା ଜଳକୁ ଗଚ୍ଛିତ କରି ରବି କିମ୍ବା ଖରିଫ ଚାଷ ସମୟରେ ଚାଷ ଜମିରେ ପାଣି ଯୋଗେଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏଥିପାଇଁ ରାଜ୍ୟ ସରକାର କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ୫ କୋଟି ଟଙ୍କା ଖର୍ଚ୍ଚ କରି ଚେକ୍ ଡ୍ୟାମ୍ ନିର୍ମାଣ କରିଛନ୍ତି । ହେଲେ ଏହି ଚେକ୍ ଡ୍ୟାମ୍ ପାଣି ଚାଷୀଙ୍କ ଜମିରେ ମାଡୁ ନାହିଁ। ଏପରିକି କାର୍ଯ୍ୟକ୍ଷମ ହେବା ପୂର୍ବରୁ ଅନେକ ଚେକ୍ ଡ୍ୟାମ୍ ଭାଙ୍ଗି ଯାଇଥିବା ବେଳେ ଆଉ କେତେକ ଅଚଳାବସ୍ଥାରେ ପଡ଼ି ରହିଛି । ଏପଟେ ଚେକ୍ ଡ୍ୟାମ୍ କରି ବିଭାଗୀୟ ଅଧିକାରୀ ଓ ଠିକାଦାରମାନେ ମାଲାମାଲ ହେଉଛନ୍ତି। ସୂଚନା ଥାଉକି, ଉମରକୋଟ ବ୍ଲକରେ ୫ ବର୍ଷରେ ଚେକ୍ ଡ୍ୟାମ୍ ନିର୍ମାଣରେ ଖର୍ଚ୍ଚ ହୋଇଛି ୫କୋଟିରୁ ଊର୍ଦ୍ଧ ଟଙ୍କା। ଉମରକୋଟ ବ୍ଲକର ସିଂସାରୀ, ବଡକୁମାରୀ, ଏବଂ ବଡଭରଣ୍ଡି ଗ୍ରାମପଞ୍ଚାୟତର ଉଲୁଣ୍ଡୁଗୁଡା, ମୁଦିଗୁଡ଼ା ଗ୍ରାମରେ ନିର୍ମାଣ ହୋଇଛି ଚେକ୍ ଡ୍ୟାମ୍ । ଏହି ଚେକ୍ ଡ୍ୟାମ୍ ନିର୍ମାଣ ନିମ୍ନମାନର ଯୋଗୁ ସିମେଣ୍ଟ ଗାର୍ଡୱାଲ ଭାଙ୍ଗି ତଳେ ପଡ଼ିଯାଇଛି, ତ କେଉଁଠି ଫାଟିଯାଇଛି। ଆଉ କିଛି ଚେକ୍ ଡ୍ୟାମର ଉପର ମୁଣ୍ଡରେ ଟୋପାଏ ପାଣି ରହୁନି। ସିଂସାରୀ ପଞ୍ଚାୟତର ଉଲୁଣ୍ଡୁଗୁଡା, ମୁଦିଗୁଡ଼ା ଚେକ୍ ଡ୍ୟାମ୍ ନିର୍ମାଣର ଦୀର୍ଘ ବର୍ଷ ପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେଣ୍ଟ୍ରିଙ୍ଗ ଖୋଲାଯାଇ ନାହିଁ। କିନ୍ତୁ ଠିକାଦାରଙ୍କୁ ବିଲ୍ ଟଙ୍କା ପ୍ରଦାନ କରାଯାଇଥିବା ଶୁଣିବାକୁ ମିଳୁଛି। କୌଣସି ଚେକ୍ ଡ୍ୟାମରେ ପାଣି ଅଟକାଇବାକୁ ଗେଟ୍ ମଧ୍ୟ ଲାଗିପାରିଲା ନାହିଁ। କ୍ଷୁଦ୍ର ଜଳସେଚନ ବିଭାଗର ଏହି ଚେକ୍ ଡ୍ୟାମ୍ ଦେଖିଲେ ଅଧିକାରୀମାନେ ଚାଷୀଙ୍କ ଜମିକୁ କିପରି ପାଣି ପହଞ୍ଚିବ, ଏହି ଚିନ୍ତା କରିବା ଅପେକ୍ଷା ନିଜର ସ୍ୱାର୍ଥକୁ ଗୁରୁତ୍ୱ ଦେଇଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଚାଷୀମାନେ ଦାବି କରିଛନ୍ତି।

## ସେମିଳିଗୁଡ଼ା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ସେମିଳିଗୁଡ଼ା, ୨୪।୪ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗ ଦ୍ୱାରା ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ବିଦାୟ ଜଣାଇବା ପାଇଁ ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ସେମିଳିଗୁଡା କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଏବଂ ବାଣିଜ୍ୟ ବିଭାଗର ଅଧ୍ୟାପକ ଦେବରାଜ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଉନ୍ନତି କରିବା ସହିତ କଲେଜ ସହ ସମ୍ପର୍କ ରଖିବାକୁ ଉପଦେଶ ଦେବା ସହ ଭବିଷ୍ୟତ ପାଇଁ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ । ବିଭାଗ ମୁଖ୍ୟା ରୋନାଲି ନାୟକ ଛାତ୍ରଛାତ୍ରୀମାନଙ୍କୁ ନିଜ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ କରି ପରିଶ୍ରମ କରିବାକୁ ପ୍ରେରଣା ଦେଇଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପିକା ଅମିଶା ପାଢ଼ୀ ଛାତ୍ରଛାତ୍ରୀମାନଙ୍କୁ ଦିନଚର୍ଯ୍ୟା ପ୍ରସ୍ତୁତ



କରି ନିଜ ଲକ୍ଷ୍ୟ ପ୍ରତି ଆଗୁଆ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା କମଳିନୀ ବିସୋୟୀ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ନିଜ ଲକ୍ଷ୍ୟ ପ୍ରତି ଏକାଗ୍ର ଓ ସମର୍ପିତ ରହିବାକୁ ପ୍ରେରଣା ଦେଇଥିଲେ। ସଭାରେ ଶେଷ ବର୍ଷର ଛାତ୍ରଛାତ୍ରୀମାନେ ନିଜ ନିଜ କଲେଜ ଜୀବନର ଅନୁଭବ ଅଭିବ୍ୟକ୍ତ କରିଥିଲେ। ଏହି ସଭାକୁ +୩ ପ୍ରଥମ ବର୍ଷର ଛାତ୍ରୀ ପୂନମ ଗରଡା ଏବଂ +୩ ଦ୍ୱିତୀୟ ବର୍ଷର ଛାତ୍ରୀ ମାନସୀ ପଟ୍ଟନାୟକ ସୂଚାରୁ ଭାବରେ ସମନ୍ୱୟ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ମାନେ ଉପହାର ଦେଇ ଅନ୍ତିମ ବର୍ଷ ଛାତ୍ରଛାତ୍ରୀଙ୍କ ପ୍ରତି ସମ୍ମାନ ଓ ଆଦର ପ୍ରକାଶ କରିଥିଲେ।

## ଟଙ୍କା ଓ ସୁନା ଲୁଟିଲେ ଦୁର୍ବୃତ୍ତ

କଲ୍ୟାଣସିଂହପୁର,୨୪।୪(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଦିନକୁ ଦିନ ବୃଦ୍ଧି ପାଉଛି ଚୋରି ଓ ଲୁଟ୍ ଘଟଣା। ଆଜି ଏଭଳି ଦେଖିବାକୁ ମିଳିଛି କଲ୍ୟାଣସିଂହପୁର ସଦରର ଦାନୁ ସାହିରେ । ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଲୁଟ୍ କରିଥିବା ଘଟଣା ସାମ୍ନାକୁ ଆସିଛି। ସୁନା ଗହଣା ସହ ଲକ୍ଷାଧିକ ଟଙ୍କା ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। କଲ୍ୟାଣସିଂହପୁର ବ୍ଲକର ଦାନୁ ସାହିରେ ଘଟିଛି ଏହି ଚୋରି ଘଟଣା। ସ୍ଥାନୀୟ ବାସିନ୍ଦା ସୁଶାନ୍ତ ସେନାପତିଙ୍କ ଘରେ କେହି ନଥିବା ବେଳେ ଦୁର୍ବୃତ୍ତମାନେ ଘର ପଛପଟ କବାଟ ଖଲି ଭିତରକୁ ପ୍ରବେଶ କରିଥିଲେ। ଘର ଭିତରେ ଥିବା ଆଲମାରୀକୁ ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଗହଣା ସହ ନଗଦ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ଦୁଇଟି ସୁନା ଚେନ୍, ଦୁଇଟି ମୁଦି, କାନ ଫୁଲ, ସୁନା ହାର ଓ ପ୍ରାୟ ୩ ଲକ୍ଷ ଟଙ୍କା ନଗଦ ରହିଥିବା ଅଭିଯୋଗ ହୋଇଛି। ଘଟଣା ପରେ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇପଡ଼ିଥିବା ଜଣାପଡିଛି। ଅଭିଯୋଗ ପରେ ଘଟଣା ସ୍ଥଳରେ ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ କଲ୍ୟାଣ ସିଂହପୁର ଥାନା ଅଧିକାରୀ କଳ୍ପନା ବେହେରା ଏବଂ ପୁଲିସ ଦଳ ସହ ସନ୍ଧନୀ କୁକୁର ଆଣି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶୀଘ୍ର ଦୁର୍ବରୁତ୍ତମାନଙ୍କୁ ଧରିବା ପାଇଁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା । ଏହି ଘଟଣା ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ଦୁର୍ବୃତ୍ତମାନଙ୍କୁ କେବେ ଧରାଯିବ ଏବଂ ଚୋରି ହୋଇଥିବା ସାମଗ୍ରୀ କେବେ ଉଦ୍ଧାର ହେବ ସେଥିପାଇଁ ସବୁଠାରୁ ଅପେକ୍ଷା ରହିଛି।

## ବିଲାପୁଟ ଜଗନ୍ନାଥ ମନ୍ଦିରରେ ପ୍ରସ୍ତୁତି ବୈଠକ

ସେମିଳିଗୁଡ଼ା, ୨୪।୪ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ ସୁବାଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଲାପୁଟର ଶବରୀ ନାରାୟଣ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ସର୍ବାଙ୍ଗୀନ ବିକାଶ ଓ ସୁପରିଚାଳନା ପାଇଁ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସେମିଳିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ, ତହସିଲଦାର ଦେବବ୍ରତ କରାଟେ, ସୁନାବେଡା ରାଧାକୃଷ୍ଣ ମନ୍ଦିରର ପର୍ବତ ମହାରାଜ, ଜଳେନ୍ଦ୍ର ତ୍ରିପାଠୀ, ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର, ଗଣେଶ୍ୱର ପାଣିଗ୍ରାହୀ, ସୋମନାଥ ସାମନ୍ତରାୟ, ଚନ୍ଦନ ସାହୁ, ମନୋଜ ପାତ୍ର, ନାରାୟଣ ଭାଇ, ଅର୍ଜୁନ ଭାଇ, ବିଶ୍ୱନାଥ ପ୍ରଧାନୀ, ମହେଶ୍ୱର ପ୍ରଧାନୀ, ସୁକାନ୍ତ ପ୍ରଧାନୀ, ମୁନା ପ୍ରଧାନୀ ଓ ଗ୍ରାମର ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ମନ୍ଦିରର ଆର୍ଥିକ ହିସାବ କିତାବ, ଟ୍ରଷ୍ଟ ଗଠନ, ପାରିପାଶ୍ୱିକ ବିକାଶ, ଚାରାରୋପଣ, ନୀତିକାନ୍ତି ପ୍ରଭୃତି ବିଷୟରେ ଆଲୋଚନା କରାଯାଇଥିଲା। ଆସନ୍ତା ମାସ ସମସ୍ତ ଆଖପାଖ ପଞ୍ଚାୟତ ଲୋକଙ୍କୁ ଡାକି ୭ ତାରିଖରେ ବୈଠକ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଆଗାମୀ ଦିନରେ ହେବାକୁ ଥିବା ରଥଯାତ୍ରା ପରିଚାଳନା ସମ୍ପର୍କିତ ବୈଠକରେ ଆଲୋଚନା ହୋଇଛି। ରଥଯାତ୍ରାକୁ ସୂଚାରୁ ଓ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ।



## ପୌରପାଳିକାର ୪୦ ପଦ ଖାଲି, କାର୍ଯ୍ୟରେ ସମସ୍ୟା

ଜୟପୁର,୨୪।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥା ସହରର ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ମୁଖ୍ୟ କାର୍ଯ୍ୟାଳୟ ଅଟେ। କିନ୍ତୁ ପୌରସଂସ୍ଥାରେ ଆବଶ୍ୟକ ଅଧିକାରୀ ଓ କର୍ମଚାରୀ ନଥିବାରୁ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ସମେତ ସରକାରୀ ଯୋଜନା କାର୍ଯ୍ୟକାରୀ କରିବାରେ ସମସ୍ୟା ହେଉଛି। ପୌରସଂସ୍ଥାର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ସମୁଦାୟ ୧୨୭ଟି ପଦବୀ ରହିଥିବା ବେଳେ ୪୦ଟି ପଦବୀ ଖାଲି ପଡିଛି। ଏହିପରିସ୍ଥିତିରେ ରାଜ୍ୟର ସର୍ବପୁରାତନ ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାର ସବୁଠାରୁ ବଡ଼ପୌରସଂସ୍ଥା ମଧ୍ୟରୁ ଜୟପୁର ପୌରସଂସ୍ଥା ଅନ୍ୟତମ କାର୍ଯ୍ୟାଳୟ ହୋଇଥିଲେ ସୁଦ୍ଧା ଏଠାରେ ସମୁଦାୟ ୧୨୭ଟି ପଦବୀ ରହିଥିବା ବେଳେ ୪୦ ଟି ପଦବୀ ରହିଛି। ତେଣୁ ପୌରସଂସ୍ଥା କାର୍ଯ୍ୟାଳୟରେ ସାଧାରଣଲୋକ ତଥା ସହର ବାସିନ୍ଦାଙ୍କ କାର୍ଯ୍ୟ ଠିକ୍ ସମୟରେ କାର୍ଯ୍ୟକାରୀକୁ ନେଇ ସମସ୍ୟା ସୃଷ୍ଟି ହେଉଛି। ତେଣୁ ତୁରନ୍ତ ସରକାରଙ୍କ ନଗର ଉନ୍ନୟନ ବିଭାଗ ଦ୍ୱାରା ନୂତନ ନିଯୁକ୍ତି କିମ୍ବା ଡେପୁଟେସନରେ ସରକାରୀ କର୍ମଚାରୀଙ୍କୁ ନିଯୁକ୍ତି କରିବା ନେଇ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତୁରନ୍ତ ପଦବୀ ପୂରଣ କରିବା ନେଇ ଗତ ୧୭ ତାରିଖରେ ଜିଲ୍ଲାପାଳଙ୍କୁ ଏକ ପତ୍ର ମାଧ୍ୟମରେ ପୌରସଂସ୍ଥାର ଖାଲି ରହିଥିବା ସମ୍ପୂର୍ଣ୍ଣବିବରଣୀ ପ୍ରସ୍ତୁତ କରିପ୍ରଦାନ କରିଛନ୍ତି। ଏଥିନେଇ ଜିଲ୍ଲାପାଳ ପଦକ୍ଷପ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିବା ନେଇ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ଜୟପୁର ପୌରସଂସ୍ଥାରେ ଅଧିକାରୀ ଓ କର୍ମଚାରୀ





### ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ପୌର ଅଧ୍ୟକ୍ଷ

ମାନଙ୍କ ମଧ୍ୟରେ ପୌରଯନ୍ତ୍ରୀ ପଦବୀ ଖାଲି ରହିଛି। ତେଣୁ ସହକାରୀ ଯନ୍ତ୍ରୀଙ୍କୁ ଏହି ପଦବୀ ଦାୟିତ୍ୱ ପ୍ରଦାନ କରାଯାଇଛି। ସିଭିଲ ବିଭାଗର ୩ଟି କନିଷ୍ଠ ଯନ୍ତ୍ରୀ (ସିଭିଲ) ପଦବୀ ରହିଥିବା ବେଳେ ୨ଟି ଖାଲି ଏବଂ କନିଷ୍ଠ ଯନ୍ତ୍ରୀ (ଇଲେକ୍ଟ୍ରିକାଲ) ଦୀର୍ଘବର୍ଷ ଧରି ଖାଲି ରହିଛି। ବରିଷ୍ଠ ସହାୟକ(କିରାଣୀ) ସମସ୍ତ ୩ଟି ପଦବୀ ଏବଂ କନିଷ୍ଠ ସହାୟକ ପଦବୀରେ ୫ଟି ମଧ୍ୟରୁ ୪ ଟି ପଦବୀ ଖାଲି ରହିଛି। ରାଜସ୍ୱ ନିରୀକ୍ଷକ ଗୋଟିଏ ପଦବୀ ରହିଛି । କିନ୍ତୁ ଦୀର୍ଘବର୍ଷ ହେଲାଣି ଖାଲି ରହିଛି। ଟିକସ ଆଦାୟକାରୀ ୧୦ଟି ପଦବୀରୁ ୪ଟି ଖାଲି ରହିଛି। ଉନ୍ନୟନମୂଳକ କାର୍ଯ୍ୟ ତଦାରଖ ପାଇଁ ୱାର୍କ ସରକାରୀ ସମସ୍ୟ ୩ଟି ପଦବୀ ଖାଲି ପଡିଛି। ନଳକୂପ ମରାମତି ହେଲପର ୩ଟି ପଦବୀ, ୧୫ଟି ସଫେଇ କର୍ମଚାରୀ, କମ୍ୟୁନିଟି ଅର୍ଗାନାଇଜର ୪ଟି ପଦବୀରୁ ଗୋଟିଏ ଖାଲି, ଗୋଟିଏ କନିଷ୍ଠ ଯନ୍ତ୍ରୀ ପରାମର୍ଶଦାତା ପଦବୀ ଖାଲି ରହିଛି। ଏହିପରି ତୁରନ୍ତ ଏହି ପଦବୀଗୁଡିକ ପୂରଣ କରିବା ସହିତ ଜୟପୁର ପୌର ସଂସ୍ଥାର ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ କରିବାକୁ ଦାବି କରାଯାଇଛି।

ସକାଳ
THE SAKALA

ସମ୍ପାଦକୀୟ



ମତାମତ ଜ୍ଞାନ ଓ ଅଜ୍ଞାନ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରେ।
- ପ୍ଲାଟୋ

# ଗଣତନ୍ତ୍ରର କଳଙ୍କ

ରାଜ୍ୟସଭାରେ ଭାରତୀୟ ଗଣତନ୍ତ୍ର ଇତିହାସରେ ଆଉ ଏକ କଳଙ୍କିତ ଅଧ୍ୟାୟ ଲେଖାହୋଇଛି। ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର ରାଜ୍ୟସଭାରେ ପୂର୍ବତନ ଉପନେତା ରାଘବ ଚଡ଼ାଙ୍କ ସମେତ ୭ ଜଣ ରାଜ୍ୟସଭା ସାଂସଦ ଦଳ ତ୍ୟାଗ କରି ବିଜେପିରେ ଯୋଗ ଦେଇଛନ୍ତି। ସମ୍ବିଧାନ ପ୍ରଦତ୍ତ ସ୍ୱାଧୀନତା ଅଧିକାର ଆଧାରରେ ସେମାନଙ୍କ ନିଷ୍ପତ୍ତିକୁ କେହି ଆହ୍ୱାନ ଦେଇପାରିବେ ନାହିଁ। କିନ୍ତୁ ସେମାନେ କିମ୍ବା ସେମାନଙ୍କ ନିଷ୍ପତ୍ତିର ସମର୍ଥକମାନେ ଭୁଲିଯିବା ଉଚିତ ନୁହେଁ ଯେ ସେମାନେ ପ୍ରତ୍ୟକ୍ଷ ଭାବେ ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇ ନଥିଲେ, ବରଂ ନିର୍ବାଚିତ ବିଧାୟକଙ୍କ ଦ୍ୱାରା ନିର୍ବାଚିତ ହୋଇ ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଇଥିଲେ। ତେଣୁ ରାଜ୍ୟସଭା ସଦସ୍ୟତା ପରିବର୍ତ୍ତନ ସେମାନଙ୍କର ସମ୍ପୂର୍ଣ୍ଣ ଇଚ୍ଛାଧୀନ କିମ୍ବା ଅଧିକାର ହୋଇ ନ ପାରେ। ଯେଉଁ ଦଳ ଦ୍ୱାରା ନିର୍ବାଚିତ ହୋଇ ସାଂସଦ ପଦ ହାସଲ କରିଥିଲେ ପ୍ରଲୋଭନ ବା ଘୋଡ଼ାବେପାରର ମୋହରା ସାଜି ସେହି ଦଳ ତ୍ୟାଗ କରିବା ବିଶ୍ୱାସଘାତକ ପଦବାଚ୍ୟ।

ଆପ୍ ସାଂସଦ ରାଘବ ଚଡ଼ା, ସନ୍ଦୀପ ପାଠକ, ହରଭଜନ ସିଂହ, ସ୍ୱାତି ମାଲିୱାଲ୍, ଅଶୋକ ମିତ୍ତଲ(ରାଘବ ଚଡ଼ାଙ୍କ ସ୍ଥାନରେ ରାଜ୍ୟସଭା ଉପନେତା ଭାବେ ନିଯୁକ୍ତ), ବିକ୍ରମ ସାହାଣେ ଓ ରାଜେନ୍ଦ୍ର ଗୁପ୍ତାଙ୍କ ପଦକ୍ଷେପ ଓ ଦଳବଦଳ ନିଷ୍ପତ୍ତି ଦଳବଦଳ ଆଇନର ବିରୁଦ୍ଧାଚରଣ କରୁ ନ ଥିଲେ ହେଁ ଗଣତନ୍ତ୍ରର ସୁସ୍ଥ ଭାବନା, ମହତ୍ ଉଦ୍ଦେଶ୍ୟ ଓ ପବିତ୍ର ପରମ୍ପରାକୁ ଉପହସିତ କରିଛି। ୨୦୨୪ ନିର୍ବାଚନ ପରେ ଗଣତନ୍ତ୍ରର ଏଭଳି ବିଡ଼ମ୍ବିତ ଧାରା ଅଧିକ ବେଗଗାମୀ ହୋଇଛି। ବିଜେଡି ବିଧାୟକଙ୍କ ଦ୍ୱାରା ରାଜ୍ୟସଭାକୁ ନିର୍ବାଚିତ ମମତା ମହନ୍ତ ୨୦୨୪ ଜୁଲାଇ ୩୧ ତାରିଖରେ ଅଚାନକ ସାଂସଦ ପଦରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେବା ସହିତ ଏହି ଧାରା ଆରମ୍ଭ ହୋଇ ଏବେ 'ଆପ୍' ପାଖରେ ପହଞ୍ଚିଛି। ଜଣାନାହିଁ ଏହି ଅନୈତିକ ରାଜନୈତିକ ଧାରାର ପ୍ରଖରତା ଆହୁରି କେତେ ଦଳ ଓ ଜନବିଶ୍ୱାସକୁ ବିଲୀନ କରିଚାଲିବ। ମମତାଙ୍କ ପରେ ପରେ ୨୦୨୪ ସେପ୍ଟେମ୍ବର ମାସରେ ବିଜେଡିର ରାଜ୍ୟସଭା ସାଂସଦ ସୁଜିତ କୁମାର ସମାନ ଧାରାରେ ରାଜ୍ୟସଭା ପଦରୁ ଇସ୍ତଫା ଦେଇ ପୁଣି ଥରେ ଓଡ଼ିଶା ବିଧାନସଭାର ବିଜେପି ବିଧାୟକଙ୍କ ଦ୍ୱାରା ନିର୍ବାଚିତ ହେଲେ।

'ଆଜି ଇସ୍ତଫା କାଲି ନିର୍ବାଚନ' କିମ୍ବା 'ଦଳବଦଳ'ର ସ୍ୱାର୍ଥାନ୍ୱେଷୀ କୌଶଳରେ ରାଜ୍ୟସଭାରେ ଶାସକ ଦଳର ସଂଖ୍ୟା ବୃଦ୍ଧି ପାଇଛି ସତ, କିନ୍ତୁ ଜନପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାର ଇତିହାସରେ ଗୋଟିଏ ପରେ ଗୋଟିଏ କଳଙ୍କର ଅଧ୍ୟାୟ ଲେଖା ହୋଇଯାଉଛି। ୨୦୨୪ରେ ବିଜେଡି ଦ୍ୱାରା ନିର୍ବାଚିତ ଦୁଇ ରାଜ୍ୟସଭା ସାଂସଦଙ୍କ ଇସ୍ତଫା ଓ ବିଜେପିରେ ଯୋଗଦାନ ପରେ ଆନ୍ଧ୍ରପ୍ରଦେଶର ୱାଇଏସ୍ଆର କଂଗ୍ରେସର ଦୁଇ ରାଜ୍ୟସଭା ସାଂସଦ ସମାନ ଢଙ୍ଗରେ ଇସ୍ତଫା ଦେଇ ଟିଡିପି ପ୍ରାର୍ଥୀ ଭାବେ ପୁନଃ ନିର୍ବାଚିତ ହୋଇଥିଲେ। ୨୦୧୯ ମସିହାରେ ଟିଡିପିର ୬ ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ଚାରି ଜଣ ସିବିଆଇ ଓ ଇଡି କୋପରୁ ବର୍ତ୍ତିବା ପାଇଁ ବିଜେପିରେ ଯୋଗ ଦେଇଥିଲେ। ଏସବୁ ଘଟଣା ମଧ୍ୟ ଦଳବଦଳ ନିରୋଧ ଆଇନ ସମ୍ମତ ଥିଲା। ସଦ୍ୟତମ ବିଜେପିରେ ଯୋଗ ଦେଇଥିବା ଆପ୍ ସାଂସଦ ଅଶୋକ ମିତ୍ତଲ୍‌ଙ୍କ ଆବାସିକ ଓ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଇଡି ଚଢ଼ଉ ହେବା ଏବଂ ତାହାର ମାତ୍ର ୧୦ଦିନ ଭିତରେ ସେ ଦଳ ବଦଳାଇ ବିଜେପିରେ ଯୋଗ ଦେବା ଯେ ଆଦୌ କାକତାଳିକ ହୋଇ ନ ପାରେ ସେହି ଚର୍ଚ୍ଚା ଆରମ୍ଭ ହୋଇଛି ଏବଂ ପୁଣି ଥରେ ଇଡିର ଭୂମିକା ଓ ଅଧିକାର ସମାଲୋଚିତ ହୋଇଛି।

ସ୍ୱାଧୀନୋତ୍ତର ଭାରତର ଦୀର୍ଘ ପ୍ରାୟ ୭୪ ବର୍ଷର ଲମ୍ବା ରାଜନୈତିକ ଇତିହାସରେ 'ଘୋଡ଼ା ବେପାର' ଯୋଗୁଁ କେତେ ଯେ ସରକାର ଓ ଦଳ ଭାଙ୍ଗିଛି, ରାଜନୈତିକ ଅସ୍ଥିରତା ଓ ଅର୍ଥନୈତିକ ସଙ୍କଟ ସୃଷ୍ଟି ହୋଇଛି ତାହାର ତାଲିକା ବହୁତ ଦୀର୍ଘ। କ୍ଷମତାସୀନ ଦଳ ନିଜ ସ୍ଥିତିକୁ ସୁଦୃଢ଼ କରିବା ପାଇଁ କଳକୌଶଳ ଆପଣେଇବା ଗର୍ହିତ ନୁହେଁ। କିନ୍ତୁ ତାହା ଯଦି ସାମ୍ବିଧାନିକ ମୂଲ୍ୟବୋଧର ପରିପନ୍ଥୀ ହୁଏ ତେବେ ଇତିହାସରେ କଳଙ୍କିତ ଅଧ୍ୟାୟଟିଏ ଲେଖି ହୋଇଯାଏ। ଏବେ ସେହି ଧାରାର ପ୍ରଖରତା ଦେଖିବାକୁ ମିଳୁଛି। ଏ କଥା କିନ୍ତୁ ଯେ କେହି ସ୍ୱୀକାର କରିବାକୁ ବାଧ ଯେ ଏଭଳି ଦଳବଦଳ ବା ଘୋଡ଼ାବେପାର ଯୋଗୁଁ ଭୋଟରଙ୍କ ବିଶ୍ୱାସ ଉପରେ ଶକ୍ତ ଆଘାତ ଲାଗିଛି, ଗଣତନ୍ତ୍ର ଉପରେ ଆସ୍ଥା ଓ ଭରସା ଦୁର୍ବଳ ହୋଇଛି। 'ଘୋଡ଼ା ବେପାର'ରେ ପବିତ୍ର ଗଣତାନ୍ତ୍ରିକ ରାଜନୀତିର ମାନ, ସମ୍ମାନ, ମର୍ଯ୍ୟାଦା ଓ ଗୌରବ କ୍ଷତାକ୍ତ ହୋଇଥିଲେ ହେଁ ସେଥିରେ ସମ୍ପୃକ୍ତ ରାଜନେତାମାନେ ବିବେକ ଦଂଶନରେ କ୍ଷତାକ୍ତ ହେଉନାହାନ୍ତି, ବରଂ ଆର୍ଥିକ ଓ କ୍ଷମତା ଦୌଡ଼ରେ ଲାଭାନ୍ୱିତ ହୋଇଛନ୍ତି।

ଦୁଇ-ତୃତୀୟାଂଶ ସଦସ୍ୟ ଯଦି କୌଣସି ଦଳ ତ୍ୟାଗ କରନ୍ତି କିମ୍ବା ନୂଆ ଦଳ ଗଠନ କରନ୍ତି କିମ୍ବା ଦଳ ତ୍ୟାଗ କରନ୍ତି ତେବେ ସେମାନଙ୍କ ସଦସ୍ୟତା ଆଇନତଃ ରଦ୍ଦ ହେବ ନାହିଁ। ଆଇନର ଏହି ଫାଙ୍କ ଦେଇ 'ଆପ୍' ସାଂସଦମାନେ ବିଜେପିରେ ଯୋଗ ଦେଇଛନ୍ତି। କାଲି ଯଦି ଜନତା ଦରବାରରେ ସେମାନେ ହାଜିର ହୁଅନ୍ତେ ତେବେ ଏକ ସାଧାରଣ ଓ ସାମାନ୍ୟ ପ୍ରଶ୍ନଟିଏର ସମ୍ମୁଖୀନ ନିଶ୍ଚୟ ହୁଅନ୍ତେ ଯେ ଯେଉଁ ଦଳର ନୀତି ଓ ଆଦର୍ଶକୁ ଗତକାଲି ପର୍ଯ୍ୟନ୍ତ ତୀବ୍ର ସ୍ୱରରେ ଗୃହ ଭିତରେ ସମାଲୋଚନା କରୁଥିଲେ ଆଜି ସେହି ଦଳ ଏବଂ ତା'ର ନୀତି ଓ ଆଦର୍ଶ ଏତେ ପ୍ରିୟ ଓ ଗ୍ରହଣୀୟ ହୋଇଗଲା କିପରି? ବିବେକ ଓ ମାନସମ୍ମାନ ହୀନ ଏଭଳି ଦୋମୁହାଁ ବ୍ୟକ୍ତିତ୍ୱ ପାଇଁ ଏ ସବୁ ପ୍ରଶ୍ନ ମୂଲ୍ୟହୀନ। ଏହି ସାତଜଣ ସାଂସଦଙ୍କୁ ପଞ୍ଜାବ କେବେ ବି କ୍ଷମା ଦେବ ନାହିଁ ବୋଲି 'ଆପ୍' କହିଛି। କିନ୍ତୁ ଗଣତନ୍ତ୍ରର ଏହି କଳଙ୍କମାନଙ୍କୁ ଗଣତନ୍ତ୍ର ମଧ୍ୟ କେବେ କ୍ଷମା ଦେବ ନାହିଁ।

# ଘରୋଇ ବିଦ୍ୟାଳୟ ମୋହ ଓ ସମାଜ ବିଜ୍ଞାନ

**ଡକ୍ଟର ଅବଶ ପରିଡ଼ା**

ଘରୋଇ ବିଦ୍ୟାଳୟଗୁଡ଼ିକ ଅଭିଭାବକଙ୍କୁ ଅତ୍ୟଧିକ ଆର୍ଥିକ ଚାପ ଦେଉଥିବା ଅଭିଯୋଗ ଆଧାରିତ ଖବରମାନ ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏହାସତ୍ତ୍ୱେ କିଛି ଘରୋଇ ବିଦ୍ୟାଳୟରେ ନାମଲେଖା ପାଇଁ ଅଭିଭାବକଙ୍କ ମଧ୍ୟରେ ସାଂଘାତିକ ପ୍ରତିଯୋଗିତା ହେଉଥିବା ଦେଖାଯାଉଛି। ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ, ଅଭିଭାବକଙ୍କ ସ୍ୱପ୍ନ ଓ କିଛି ନିର୍ଦ୍ଦିଷ୍ଟ ବିଦ୍ୟାଳୟମାନଙ୍କରେ ପଢ଼େଇବାର ଆସକ୍ତି ମଧ୍ୟରେ ଘରୋଇ ନାମଲେଖା ଗତିଶୀଳ ହେଉଛି। ସାମ୍ପ୍ରତିକ ତଥ୍ୟ ଅନୁଯାୟୀ ଗତ ପାଞ୍ଚବର୍ଷରେ ପଚାଶରୁ ଅଶୀ ପ୍ରତିଶତ ବିଦ୍ୟାଳୟ ଫି' ବୃଦ୍ଧି ସତ୍ତ୍ୱେ ଭାରତରେ ଘରୋଇ ବିଦ୍ୟାଳୟରେ ପିଲାଙ୍କ ନାମଲେଖା ସଂଖ୍ୟା ଆଶାଧିକ ବୃଦ୍ଧି ପାଇଛି।

ଉଚ୍ଚଶ୍ରେଣୀର ବିଦ୍ୟାଳୟ, ଏଲିଟ୍ ବିଦ୍ୟାଳୟ ଓ ଅନ୍ତର୍ଜାତୀୟ ବିଦ୍ୟାଳୟ ଇତ୍ୟାଦି ବର୍ଗୀକରଣରେ ଘରୋଇ ବିଦ୍ୟାଳୟ ବିଭାଜିତ। ଏହିସବୁ ବିଦ୍ୟାଳୟ ହେଉଛି ସବୁଠାରୁ ମହଙ୍ଗା ବର୍ଗ। ବାର୍ଷିକ ଦୁଇଲକ୍ଷରୁ ଦଶଲକ୍ଷ ପର୍ଯ୍ୟନ୍ତ ଏହାର ଫି'। କହିବାକୁ ଗଲେ ଏଗୁଡ଼ିକ କେବଳ ବିଦ୍ୟାଳୟ ନୁହେଁ, ବରଂ ଉଚ୍ଚବର୍ଗର ସାମାଜିକ ପରିସଂସ୍ଥା। ଦାମୀ କାର ଓ ଘର ଭଳି ଏହି ଉଚ୍ଚ ଶ୍ରେଣୀର ଘରୋଇ ବିଦ୍ୟାଳୟରେ ବ୍ରୋକର ବା ଦଲାଲମାନେ ସମ୍ପୃକ୍ତ। ସେଠାରେ ସିଟ୍ ବିକ୍ରି ହୁଏ ଏବଂ ଦରକାର ପଡ଼ିଲେ ସିଟ୍ ନିଲାମ ହୁଏ ବୋଲି ଅଭିଯୋଗ ହେଉଛି। ସୀମିତ ସିଟ୍ ଯୋଗୁଁ ଅଧିକ ଟଙ୍କା ସହିତ ପ୍ରଭାବ, କ୍ଷମତା ଓ ସୁପାରିସ ସବୁ ଯୋଗାଡ଼ି ପାରିଲେ ନାମଲେଖା ମିଳିପାରେ। ଯୁକ୍ତି ଆସିପାରେ ଯେ ଗୁଣାତ୍ମକ ସୁବିଧା, ଉନ୍ନତ ଭିତ୍ତିଭୂମି, କମ୍ ବିଦ୍ୟାର୍ଥୀ-ଶିକ୍ଷକ ଅନୁପାତ ସହିତ ଭବିଷ୍ୟତର ଚାକିରି ଏବଂ ବିଶ୍ୱସ୍ତରୀୟ ଶିକ୍ଷା ଗତିଶୀଳତା ଭଳି ଉପାଦାନ ଯୋଗୁଁ ଏହା ମହଙ୍ଗା ଓ ଦୁର୍ଲଭ। ମାସକୁ ଦୁଇ ହଜାର ଓ ମାସକୁ ତିରିଶି ହଜାରର ବିଦ୍ୟାଳୟ ଦେୟରେ ଶିକ୍ଷଣ ଫଳାଫଳର ଫରକ ଅଛି ବୋଲି ଅଭିଭାବକ ଦୃଢ଼ୋକ୍ତି କରନ୍ତି।

କେବଳ ଗୁଣାତ୍ମକ ଶିକ୍ଷା ଓ ସରକାରୀ ବିଦ୍ୟାଳୟର ନକାରାତ୍ମକ ବିନ୍ଦୁ ଘରୋଇ ବିଦ୍ୟାଳୟରେ ନାମଲେଖା ପାଇଁ ଉତ୍ସୁକତା ପଛରେ ଶକ୍ତ ଯୁକ୍ତି ନୁହେଁ। ଉଚ୍ଚଶ୍ରେଣୀର ବିଦ୍ୟାଳୟ ସହ ସାମାଜିକ ପ୍ରତିଷ୍ଠା ମଧ୍ୟ ଯୋଡ଼ି ହୋଇଯାଇଛି। ଯେହେତୁ ମଧ୍ୟବିତ୍ତ ପରିବାର ସର୍ବଦା ସାମାଜିକ ସିଡ଼ି ଚଢ଼ିବା ପାଇଁ ସ୍ୱପ୍ନ ଦେଖେ, ଉଚ୍ଚଶ୍ରେଣୀ ବିଦ୍ୟାଳୟରେ ନାମଲେଖା ସେମାନଙ୍କ ପାଇଁ ଏହି ସୁଯୋଗ ଓ ସମ୍ଭବନା ଆଣିଦିଏ ବୋଲି ସମାଜବିଜ୍ଞାନୀମାନେ ମତ ଦିଅନ୍ତି। ପାରମ୍ପରିକ ମତରେ ଉଭୟ ଉତ୍ତମ ଶିକ୍ଷା ଓ ଭଲ ଆୟ ବ୍ୟକ୍ତିଙ୍କୁ ସାମାଜିକ ପରିଚୟ ସହ ଆତ୍ମସନ୍ତୋଷ ଏବଂ ସମ୍ପୂର୍ଣ୍ଣତାର ଅନୁଭବ ଦିଏ। କିନ୍ତୁ ସଦ୍ୟ ସମାପ୍ତ ଏକ ସାମାଜିକ-ଅର୍ଥନୈତିକ ପ୍ୟାନେଲ ଅଧ୍ୟୟନ ବିପରୀତ କଥା କୁହେ। ଶିକ୍ଷା ଓ ଆୟରୁ ମିଳୁଥିବା ସଫଳତା ଏବେ ସମ୍ପୂର୍ଣ୍ଣ ସନ୍ତୋଷ ଦେଉ ନାହିଁ। ବରଂ ଏହାର ଆପେକ୍ଷିକ ସ୍ଥିତି ଓ ତୁଳନାତ୍ମକ ବିଶ୍ଳେଷଣ ଲୋକଙ୍କୁ ବିଶେଷ ସନ୍ତୋଷ ଦେଉଛି। ତେବେ ପ୍ରଶ୍ନ ଆସିପାରେ ଯେ ସାମାଜିକ ପ୍ରତିଷ୍ଠା କ'ଣ ଅଧିକାଂଶ ଲୋକ ହାସଲ କରୁଥିବା ବିଳାସପୂର୍ଣ୍ଣ ଜିନିଷରେ ଅଛି ନା ଅଳ୍ପ ଲୋକଙ୍କୁ ମିଳୁଥିବା ଦୁର୍ଲଭ ଏବଂ ସୀମିତ ଜିନିଷରେ ଅଛି?

ଏହି ପରିପ୍ରେକ୍ଷୀରେ ସମାଜବିଜ୍ଞାନରେ ସ୍ଥିତିଗତ ସାମଗ୍ରୀ(ପୋଜିସନାଲ ଗୁଡସ୍)ର ବର୍ଣ୍ଣନା ଅଛି। ସ୍ଥିତିଗତ ସାମଗ୍ରୀ ବିଳାସପୂର୍ଣ୍ଣ ସାମଗ୍ରୀ ନୁହେଁ। ବିଭିନ୍ନ ଆର୍ଥିକ ଓ ସାମାଜିକ ବୈଶିଷ୍ଟ୍ୟ ଦ୍ୱାରା ଉଭୟ ପରିଭାଷିତ ହୋଇଥା'ନ୍ତି। ସଂକ୍ଷେପରେ, ବିଳାସ ହେଉଛି ଗୁଣବତ୍ତା ଓ ଆୟ ଆଧାରିତ। କିନ୍ତୁ ସ୍ଥିତିଗତତା ହେଉଛି ଅଭାବ ଓ ଆପେକ୍ଷିକ ସ୍ଥିତି ଦ୍ୱାରା ପରିଚାଳିତ। ବୁଝିବା ପାଇଁ ଗୋଟିଏ ଉଦାହରଣ ଦେଉଛି। ମର୍ସିଡିଜ୍-ବେଞ୍ଜ ଇ-କ୍ଲାସ୍ ଏକ ବିଳାସପୂର୍ଣ୍ଣ କାର, ଯାହାକୁ ଧନୀ ଲୋକ ବ୍ୟବହାର କରିପାରିବେ। କିନ୍ତୁ ରୋଲ୍ସ-ରଏସ୍ ଫାଣ୍ଟମ୍ ହେଉଛି ଏକ ସ୍ଥିତିଗତ କାର, ସବୁ ଧନୀ ଏହାକୁ ବ୍ୟବହାର କରିପାରିବେ ନାହିଁ। ସମାଜଶାସ୍ତ୍ରୀ ଫ୍ରେଡ୍ ହିର୍ଶଙ୍କ ମତରେ ସ୍ଥିତିଗତ ସାମଗ୍ରୀ ଏପରି ଜିନିଷ, ଯାହାର ମୂଲ୍ୟ ଉପଯୋଗିତାରୁ ନୁହେଁ, ବରଂ ସେମାନଙ୍କର ଅଭାବ ଓ ସାମାଜିକ ସ୍ଥିତିରୁ ଆସିଥାଏ। ସ୍ଥିତିଗତ ସାମଗ୍ରୀର ବ୍ୟବହାର ଦ୍ୱାରା ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ଓ ସାମାଜିକ ପଦବୀ ସୃଷ୍ଟି ହୁଏ। ଉଦାହରଣ ଭାବେ ନେଇଥିବା ଉଚ୍ଚ ଶ୍ରେଣୀର ଘରୋଇ ବିଦ୍ୟାଳୟର ଦେୟ ଏହାର ସ୍ୱତନ୍ତ୍ରତାରେ ନିହିତ ଅଛି। ଏହାର କାରଣ ହେଉଛି ଶିକ୍ଷା ସମସ୍ତଙ୍କ ଅଧିକାର, କିନ୍ତୁ ସମସ୍ତେ ଶିକ୍ଷା ପାଇଁ ସେହି ବିଦ୍ୟାଳୟରେ ପାଠ ପଢ଼ିପାରିବେ ନାହିଁ।

ତେଣୁ କେବଳ 'ଉତ୍ତମ' କିମ୍ବା ଅଧିକ ସ୍ୱତନ୍ତ୍ର ଶିକ୍ଷା ଏକ ପ୍ରତିଯୋଗିତାମୂଳକ ସୁବିଧା ପ୍ରଦାନ କରେ। ଏହା ଶିକ୍ଷାକୁ 'ଅସ୍ତ୍ର ଦୌଡ଼'ରେ ପରିଣତ କରିସାରିଛି। ସମ୍ଭବତଃ ସେଥିପାଇଁ ଦାମିକା ବିଦ୍ୟାଳୟ ଭଳି ସୀମିତ ଓ ଦୁର୍ଲଭ ସମ୍ବଳ ବ୍ୟବହାର କରିବା ମଧ୍ୟ ଏକ ନୂତନ ସାମାଜିକ ପ୍ରତିଷ୍ଠା ହୋଇସାରିଛି। 'ଶିକ୍ଷାଗତ ଅସ୍ତ୍ର ଦୌଡ଼'(ଏଜୁକେସନାଲ୍ ଆର୍ମ ରେସ୍) ଉପରେ ହୋଇଥିବା ଏକ ଅଧ୍ୟୟନ କୁହେ ଯେ 'ଛାୟା ଶିକ୍ଷା'(କୋଚିଂ ଓ ଟ୍ୟୁସନ) ପାଇଁ ଅଭିଭାବକମାନେ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। ଏହାର ପ୍ରଥମ କାରଣ ହେଉଛି ନାମୀଦାମୀ ଓ ଉଚ୍ଚବର୍ଗର ଶିକ୍ଷାନୁଷ୍ଠାନରେ ନାମଲେଖା ହୋଇପାରିବ। ଅନ୍ୟଟି ହେଉଛି ପିଲାମାନଙ୍କୁ ଏକ ଆପେକ୍ଷିକ ଲାଭ ପାଇବା ପାଇଁ ନିଶ୍ଚିତ ଭିତ୍ତିଭୂମି ଯୋଗାଇବ। ଏହି ପ୍ରତିଯୋଗିତାମୂଳକ ଆଚରଣ ସାମାଜିକ ଦୃଷ୍ଟିକୋଣରୁ ଅପଚୟଜନକ ଲାଗିପାରେ; କିନ୍ତୁ ଅଭିଜିତ ସ୍ଥିତି ଖୋଜୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଯୁକ୍ତିଯୁକ୍ତ।

ଏଠାରେ ଜାଣି ରଖିବାକୁ ହେବ ଯେ ଚତୁରତାର ସହ ସ୍ଥିତିଗତ ସାମଗ୍ରୀ ଏକ ସାମାଜିକ ସଙ୍କେତ(ସୋସିଆଲ୍ ସିଗ୍‌ନାଲ୍) ସୃଷ୍ଟି କରେ। ଏହାର ଅର୍ଥ ହେଉଛି, ଏହି ସାମଗ୍ରୀ ମାଧ୍ୟମରେ ବ୍ୟକ୍ତି ନିଜର ସ୍ଥିତି, ପରିଚୟ କିମ୍ବା ସଫଳତାର ବାର୍ତ୍ତା ଅନ୍ୟକୁ ଦିଏ। ଗବେଷକ କାର୍ଲସନ୍, ଜୋହାନସନ୍-ଷ୍ଟେନମ୍ୟାନ୍ ଓ ମାର୍ଟିନ୍‌ସନ୍‌ଙ୍କ ଦ୍ୱାରା ହୋଇଥିବା ଏକ ସାମାଜିକ ସର୍ବେକ୍ଷଣ ଦର୍ଶାଉଛି ଯେ ଲୋକମାନେ ବିଶେଷକରି ଗାଡ଼ି ଓ ଘର ଭଳି ଦୃଶ୍ୟମାନ ସାମଗ୍ରୀକୁ ଦେଖାଣିଆ କରିବାକୁ ଭଲ ପାଆନ୍ତି। କିନ୍ତୁ ଆଧୁନିକ ଡିଜିଟାଲ ସାମାଜିକ ଜୀବନରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଛୁଟି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଯୁବପିଢ଼ି ଓ ପରିଚୟ ଉପରେ ହୋଇଥିବା ଅନ୍ୟ ଏକ ଅଧ୍ୟୟନ କୁହେ ଯେ ତିରିଶ ପ୍ରତିଶତ ଯୁବବର୍ଗଙ୍କ ମତରେ ଦାମୀ ଶିକ୍ଷାନୁଷ୍ଠାନ, ପୋଷାକ ଓ ଜୀବନଶୈଳୀ ମାଧ୍ୟମରେ ସାମାଜିକ ପ୍ରତିଷ୍ଠା ଓ ପରିଚୟ ଆଣିହେବ। ଏହାବ୍ୟତୀତ ସାମାଜିକ ସଙ୍କେତ ଦ୍ୱାରା ସାମାଜିକ ପଦାନୁକ୍ରମ ଓ ସାମାଜିକ ତୁଳନା ମଧ୍ୟ ବ୍ୟାପକ ହୁଏ, ଯେଉଁଠି ନିରପେକ୍ଷ ସଫଳତା ଅପେକ୍ଷା ତୁଳନାତ୍ମକ ସଫଳତାକୁ ଅଧିକ ଗୁରୁତ୍ୱ ମିଳେ। ତୁଳନାତ୍ମକ ସଫଳତା ପାଇଁ ସ୍ଥିତିଗତ ସାମଗ୍ରୀର ଉପସ୍ଥିତି ଜରୁରୀ। ଏକ ଭଲ ପାଠ ପଢ଼ା ହେଉଥିବା ସାଧାରଣ ବିଦ୍ୟାଳୟ ବନାମ ଡୁନ୍ ଭଳି ବିଦ୍ୟାଳୟ ମଧ୍ୟରେ ପ୍ରଭେଦ ହେଉଛି ତୁଳନାତ୍ମକ ସଫଳତାର ଉଦାହରଣ। ଏହାବ୍ୟତୀତ ସାଂସ୍କୃତିକ ଓ ଗଣମାଧ୍ୟମ ଚାପ, ସାମାଜିକ ଆଶା ସହିତ ଆକାଂକ୍ଷୀ ଜୀବନଶୈଳୀ ନାମରେ ସ୍ଥିତିଗତ ସାମଗ୍ରୀର ବ୍ୟବହାର ବଢ଼ି ଚାଲୁଛି।

ସ୍ଥିତିଗତ ସାମଗ୍ରୀ ସାମାଜିକ ଅସମାନତାକୁ ପ୍ରୋତ୍ସାହନ ଦେଉଛି। ଯେହେତୁ ସ୍ଥିତିଗତ ସାମଗ୍ରୀ କୃତ୍ରିମ ଅଭାବରୁ ସୃଷ୍ଟି ହୁଏ ତେଣୁ କେବଳ ସୀମିତସଂଖ୍ୟକ ଲୋକ ଯେମିତି ଏହାକୁ ବ୍ୟବହାର କରିବା ଭଳି ସାମାଜିକ ପରିସ୍ଥିତି ମଧ୍ୟ ଉତ୍ପନ୍ନ ହୁଏ। ଭାରତରେ ସାର୍ବଜନୀନ ଭାବରେ ଉଦ୍ଦିଷ୍ଟ ଥିବା ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପ୍ରାୟତଃ ସ୍ଥିତିଗତ ସାମଗ୍ରୀ ଭାବରେ ଅଧିକ କାର୍ଯ୍ୟ କରେ। ବିଡ଼ମ୍ବନା ଯେ ଉଭୟ ଶିକ୍ଷା ଓ ସ୍ୱାସ୍ଥ୍ୟର ଘରୋଇ ଓ ଦାମୀ ବିକଳ୍ପଗୁଡ଼ିକୁ ସାମାଜିକ ପ୍ରତିଷ୍ଠାର ପ୍ରତୀକ ଭାବରେ ବିବେଚନା କରାଯାଉଛି। ଏହି ସେବାଗୁଡ଼ିକ ନିମ୍ନ-ଆୟ ଗୋଷ୍ଠୀ ପାଇଁ ଏକ ପ୍ରତିବନ୍ଧିତ କ୍ଷେତ୍ର। ଉଦାହରଣ ସ୍ୱରୂପ, ପ୍ରାୟ ୬୦% ଭାରତୀୟ ଗ୍ରାମୀଣ ପରିବାର ନିଜ ପିଲାର ବର୍ଦ୍ଧିତ ଘରୋଇ ସ୍କୁଲ ଫି' ଦେଇପାରୁନାହାନ୍ତି। ଅନ୍ୟପଟେ ଘରୋଇ ଅନୁଷ୍ଠାନମାନଙ୍କର ସାମାଜିକ ଯୁକ୍ତି ହେଉଛି ଯେ ଏ ସବୁ ସଂରଚନାତ୍ମକ ଅସମାନତା ନୁହେଁ। କାରଣ ଯେଉଁଠି ଗୁଣବତ୍ତା, ସେଇଠି ପ୍ରତିଯୋଗିତା ଏବଂ ପ୍ରତିଯୋଗିତା ହିଁ ପ୍ରତିଷ୍ଠା ଆଣେ। କିନ୍ତୁ ଏହା ଧ୍ରୁବ ସତ୍ୟ ଯେ ଶିକ୍ଷାକୁ ଏକ ପ୍ରତିଯୋଗିତାମୂଳକ ଘରୋଇ ଉତ୍ପାଦ ଭାବରେ ଦେଖିବା ଦ୍ୱାରା ଅସମାନତା ବୃଦ୍ଧି ପାଉଛି। ତେଣୁ ସ୍ଥିତିଗତ ଘରୋଇ ଶିକ୍ଷାର ପ୍ରଭାବକୁ ହ୍ରାସ କରିବାକୁ ହେଲେ ଶିକ୍ଷାକୁ ସୁଲଭ ଓ ସାମୂହିକ କରିବା ଜରୁରୀ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଟ୍ରମ୍ପଙ୍କ ଅବୁଝା କୂଟନୀତି ଓ ବିଶ୍ୱ ରାଜନୀତି

**ଦେବଦତ୍ତ ଦାଶ**

ଜନ୍ମସିଦ୍ଧ ନାଗରିକତ୍ୱ ଓ ଅଭିବାସନ ପ୍ରସଙ୍ଗରେ ଭାରତ ଓ ଚୀନ୍‌କୁ 'ନର୍କ' ବୋଲି ବର୍ଣ୍ଣନା କରୁଥିବା ଏକ ବିବାଦୀୟ ପୋଡକାଷ୍ଟକୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁନଃପୋଷ୍ଟ କରିବାର କିଛିଘଣ୍ଟା ମଧ୍ୟରେ ଏକ କୂଟନୈତିକ ବିବାଦ ସୃଷ୍ଟି ହୋଇଛି। ଗତ ୨୩ ତାରିଖର ଏହି 'ପୋଷ୍ଟ'ରେ ଦାବି କରାଯାଇଛି ଯେ ଏହି ଦୁଇଦେଶରୁ ଆସୁଥିବା ପ୍ରବାସୀମାନେ ଆମେରିକାର ଆଇନର ଅପବ୍ୟବହାର କରୁଛନ୍ତି। ଭାରତରେ ବିରୋଧୀ ଦଳର ନେତାମାନେ ଏହାକୁ 'ଅତ୍ୟନ୍ତ ଅପମାନଜନକ' ବୋଲି କହିଥିବା ବେଳେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସତର୍କତାର ସହ ପ୍ରତିକ୍ରିୟା ରଖିଛି। ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସ ତୁରନ୍ତ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ କରିବାକୁ ଯାଇ କହିଛି ଯେ ଟ୍ରମ୍ପ ବାରମ୍ବାର ଭାରତକୁ ଏକ 'ମହାନ ଦେଶ' ବୋଲି କହିଆସିଛନ୍ତି, ଯାହାର ଶୀର୍ଷରେ ଜଣେ ଘନିଷ୍ଠ ବନ୍ଧୁ (ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ) ଅଛନ୍ତି।

୨୦୨୫ ଜାନୁଆରୀରେ ହ୍ୱାଇଟ ହାଉସକୁ ଫେରିବାର ମାତ୍ର ୧୬ ମାସ ମଧ୍ୟରେ ଟ୍ରମ୍ପ ବିଶ୍ୱ ରାଜନୀତିକୁ ବିରାଟ ପ୍ରତିଶ୍ରୁତି, ହଠାତ୍ ଧମକ ଓ ସର୍ବସାଧାରଣରେ ନିଷ୍ପତ୍ତି ପରିବର୍ତ୍ତନ ଦ୍ୱାରା 'ଆମେରିକାର କୂଟନୀତି'କୁ 'ଟ୍ରମ୍ପ-ନୀତି'ରେ ପରିଣତ କରିଛନ୍ତି। ତାଙ୍କର କାର୍ଯ୍ୟଶୈଳୀ 'ଅନୁଷ୍ଠାନ' ଅପେକ୍ଷା 'ଚୁକ୍ତି'(ଡିଲ୍)କୁ ଅଧିକ ପ୍ରାଧାନ୍ୟ ଦିଏ, ଯାହା ମିତ୍ର ଓ ଶତ୍ରୁ ଉଭୟଙ୍କ ପାଇଁ ଅସ୍ଥିରତା ସୃଷ୍ଟି କରେ। ୨୦୨୫ ଜାନୁଆରୀ ୨୦ରେ ନୂଆ ଉତ୍ସାହ ସହ 'ଆମେରିକା ପ୍ରଥମେ' ବୋଲି ପ୍ରତିଶ୍ରୁତି ଦେଇ ଟ୍ରମ୍ପ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭ କରିଥିଲେ। ସେ ତୁରନ୍ତ ବ୍ୟାପକ ପାରସ୍ପରିକ ଆନୁପାତିକ ଶୁଳ୍କ ଲାଗୁ କଲେ, ମିତ୍ର ଓ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଟାର୍ଗେଟ କଲେ ଏବଂ ସିଧାସଳଖ ନେତା-ନେତା ବୁଝାମଣା ଆରମ୍ଭ କଲେ। ୨୦୨୫ ମଧ୍ୟଭାଗ ସୁଦ୍ଧା, ତାଙ୍କ ପ୍ରଶାସନ ଇରାନ ଉପରେ 'ସର୍ବାଧିକ ଚାପ ୨.୦' ଆରମ୍ଭ କରିଥିଲା। ଇସ୍ରାଏଲ ସହ ମିଶି ଫେବୃଆରୀରେ ଆକ୍ରମଣ କରିଥିଲା ଏବଂ ଭାରତ ଭଳି ସହଯୋଗୀଙ୍କ ସହ ବାଣିଜ୍ୟିକ ବିବାଦର ସମ୍ମୁଖୀନ ହୋଇଥିଲା। ତାଙ୍କର ଏହି ପନ୍ଥା 'ଦି ଆର୍ଟ ଅଫ୍ ଦି ଡିଲ୍' ନୀତିରୁ ଅନୁପ୍ରାଣିତ। ଏହି ନୀତି ଅନୁଯାୟୀ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ସର୍ବଦା ଚାପରେ ରଖ। ଏହି 'ଉନ୍ମାଦ ରଣନୀତି' ସ୍ୱଳ୍ପକାଳୀନ ଲାଭ ଦେଇପାରେ, କିନ୍ତୁ ବିଶ୍ୱସ୍ତରରେ ବିଶ୍ୱାସକୁ କ୍ଷୁର୍ଣ୍ଣ କରେ।

ଆନ୍ତର୍ଜାତୀୟ ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ଯଦିଓ ଅନିଶ୍ଚିତତା ସୃଷ୍ଟି କରି ଆମେରିକା କିଛି ରିହାତି ପାଇବାକୁ ଅନ୍ୟ ଦେଶମାନଙ୍କୁ ବାଧ କରିପାରେ, କିନ୍ତୁ ଏକ ପରସ୍ପର ସଂଯୁକ୍ତ ବିଶ୍ୱରେ ଏହା ଅରାଜକତା, ଅର୍ଥନୈତିକ ଅନିଶ୍ଚିତତା ଓ ଦୁର୍ବଳ ମିତ୍ରତା ସୃଷ୍ଟି କରେ। ୨୦୨୬ ମସିହାର ପ୍ରାରମ୍ଭିକ ତଥ୍ୟ ଦର୍ଶାଏ ଯେ ଟ୍ରମ୍ପଙ୍କ ମନ୍ତବ୍ୟ ପ୍ରତି ବିଶ୍ୱ ବଜାର କଠୋର ପ୍ରତିକ୍ରିୟା ଦେଖାଇଛି। ଇରାନ ଉତ୍ତେଜନା ସମୟରେ ତୈଳ ଦର ୧୫% ରୁ ଅଧିକ ବୃଦ୍ଧି ପାଇଛି ଏବଂ ଶୁଳ୍କ ଧମକ ମଧ୍ୟରେ ଭାରତୀୟ ଟଙ୍କା ସମେତ ଉଦୀୟମାନ ବଜାରର ମୁଦ୍ରା ଚାପର ସମ୍ମୁଖୀନ ହୋଇଛି।

ଇରାନ ପରିସ୍ଥିତି ଟ୍ରମ୍ପଙ୍କ 'ଅକୂଟନୀତି'ର ସର୍ବୋତ୍ତମ ଉଦାହରଣ। ତାଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୫ ଚୁକ୍ତିରୁ ଓହରିଯିବା ପରେ ଦ୍ୱିତୀୟ କାର୍ଯ୍ୟକାଳରେ ଏହାକୁ ଆହୁରି ବଢ଼ାଇ ଦେଲେ। ୨୦୨୫ ମସିହାରେ ଆମେରିକା ଓ ଇସ୍ରାଏଲ ଇରାନର ପରମାଣୁ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିଥିଲେ। ୨୦୨୬ ପ୍ରାରମ୍ଭରେ ସିଧାସଳଖ ଆମେରିକୀୟ କାର୍ଯ୍ୟାନୁଷ୍ଠାନ ସହିତ ଯୁଦ୍ଧ ହୋଇଥିଲା। ପାକିସ୍ତାନ ଓ ଓମାନ ମାଧ୍ୟମରେ ପରୋକ୍ଷ ଭାବେ କରାଯାଇଥିବା ଆଲୋଚନା ଅସ୍ଥିର ରହିଛି। ଟ୍ରମ୍ପ ସମୟସୀମା (୬୦ ଦିନ, ତା'ପରେ ଛୋଟ ଅଲ୍ଟିମେଟମ୍) ନିର୍ଦ୍ଧାରଣ କଲେ, ହରମୁଜ ପ୍ରଣାଳୀରେ ନୌସେନା ଅବରୋଧ ଲଗାଇଲେ ଏବଂ ନାଟକୀୟ ଢଙ୍ଗରେ ଧମକ ଦେଲେ। ୨୦୨୬ ଏପ୍ରିଲରେ ଟ୍ରମ୍ପ ଚେତାବନୀ ଦେଇଥିଲେ ଯେ ଯଦି କୌଣସି ଚୁକ୍ତି ନହୁଏ, ତେବେ 'ସାରା ଦେଶ ଉଡ଼ିଯିବ', ସେଠାରେ ପୋଲ ଓ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରାଯିବ। ଏକ ସମ୍ପୂର୍ଣ୍ଣ ସଭ୍ୟତା ଆଜି ରାତିରେ ମରିଯିବ, ଯାହା କେବେବି ଆଉ ଫେରିବ ନାହିଁ। ତଥାପି ସେ ଅସ୍ତ୍ରବିରତି ବୃଦ୍ଧି କରିଛନ୍ତି ଏବଂ ଇରାନର 'କାର୍ଯ୍ୟକ୍ଷମ' ପ୍ରସ୍ତାବଗୁଡ଼ିକର ପ୍ରଶଂସା କରିଛନ୍ତି, ଯାହା ଗର୍ଜନ ସହ ଆଶାବାଦର ମିଶ୍ରଣ। ତାଙ୍କ ଦଳର ନିଷ୍ପତ୍ତି କୂଟନୀତିଜ୍ଞମାନେ ନୁହେଁ, ବରଂ ଜାରେଡ କୁଶନର ଏବଂ ରିଅଲ ଇଷ୍ଟେଟ୍ ନିବେଶକ ଷ୍ଟିଭ୍ ୱିଟକଫ୍ ଭଳି ବ୍ୟକ୍ତି ନେଉଛନ୍ତି। ସେମାନେ ବହୁପକ୍ଷୀୟ ବ୍ୟବସ୍ଥା ଅପେକ୍ଷା ବ୍ୟକ୍ତିଗତ ପ୍ରଭାବ ଉପରେ ଗୁରୁତ୍ୱ ଦିଅନ୍ତି।

ଆମେରିକାରର ଭାରତ ବିରୋଧୀ ଶୁଳ୍କ ନୀତି ଓ 'ନର୍କ' ମନ୍ତବ୍ୟ ମଧ୍ୟରେ ରଣନୈତିକ ସହଯୋଗୀ ଭାରତ ପାଇଁ ବିରାଟ ଆହ୍ୱାନ ସୃଷ୍ଟି କରେ। ଦ୍ୱିପାକ୍ଷିକ ସମ୍ପର୍କ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ରହିଛି ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଓ ଚୀନ୍‌କୁ ପ୍ରତିହତ କରିବା। କିନ୍ତୁ କାରବାର ଭିତ୍ତିକ ସଂଘର୍ଷ ପ୍ରାଧାନ୍ୟ ବିସ୍ତାର କରୁଛି। ୨୦୨୫ରେ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଉଚ୍ଚ ଶୁଳ୍କ ଲଗାଇଥିଲେ, ଯାହା ଅଗଷ୍ଟରେ ୫୦% ପର୍ଯ୍ୟନ୍ତ ପହଞ୍ଚିଥିଲା। ଭାରତ ବଡ଼ ସହଯୋଗୀମାନଙ୍କ ମଧ୍ୟରେ ସର୍ବାଧିକ ଶୁଳ୍କର ସମ୍ମୁଖୀନ ହୋଇଥିଲା, ଯାହା ବସ୍ତ୍ର, ଔଷଧ ଓ ରତ୍ନ ରପ୍ତାନିକୁ ବାଧା ଦେଇଥିଲା। ୨୦୨୬ ଫେବୃଆରୀ ସୁଦ୍ଧା ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଆସିଥିଲା, ଯେଉଁଥିରେ ଆମେରିକୀୟ ସାମଗ୍ରୀ ପାଇଁ ବଜାର ଖୋଲିବାକୁ ପ୍ରତିଶ୍ରୁତି ଦେବାକୁ ସର୍ତ୍ତ ରହିଥିଲା। ସାମ୍ପ୍ରତିକ 'ନର୍କ' ପୁନଃପୋଷ୍ଟ ପୁରୁଣା ଘା'ରେ ଚୂନ ଲଗାଇଲା ଭଳି କାମ କରୁଛି।

ଏକ ନିୟମ-ଆଧାରିତ ଶୃଙ୍ଖଳାର ପତନରେ ଭାରତ ଭଳି ମଧ୍ୟମ ଶକ୍ତିମାନେ ମିଳିତ ଜାତିସଂଘ କିମ୍ବା ବିଶ୍ୱ ବାଣିଜ୍ୟ ସଂଗଠନ ଭଳି ମଞ୍ଚରେ କାର୍ଯ୍ୟ କରିବାର ସ୍ଥାନ ହରାଉଛନ୍ତି। ଏବେ କୂଟନୀତି ବିଶ୍ୱାସ, ସ୍ଥିରତା ଓ ଧୈର୍ଯ୍ୟ ଆବଶ୍ୟକ କରୁଥିବା ବେଳେ ଭାରତ ପାଇଁ ସହନଶୀଳତାର ପରୀକ୍ଷା ଅପେକ୍ଷା କରିଛି। ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ଏସୀୟ ପ୍ରଶାନ୍ତ ମହାସାଗରୀୟ ରଣନୈତିକ ସହଯୋଗୀ ଭାବରେ ଭାରତକୁ ସତର୍କତା ସହିତ ଆଗକୁ ବଢ଼ିବାକୁ ପଡ଼ିବ।

କେନ୍ଦ୍ରାପଡ଼ା, ମୋ: ୯୯୩୭୨୨୭୯୯୪

# କଳିଙ୍ଗରେ ବୌଦ୍ଧଧର୍ମର ପ୍ରସାର

**ପ୍ରବୀର କୁମାର ପଟ୍ଟନାୟକ**

## ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

ହୁଏନସାଂ ସମ୍ଭବତଃ ମହାସଂଘିକମାନଙ୍କର ପରମ୍ପରା ଆଧାରରେ ଦର୍ଶାଇଛନ୍ତି ଯେ ଅଶୋକ ରାଜା ବିଭେଦକାରୀ ଗୋଷ୍ଠୀର ଆଚାର୍ଯ୍ୟ ମହାଦେବଙ୍କୁ ପ୍ରୋତ୍ସାହିତ କରିଥିଲେ ଏବଂ ତାଙ୍କ ସମୟରେ ସର୍ବାସ୍ତିବାଦୀମାନେ ମଗଧ ପରିତ୍ୟାଗ କରି କାଶ୍ମୀର ଅଞ୍ଚଳକୁ ପଳାଇ ଯାଇଥିଲେ। କିନ୍ତୁ ଅଶୋକଙ୍କ ଭଳି ଜଣେ ଅତ୍ୟନ୍ତ ଉଦାରବାଦୀ ସମ୍ରାଟ, ଯିଏ କି ଅଣବୌଦ୍ଧ ସଂପ୍ରଦାୟଗୁଡ଼ିକୁ ମଧ୍ୟ ଆନ୍ତରିକ ସହିଷ୍ଣୁତା ତଥା ପୃଷ୍ଠପୋଷକତା ପ୍ରଦାନ କରୁଥିଲେ, ତାଙ୍କଠାରୁ କଦାପି ଆଶା କରାଯାଇ ପାରିବ ନାହିଁ କି ସେ ବୌଦ୍ଧଧର୍ମର ଗୋଟିଏ ଗୋଷ୍ଠୀକୁ ସମର୍ଥନ କରିବା ନିମନ୍ତେ ଅନ୍ୟ ସଂପ୍ରଦାୟର କ୍ଷତି କରି ବସିବେ। 'ସଂଘଭେଦ ସ୍ତମ୍ଭ ଅନୁଶାସନ' ଏବଂ 'ଭାବ୍ରୁ ଅନୁଶାସନ'ରୁ ସ୍ପଷ୍ଟ ଜଣାଯାଏ କି ଅଶୋକ ବୌଦ୍ଧ ଭ୍ରାତୃତ୍ୱକୁ ଏକକ ସଂପ୍ରଦାୟ ଭାବରେ ଗ୍ରହଣ କରୁଥିଲେ ଏବଂ ବୌଦ୍ଧଧର୍ମକୁ 'ସଦ୍ଧର୍ମ' ଭାବରେ ବିଚାର କରୁଥିଲେ। ତେଣୁ ଅଧିକ କଳ୍ପନାଜଳ୍ପନା ନ କରି ଆମେ ଅଶୋକଙ୍କୁ ବୌଦ୍ଧଧର୍ମର ଜଣେ ନିଷ୍ଠାପର ସମର୍ଥକ ତଥା ଅନୁଗାମୀ ଭାବେ ଗ୍ରହଣ କରିପାରିବା।

ଉପରେ ଦର୍ଶାଯାଇଥିବା 'ସଂଘଭେଦ ସ୍ତମ୍ଭ ଅନୁଶାସନ'ରେ ଅଶୋକ ସଂଘ ମଧ୍ୟରେ ବିଭେଦ ସୃଷ୍ଟି କରୁଥିବା ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କୁ ଦଣ୍ଡବିଧାନ ବିଷୟରେ ଉଲ୍ଲେଖ କରିଛନ୍ତି ଏବଂ ଭାବ୍ରୁ ଅନୁଶାସନରେ ଅଶୋକ ବୁଦ୍ଧ, ସଂଘ ଓ ଧର୍ମ- ଏହି ତ୍ରିରତ୍ନ ଉପରେ ସଂପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ଘୋଷଣା କରିଛନ୍ତି। ଏହି ଅନୁଶାସନଗୁଡ଼ିକ ସ୍ପଷ୍ଟ ଦର୍ଶାଇଥା'ନ୍ତି କି ଅଶୋକ ବୌଦ୍ଧଧର୍ମର ଜଣେ ସକ୍ରିୟ ସମର୍ଥକ ତଥା ପୃଷ୍ଠପୋଷକ ଥିଲେ। ସମ୍ରାଟ ଅଶୋକ ସର୍ବସାଧାରଣରେ ବୌଦ୍ଧଧର୍ମ ପ୍ରତି ତାଙ୍କର ନିଷ୍ଠା, ଆଗ୍ରହ, ଆସ୍ଥା ଓ ବିଶ୍ୱାସର କଥା ପ୍ରକାଶ କଲେ ତଥା ପ୍ରଦର୍ଶନ କରିବା ପରେ ବିଭିନ୍ନ ସଂପ୍ରଦାୟର ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀମାନେ ଧର୍ମର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଏକ ଦୃଢ଼ ପେରଣା ପାଇଲେ ଏବଂ ସାଧାରଣଲୋକମାନେ ମଧ୍ୟ ପ୍ରବୃତ୍ତି ଅନୁଯାୟୀ ଏଥିପ୍ରତି ଆକୃଷ୍ଟ ହେଲେ।

ଏହିପରି ଅଶୋକଙ୍କ ରାଜ୍ୟଶାସନ କାଳରେ ବୌଦ୍ଧଧର୍ମ କାଶ୍ମୀର, ଗାନ୍ଧାର, ହିମବନ୍ତ ପ୍ରଦେଶ (ହିମାଳୟ ଅଞ୍ଚଳ), ମହିଷ ମଣ୍ଡଳ ଗାନ୍ଧାର, ହିମବନ୍ତ ପ୍ରଦେଶ(ହିମାଳୟ ଅଞ୍ଚଳ), ମହିଷ ମଣ୍ଡଳ(ଆନ୍ଧ୍ର ଅଞ୍ଚଳ), ବନବାସୀ(କର୍ଣ୍ଣାଟକ ଅଞ୍ଚଳ), ମହାରାଷ୍ଟ୍ର ଏବଂ ସୁବର୍ଣ୍ଣଭୂମି (ବର୍ମା ଓ ଥାଇଲାଣ୍ଡ ଅଞ୍ଚଳ) ଆଦି ଏକ ବିସ୍ତୃତ ଭୂଖଣ୍ଡ ସହ ଅଶୋକଙ୍କ ନିଜ ବିଶାଳ ସାମ୍ରାଜ୍ୟ ମଧ୍ୟରେ ଏବଂ ତାଙ୍କ ସାମ୍ରାଜ୍ୟର ସୀମା ବାହାରେ ଅନ୍ୟାନ୍ୟକ୍ଷେତ୍ର ଯୋନ (ଯବନ ରାଜ୍ୟ), କମ୍ବୋଜ (କାମ୍ବୋଡ଼ିଆ), ଗାନ୍ଧାର, ନଭକ ଆଦି ଉତ୍ତରାପଥର ଅଞ୍ଚଳ ତଥା ପେଟିନିକ(ଦକ୍ଷିଣ-ପଶ୍ଚିମ ଅଞ୍ଚଳ) ଆଦି ଉତ୍ତର ତଥା ପଶ୍ଚିମ ଭାଗର ଦେଶମାନ ଏବଂ ଚୋଡ଼ ପାଣ୍ଡ୍ୟ (ଦକ୍ଷିଣ) କେରଳ, ତାମିଲନାଡୁ ଏପରିକି ତାମ୍ରପର୍ଣ୍ଣି ଅଥବା ସିଂହଳ ଆଦି ଅଞ୍ଚଳରେ ବ୍ୟାପି ଯାଇଥିଲା। ବିଭିନ୍ନ ଶାଖାଗୁଡ଼ିକର ଭିନ୍ନ ଭିନ୍ନ ଅଞ୍ଚଳରେ ବିଶେଷ ଉପସ୍ଥିତି ସଂପର୍କରେ କହିବାକୁ ଗଲେ ପଶ୍ଚିମ ଭାଗର ଅବନ୍ତୀ ଅଞ୍ଚଳରେ ବିଶିଷ୍ଟ ଆଚାର୍ଯ୍ୟ ମହାକାତ୍ୟାୟନ ବୌଦ୍ଧଧର୍ମର ମୂଳଦୁଆ ସ୍ଥାପନ କରିଥିଲେ ଏବଂ ଏହି ଅଞ୍ଚଳଟି ଥେରବାଦର ସୁରକ୍ଷିତ କ୍ଷେତ୍ର ହୋଇଯାଇଥିଲା। ଏହିଠାରୁ ହିଁ ସିଂହଳରେ ଥେରବାଦର ପ୍ରଚାର ପ୍ରସାର ପାଇଁ ମହେନ୍ଦ୍ରଙ୍କୁ ପଠାଯାଇଥିଲା।

ସେହିଭଳି ମଗଧରୁ ଥେରବାଦୀମାନଙ୍କର ଏକ କ୍ଷୁଦ୍ର ଦଳ କାଶ୍ମୀର ଓ ଗାନ୍ଧାର ଅଞ୍ଚଳକୁ ପଳାଇଥିଲେ। ମାତ୍ର ସେମାନଙ୍କର ମୁଖ୍ୟ ଭାଗ ମଗଧରେ ହିଁ ମୋଗଲିପୁତ୍ତ ତିସ୍ସଙ୍କ ନେତୃତ୍ୱରେ ରହିଥିଲେ। କିନ୍ତୁ ପାଟଳୀପୁତ୍ରର କୁକୁଟରାମା ବୌଦ୍ଧବିହାରଟି ମହାସଂଘିକମାନଙ୍କ ଅଧୀନକୁ ଚାଲି ଯାଇଥିଲା। ସର୍ବାସ୍ତିବାଦମାନେ ଆଚାର୍ଯ୍ୟ ଉପଗୁପ୍ତଙ୍କ ନେତୃତ୍ୱରେ ମଥୁରାରେ ସେମାନଙ୍କର ଶକ୍ତ ଓ ସୁଦୃଢ଼ ଉପସ୍ଥିତି ସ୍ଥାପନ କରିଥିଲେ। ସର୍ବାସ୍ତିବାଦୀମାନେ ମଧ୍ୟ ଆଚାର୍ଯ୍ୟ ମଧ୍ୟାନ୍ତିକଙ୍କ ମାଧ୍ୟମରେ କାଶ୍ମୀର ଗାନ୍ଧାର ଅଞ୍ଚଳରେ ଅତ୍ୟନ୍ତ ଲୋକପ୍ରିୟତା ଅର୍ଜନ କରିବା ସହ ନିଜକୁ ଦୃଢ଼ଭାବେ ପ୍ରତିଷ୍ଠିତ କରାଇଥିଲେ।

ସର୍ବାସ୍ତିବାଦର ପ୍ରମୁଖ ତଥା ସର୍ବାଧିକ ସକ୍ରିୟ ଆଚାର୍ଯ୍ୟ ତଥା ପ୍ରଚାରକ ଥିଲେ ଆଚାର୍ଯ୍ୟ ଧିତିକ। ସେ ସର୍ବାସ୍ତିବାଦକୁ ସମଗ୍ର ଉତ୍ତର ଭାରତ ସହ ଉତ୍ତର-ପଶ୍ଚିମ ଭାଗର ତୁଖାରାଠାରୁ ଉତ୍ତର-ପୂର୍ବର କାମରୂପ ପର୍ଯ୍ୟନ୍ତ ଏବଂ ପଶ୍ଚିମ ଭାଗର ଅବନ୍ତୀଠାରୁ ପୂର୍ବର କଳିଙ୍ଗ ପର୍ଯ୍ୟନ୍ତ ପ୍ରସାରିତ କରି ପାରିଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଦଳୀୟ ନିର୍ଦ୍ଦେଶ ଭାଙ୍ଗି କ୍ରସ ଭୋଟିଂ | ୮ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ଅଣ୍ଟାଭିଡ଼ିଲା ବିଜେଡି

ଭୁବନେଶ୍ୱର, ୨୪/୪(ସମିସ): ଗତ ରାଜ୍ୟସଭା ନିର୍ବାଚନରେ ଦଳୀୟ ନିର୍ଦ୍ଦେଶ ଭାଙ୍ଗି କ୍ରସଭୋଟିଂ କରିଥିବା ୮ ଜଣ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ଆନୁଷ୍ଠାନିକ ପ୍ରକ୍ରିୟା ଆରମ୍ଭ କରିଛି ବିଜେଡି । ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଏକ ଦଳୀୟ ପ୍ରତିନିଧି ମଣ୍ଡଳୀ ଆସନ୍ତା ୨୭ ତାରିଖରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ସାକ୍ଷାତ କରିବେ। ଏହି ଅବସରରେ ସେମାନେ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିଥିବା ୮ ଜଣ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ଦାବି କରିବେ ବୋଲି ସୂଚନା ମିଳିଛି ।

**୨୭ରେ ବାଚସ୍ପତିଙ୍କୁ ଭେଟିବେ ବିଜେଡି ପ୍ରତିନିଧି ମଣ୍ଡଳୀ**

ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଡ. ସନ୍ତୃପ୍ତ ମିଶ୍ର ଓ ଦଳ ଘୋଷିତ ମିଳିତ ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତାଙ୍କ ସପକ୍ଷରେ ମତଦାନ ନିମନ୍ତେ ବିଜେଡି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଧାନସଭାରେ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏ ସଂକ୍ରାନ୍ତରେ ବିଧାୟକଙ୍କ ଉଦ୍ଦେଶ୍ୟରେ ବିଧାୟକମାନଙ୍କ ପାଇଁ ୩ ଧାଡ଼ିଆ ହୁଇପ୍ ଜାରି କରିଥିଲେ। ମାତ୍ର ଦଳୀୟ ନିଷ୍ପତ୍ତିକୁ ଉଲ୍ଲଂଘନ କରି ବିଧାୟକ ସୁବାସିନୀ ଜେନା, ରମାକାନ୍ତ ଭୋଇ, ଚକ୍ରମଣି କହଁର , ନବକିଶୋର ମଲ୍ଲିକ, ସୌଭିକ୍ ବିଶ୍ୱାଳ ଓ ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିଲେ। ଅନୁରୂପ ଭାବରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୂର୍ବରୁ ଦଳରୁ ନିଲମ୍ବିତ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ର ମଧ୍ୟ କ୍ରସ ଭୋଟିଂ କରିଥିଲେ। ସନାତନ ଓ ଅରବିନ୍ଦ ନିଲମ୍ବିତ ହୋଇଥିଲେହେଁ ଉଭୟ ଦଳୀୟ ଟିକଟ ଓ ଚିହ୍ନରେ ନିର୍ବାଚିତ ହୋଇଥିବାରୁ ଦଳର ନିର୍ଦ୍ଦେଶକୁ ବାଧ୍ୟ ବୋଲି ସେତେବେଳେ କୁହାଯାଇଥିଲା। ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ ପୂର୍ବରୁ ନିଲମ୍ବିତ ୨ ବିଧାୟକ ଓ କ୍ରସ ଭୋଟିଂ ପରେ ଦଳରୁ ନିଲମ୍ବିତ ୬ ବିଧାୟକଙ୍କଙ୍କ ବିଧାନସଭା ସଦସ୍ୟ ପଦ ରଦ୍ଦ ପାଇଁ ଦଳ ଦାବି କରିବ। ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ନିମନ୍ତେ ବିଧାୟକଙ୍କର ବିଧାନସଭା ସଭ୍ୟପଦ ରଦ୍ଦ ହେବାର ଆପାତତଃ ନିୟମ ନାହିଁ । ମାତ୍ର ଦଳୀୟ ଶୃଙ୍ଖଳା ଭାଙ୍ଗି କ୍ରସଭୋଟିଂ ଅଭିଯୋଗରେ ଦଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି । ପୂର୍ବରୁ ବିଭିନ୍ନ ରାଜ୍ୟରେ ଏ ସଂକ୍ରାନ୍ତରେ ଅନୁରୂପ କାର୍ଯ୍ୟାନୁଷ୍ଠାନ ହୋଇଥିବାରୁ ଓଡ଼ିଶାରେ ମଧ୍ୟ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି କୁହାଯାଉଛି ।

## ବାପା-ମାଙ୍କୁ ଥାନାରେ ଅଟକ ରଖିବାରୁ ଯୁବକଙ୍କ ଆତ୍ମହତ୍ୟା

ଢେଙ୍କାନାଳ, ୨୪।୪(ସମିସ): ବାପା-ମା'ଙ୍କୁ ଥାନାରେ ଅଟକ ରଖିବାରୁ ବେକରେ ରଶି ଲଗାଇ ଝୁଲିପଡ଼ିଲେ ଯୁବକ। ଢେଙ୍କାନାଳ ମୋଟଙ୍ଗା ଥାନା ନିମିଧା ଗାଁରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ବେଣୁପାଣି ସାହୁ(୨୧) । ବେଣୁପାଣି ଅନୁଗୋଳର ଜଣେ ନାବାଳିକାକୁ ପ୍ରେମ କରୁଥିଲେ। ଉଭୟ ଘରୁ ଲୁଚି କିଛି ଦିନ ହେବ ମୁମ୍ବାଇ ପଳାଇଥିଲେ। ଝିଅଘର ଲୋକଙ୍କ ଏତଲା ପରେ ଅନୁଗୋଳ ସଦର ଥାନା ପୁଲିସ ବେଣୁଙ୍କ ବାପା ମାଆଙ୍କୁ ଗତ ତିନି ଦିନ ହେଲା ଅଟକ ରଖିଥିଲା। ବେଣୁ ମୁମ୍ବାଇରୁ ଫେରିବା ପରେ ବାପା-ମା'ଙ୍କୁ ପୁଲିସ ଉଠାଇ ନେଇଥିବା ଜାଣିବାକୁ ପାଇଥିଲେ। ଝିଅକୁ ଆଣି ଥାନାକୁ ଆସିବାକୁ ପୁଲିସ କହିବା ପରେ ବେଣୁ ଘରେ ରଶି ଲଗାଇ ଝୁଲି ପଡ଼ିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୨୩ ଯୋଜନା...

ଗତ ୩ରୁ ୪ ବର୍ଷ ଧରି ଅନୁଦାନ ପାଉନଥିବା ଯୋଜନା ଗୁଡ଼ିକୁ ବନ୍ଦ ସଂକ୍ରାନ୍ତରେ ସଙ୍କେତ ଦେଇଛନ୍ତି। ଏଥିପାଇଁ ସମସ୍ତ ରାଜ୍ୟ ପ୍ରବର୍ତ୍ତିତ ଯୋଜନାଗୁଡ଼ିକର ଏକ ବ୍ୟାପକ ସମୀକ୍ଷା କରିବାକୁ ବିଭାଗଗୁଡ଼ିକୁ ଅନୁରୋଧ କରାଯାଇଛି । ସେହିପରି ଯେଉଁଠାରେ ସମ୍ଭବ ସମାନ ପ୍ରକୃତିର ରାଜ୍ୟ ପ୍ରବର୍ତ୍ତିତ ଯୋଜନାଗୁଡ଼ିକୁ ଏକତ୍ର କରି ଗୋଟିଏ ବର୍ଗରେ ବର୍ଗୀକୃତ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଭାଗ ସେମାନଙ୍କର ରାଜ୍ୟ କ୍ଷେତ୍ରୀୟ ଯୋଜନାଗୁଡ଼ିକର ଚୂଡ଼ାନ୍ତ ତାଲିକା ଆସନ୍ତା ୧୫ ଦିନ ମଧ୍ୟରେ ଯୋଜନା ଓ ସଂଯୋଜନ ବିଭାଗକୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଅପରପକ୍ଷେ ଏପରି ଯୋଜନା ବନ୍ଦ ହେବାକୁ ନେଇ ସାଧାରଣରେ ଚର୍ଚ୍ଚା ଆଲୋଚନା ଆରମ୍ଭ ହେଲାଣି । ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ଏବେ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି । ରାଜ୍ୟରେ ବିଜେପି ସରାରକୁ ଆସିବା ପରଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପରି ଜନମଙ୍ଗଳକାରୀ ଯୋଜନାକୁ ବନ୍ଦ କରି ଦେଇଛନ୍ତି । ଅନେକ ଯୋଜନାର ନାମ ମଧ୍ୟ ପରିବର୍ତ୍ତନ କରାଯାଇଛି । ଯାହାକୁ ନେଇ ସାଧାରଣରେ ଲୋକେ ବେଶ୍ କ୍ଷୋଭକ୍ତି ପ୍ରକାଶ କରୁଥିବାର ଦେଖିବାକୁ ମିଳୁଛି। ଏପରିସ୍ଥଳେ ସରକାର ଯେଉଁ ଯୋଜନା ଗୁଡ଼ିକ ବନ୍ଦ କରିବାକୁ ଯାଉଛନ୍ତି ଏହା ପଛରେ ରାଜନୀତି ଅଭିସନ୍ଧି ଥିବା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି। ସେହିପରି କୌଣସି ଯୋଜନା ବନ୍ଦ କରିବା ପୂର୍ବରୁ ସରକାର ଏହାର ଉଦ୍ଦେଶ୍ୟ ଏବଂ ସୁଦୂର ପ୍ରସାରୀ ପ୍ରଭାବ ଉପରେ ଭଲ ଭାବରେ ଅନୁଶୀଳନ କରିବାକୁ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। କେବଳ ପୂର୍ବ ସରକାର ଯୋଜନା ପ୍ରଣୟନ କରିଥିଲେ ବୋଲି ସେହି ନ୍ୟାୟରେ ଏହାକୁ ବନ୍ଦ କରିଦେବା ସାଧାରଣରେ ଭଲ ବାର୍ତ୍ତା ଦେବନାହିଁ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

### ବିଜେପିରେ ମିଶିଲେ...

ଅନୁଯାୟୀ ବିଜେପି ସହ ମିଶ୍ରଣ ହେବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ବଡ଼ ଧରଣର ଦଳବଦଳ ପରେ ରାଜ୍ୟସଭାରେ ଆପ୍‌ର ସଦସ୍ୟ ସଂଖ୍ୟା ମାତ୍ର ୩କୁ ହ୍ରାସ ପାଇଛି। ବର୍ତ୍ତମାନ କେବଳ ସଞ୍ଜୟ ସିଂ, ଏନଡି ଗୁପ୍ତା ଏବଂ ବଲବୀର ସିଂ ସିଚେୱାଲ ହିଁ ରାଜ୍ୟସଭାରେ ଆପ୍ ସଂସଦ ରହିଛନ୍ତି । ଆଜି ଦଳ ଛାଡ଼ିଥିବା ଆପ୍‌ର ଏହି ନେତାମାନେ ବିଜେପି ସଭାପତି ନିତିନ ନବୀନଙ୍କୁ ଭେଟି ଆନୁଷ୍ଠାନିକ ଭାବେ ଦଳରେ ଯୋଗଦେଇଛନ୍ତି। ଏହି ଘଟଣା ପରେ ଆପ୍ ନେତା ସଞ୍ଜୟ ସିଂ ବିଜେପିର ସମାଲୋଚନା କରିଛନ୍ତି। ଏହାକୁ ସେ ବିଜେପିର ଅପରେସନ ଲୋଟସ୍‌ର ବୋଲି କହିଛନ୍ତି। ସେ କହିଛନ୍ତି ଯେ ପଞ୍ଜାବର ଜନସାଧାରଣ ଏହି ବିଶ୍ୱାସଘାତକମାନଙ୍କୁ କେବେବି କ୍ଷମା କରିବେ ନାହିଁ। ପଞ୍ଜାବ ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭଲ କାମ କରୁଥିବା ବେଳେ ବିଜେପି ଏଭଳି ଷଡ଼ଯନ୍ତ୍ର କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

### ଆକାଶରୁ ବର୍ଷୁଛି...

ବୌଦ୍ଧରେ ୪୧.୮ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୨ ଡିଗ୍ରୀ, ବରଗଡ଼ରେ ୪୧.୭ ଡିଗ୍ରୀ, ଢେଙ୍କାନାଳରେ ୪୧.୫ ଡିଗ୍ରୀ ଓ ଖୋର୍ଦ୍ଧାରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ୪୨.୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଶୁକ୍ରବାର ତାପମାତ୍ରା ୩୯.୪ ଡିଗ୍ରୀ ରେକର୍ଡ ହୋଇଛି । ଶନିବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଅନୁଭୂତ ହେବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତାକାଲିଠାରୁ ରାଜ୍ୟରେ କାଳବୈଶାଖୀର ବ୍ୟାପକ ପ୍ରଭାବ ଅନୁଭୂତ ହେବ । ଆସନ୍ତା ୩୦ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଜାରି ରହିବ, ଏହାଦ୍ୱାରା ତାତିରୁ ସାମାନ୍ୟ ଉପଶମ ମିଳିବ ବୋଲି ଆଶା କରାଯାଉଛି ।

### ୩୦ରେ ବିଧାନସଭାର...

ବିଲ୍ ପାରିତ ହୋଇଥିବା ବେଳେ ବର୍ତ୍ତମାନର ୫୪୩ ଲୋକସଭା ଆସନରେ ସରକାର କାହିଁକି ସଂରକ୍ଷଣ ପ୍ରଦାନ କରୁନାହାନ୍ତି ବୋଲି ବିରୋଧୀ ପ୍ରଶ୍ନ କରୁଛନ୍ତି। ଶାସକ-ବିରୋଧୀଙ୍କ ମଧ୍ୟରେ ମହିଳା ସଂରକ୍ଷଣ ବିଲକୁ ନେଇ ଛକାପଞ୍ଝା, ଆରୋପ ପ୍ରତ୍ୟାରୋପ ଲାଗି ରହିଥିବା ବେଳେ ଏହାର ପ୍ରତିଫଳନ ବିଧାନସଭାରେ ଦେଖିବାକୁ ମିଳିବ ବୋଲି ଅନୁମାନ କରାଯାଉଛି ।

### ବଲାଙ୍ଗୀରରେ ହେବ...

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲା ପାଇଁ ୫୮୦ କୋଟି ଟଙ୍କା ମୂଲ୍ୟର ୩୦୪ ଟି ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ୩୨୯ କୋଟି ଟଙ୍କାର ୨୬୮ ପ୍ରକଳ୍ପର ଲୋକାର୍ପଣ ସହ ୨୫୨ କୋଟି ଟଙ୍କାର ୩୬ ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ଏଥିରେ ଏଥିରେ ଭୀମଭୋଇ ମେଡିକାଲ କଲେଜରେ ଏକ ନୂତନ ନର୍ସିଂ କଲେଜ ପାଇ ମଧ୍ୟ ଶିଳାନ୍ୟାସ କରାଯାଇଛି। ଏହା ସହ ମୁଖ୍ୟମନ୍ତ୍ରୀ ପଞ୍ଚାୟତିରାଜ ସମୀକ୍ଷା ପୋର୍ଟାଲ୍ ଓ ର- ପଞ୍ଚାୟତ ସଭା ପୋର୍ଟାଲକୁ ମଧ୍ୟ ଉନ୍‌ମୋଚନ ଚରିବା ସହ ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜିଲ୍ଲା, ବ୍ଲକ୍ ଓ ପଞ୍ଚାୟତକୁ ପୁରସ୍କାର ପ୍ରଦାନ କରିଛନ୍ତି।

କାର୍ଯକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗ ଦେଇ ଓଡ଼ିଶା ପାଇ ମଜଭୁତ୍ ଗ୍ରାମ ସୃଷ୍ଟି କରିବା ଆମ ସରକାରଙ୍କର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ଯେ ଗ୍ରାମୀଣ ସଶକ୍ତିକରଣ ଓ ଲୋକ କୈନ୍ଦ୍ରିକ ଶାସନକୁ ବିକଶିତ ଓଡ଼ିଶାର ପ୍ରମୁଖ ସ୍ତମ୍ଭ ଭାବେ ଚିହ୍ନଟ କରାଯାଇଛି । ୨୦୨୬-୨୭ ବଜେଟରେ ଗ୍ରାମୀଣ ବିକାଶ ପାଇଁ ୪୪,୩୦୯ କୋଟି ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଡବଲ ଇଞ୍ଜିନ ସରକାରରେ କେନ୍ଦ୍ରରେ ନରେନ୍ଦ୍ର ମୋଦୀ ଓ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଫଳ ଆଜି ଘରେ ଘରେ ପହଞ୍ଚିଛି ବୋଲି ପ୍ରକାଶ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ବିଧାୟକ ଲକ୍ଷ୍ମଣ ବାଗ, ନବୀନ ଜୈନ, ବଲାଙ୍ଗୀର ଜିଲ୍ଲା ପରିଷଦର ଅଧକ୍ଷା ଦେବକୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତିରାଜ ବିଭାଗର କମିଶନର ତଥା ଶାସନ ସଚିବ ଗିରିଶ ଏସ ଏନ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ବଲାଙ୍ଗୀର ଜିଲ୍ଲାପାଳ ଗୌରଓ ଶିୱାଜୀ ଇସଲୱାର ଧନ୍ୟବାଦ୍ ଅର୍ପଣ କରିଥିଲେ । ବିଭିନ୍ନ ଜିଲ୍ଲାରେ ଆଭାସୀ ମାଧ୍ୟମରେ ମନ୍ତ୍ରୀ ଓ ବିଧାୟକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟି ରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଜିଲ୍ଲାର ବିଭିନ୍ନ ଥାନା ମାନଙ୍କରେ ସଂଖ୍ୟାଧିକ ବିଜେଡି ଓ କଂଗ୍ରେସ କର୍ମୀ ସହ ଚାଷୀ ନେତା ଓ କୋଶଳ ସଂଗ୍ରାମୀଙ୍କୁ ପୁଲିସ ଅଟକ ରଖିଥିଲା।

### ଚାକିରି ଖାଉଛି...

ବଡ଼ କଥା ହେଲା କମ୍ପାନୀ ଚଳିତ ବର୍ଷ ଲାଭ ହାସଲ କରିଥିଲେ ବି ଶ୍ରମବଳ ହ୍ରାସ କରିଛି। ସକାଳୁ ସକାଳୁ କର୍ମଚାରୀଙ୍କୁ ମେଲ୍ ଦେଇ ଛଟେଇ କରାଯାଇଥିବା ଅଭିଯୋଗ ହୋଇଛି।

ଓରାକଲ ଏହାର କର୍ମଚାରୀମାନଙ୍କୁ ବିନା କୌଣସି ସୁରକ୍ଷା ଦେଇ ଚାକିରିରୁ ବିଦା କରିଥିବାବେଳେ ମାଇକ୍ରୋସଫ୍ଟ ଟିକେ ଭିନ୍ନ ରାସ୍ତା ଗ୍ରହଣ କରିଛି। ସିଧାସଳଖ ଛଟେଇ ବଦଳରେ କମ୍ପାନୀ ପ୍ରାୟ ୮,୭୫୦ କର୍ମଚାରୀଙ୍କୁ ସ୍ୱେଚ୍ଛାକୃତ ଭାବରେ ଅବସର ନେବାକୁ କହୁଛି। କମ୍ପାନୀର ୫୧ ବର୍ଷର ଇତିହାସରେ ଏହା ପ୍ରଥମ ଥର ଯେତେବେଳେ ମାଇକ୍ରୋସଫ୍ଟ କର୍ମଚାରୀଙ୍କ ପାଇଁ ଏପରି ଅବସର ବ୍ୟବସ୍ଥା ପ୍ରଚଳନ କରିଛି। କିଛି ଅର୍ଥ ରାଶି ସହ କର୍ମଚାରୀଙ୍କୁ ଇସ୍ତଫା ଦେବାକୁ କମ୍ପାନୀ କହିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଏହା କେବଳ ଏଆଇ ଯୋଗୁଁ ଚାକିରି ହ୍ରାସ ହେବାର ଘଟଣା ନୁହେଁ, ବରଂ କମ୍ପାନୀଗୁଡ଼ିକ ଖର୍ଚ୍ଚ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନେଉଛନ୍ତି।

### ତାପମାତ୍ରା
ଡିଗ୍ରୀ ସେଲସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୪.୫ | ୨୫.୫ |
| ଚାନ୍ଦବାଲି | ୩୮.୦ | ୨୬.୮ |
| କଟକ | ୩୮.୪ | ୨୪.୨ |
| ପାରାଦୀପ | ୩୨.୮ | ୨୬.୬ |
| ଭୁବନେଶ୍ୱର | ୩୯.୪ | ୨୬.୪ |
| ଗୋପାଳପୁର | ୩୧.୮ | ୨୫.୦ |
| ପୁରୀ | ୩୩.୬ | ୨୭.୮ |
| ଅନୁଗୋଳ | ୪୩.୧ | ୨୫.୦ |
| ବାରିପଦା | ୩୮.୦ | ୨୭.୦ |
| ଝାରସୁଗୁଡ଼ା | ୪୪.୮ | ୨୧.୦ |
| କେନ୍ଦୁଝରଗଡ଼ | ୩୯.୯ | ୨୩.୬ |
| ସମ୍ବଲପୁର | ୪୩.୬ | ୨୪.୦ |
| ସୁନ୍ଦରଗଡ଼ | ୪୨.୬ | ୨୪.୨ |
| ହୀରାକୁଦ | ୪୩.୪ | ୨୩.୪ |
| ତାଳଚେର | ୪୨.୫ | ୨୫.୫ |
| ଭବାନୀପାଟଣା | ୪୨.୬ | ୨୩.୦ |
| ବଲାଙ୍ଗିର | ୪୩.୦ | - |
| କୋରାପୁଟ | ୩୭.୫ | - |
| ଫୁଲବାଣୀ | ୪୦.୮ | ୨୦.୦ |
| ଟିଟିଲାଗଡ଼ | ୪୪.୦ | ୨୬.୦ |
| ମାଲକାନଗିରି | ୩୮.୬ | ୨୫.୬ |
| ସୋନପୁର | ୪୨.୮ | ୨୩.୫ |
| ଦାରିଙ୍ଗବାଡ଼ି | ୩୮.୦ | ୨୩.୦ |
| ନୟାଗଡ଼ | ୩୯.୦ | ୨୬.୮ |
| ବୌଦ୍ଧ | ୪୧.୮ | ୨୩.୦ |
| ଛତ୍ରପୁର | ୩୪.୦ | ୨୫.୮ |
| ପାରଳାଖେମୁଣ୍ଡି | ୪୨.୦ | ୨୨.୬ |
| ରାୟଗଡ଼ା | ୩୭.୦ | ୨୧.୦ |
| ଭଦ୍ରକ | ୩୭.୫ | ୨୬.୦ |
| ଯାଜପୁର | ୩୮.୪ | ୨୫.୪ |
| ଢେଙ୍କାନାଳ | ୪୧.୫ | ୨୪.୦ |
| ବରଗଡ଼ | ୪୧.୭ | ୨୫.୦ |
| ଦେଓଗଡ଼ | ୩୯.୬ | ୨୪.୦ |
| ନୂଆପଡ଼ା | ୪୨.୬ | ୨୫.୨ |
| ନବରଙ୍ଗପୁର | ୩୯.୫ | ୨୧.୪ |
| ଖୋର୍ଦ୍ଧା | ୪୦.୦ | ୨୫.୫ |
| ଜଗତସିଂହପୁର | ୩୭.୫ | ୨୩.୪ |
| କେନ୍ଦ୍ରାପଡ଼ା | ୩୮.୨ | ୨୩.୬ |
| ରାଉରକେଲା | ୪୨.୬ | ୨୨.୧ |


**OFFICE OF THE NOTIFIED AREA COUNCIL, KUCHINDA**
At/Po-Kuchinda, Dist-Sambalpur, Odisha, Pin-768222

No.939 Date 24.04.2026

REQUEST FOR PROPOSAL (RFP) FOR SELECTION OF OPERATOR(S) FOR OPERATION AND MANAGEMENT (O&M) OF FOOD PLAZA & FOOD OUTLET AT FOREST PARK ON OPERATIONAL CONTRACT BASIS

Notified Area Council Kuchinda invites proposals from prospective applicant(s) for "Request for Proposal (RFP) for Selection of Operator(s) for Operation and Management (O&M) of Food Plaza & Food Outlet at Forest Park on Operational Contract Basis" in accordance with the conditions and manner prescribed in the Request for Proposal (RFP) document.

The proposals should be submitted by interested applicant(s) to the Executive Officer, Notified Area Council, Kuchinda, At/Po-Kuchinda, Dist-Sambalpur, Odisha, Pin-768222 on or before 05.05.2026 upto 1:00 PM. Detailed terms of the RFP may be downloaded from our website: https://nackuchinda.in/tenders/

Sd/- Executive Officer
Notified Area Council, Kuchinda

25001/29/2627
GOVERNMENTOFODISHA
OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI
E-mail-ruralworksdivisioniimalkangiri@yahoo.in

INVITATION FOR BIDS (SHORT NITICE)
"E" PROCUREMENT NOTICE NO. RWDSE_MKG_II_ONLINE_01/2026-27

1. Name of the work :- Building works in the District of Malkangiri for the year-2026-27
2. Total No of work :- 05 Number of Building Work
3. Estimated Cost :- Rs. 33.62 Lakhs to Rs. 63.03 Lakhs.
4. Period of Completion :- As Specified in the Annexure
5. Class of Contractor :- As Specified in the Annexure
6. Cost of Tender Paper Annexure :- Cost of tender is to be remitted ONLINE as specified in column-6 of the
7. Details Projects :- As Specified in the Annexure

Other details as follows :-
a) Procurement Officer :- Superintending Engineer, Rural Works Division-II, Malkangiri
b) Availability of Tender Online :- 28.04.2026 at 11.00 AM to 13.05.2026 up to 5.30 PM
c) Last date & time of seeking of Tender clarification :- 12.05.2026 up to 5.00 PM
d) Technical Bid Opening :- 14.05.2026 at 11.00 AM
e) Financial Bid Opening :- To be intimated Separately
f) Decision to conduct Lottery :- If required to decide the agency, transparent Lottery shall be conducted on date 22.05.2026 at 11.00 AM in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Superintending Engineer
Rural Works Division-II
Malkangiri

OIPR-25001/25079/1/26-27/0001

34001/115/2627
OFFICE OF THE SUPERINTENDING ENGINEER
DHENKANAL (R&B) DIVISION, DHENKANAL
Email – eedklpwd@gmail.com
INVITATION FOR BIDS THROUGH e-Procurement

Invitation for Bids
1st Corrigendum

Bid Identification No. SE DKL (R&B). 02/ 2026-27
Name of the Work – 02Nos Civil Works.

The following changes have been made in Bid Identification No. SE DKL (R&B). 02/ 2026-26
1. Availability of Bid documents in Govt. Website i.e. www.tendersorissa.gov.in, during the period from 10.00 AM dt.30.04.2026 to 05.00PM hours of dt.14.05.2026 instead of 10.00 AM. dt.22.04.2026 to 05.00 hours of dt.07.05.2026 for ONLINE BIDDING respectively.
2. Online bids shall be received till 05.00 PM Hours of dt.14.05.2026 instead of dt.07.05.2026.
3. Date of opening of bid at 11.00 A.M. of dt.15.05.2026 instead of dt.08.05.2026.
All other terms and conditions remain unchanged.

Superintending Engineer
Dhenkanal (R&B) Division, Dhenkanal

OIPR-34001/34016/1/26-27/0004

**ବିଶେଷ ସୂଚନା**

ଏତଦ୍ୱାରା ହୀରାକୁଦ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଚଳିତ ରବି ଧାନ ଅମଳ ପାଇଁ ଆସନ୍ତା ତା.୩୦-୦୪-୨୦୨୬ ରିଖ ଅପରାହ୍ନ ୦୫.୦୦ ଘଟିକା ସମୟରେ ସମସ୍ତ କେନାଲକୁ ଜଳଯୋଗାଣ ବନ୍ଦ କରାଯିବ ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ଚଳିତ ଋତୁରେ ବରଗଡ ମୁଖ୍ୟ କେନାଲ ତା.୦୧-୦୫-୨୦୨୬ ରିଖ ଠାରୁ ତା.୩୦-୦୬-୨୦୨୬ ରିଖ ପର୍ଯ୍ୟନ୍ତ ବନ୍ଦ ରହିବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ବରଗଡ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ କେନାଲ ବନ୍ଦ ର ଅବଧିକୁ ଦୃଷ୍ଟିରେ ରଖି ଚଳିତ ରବି ଓ ଆସନ୍ତା ଖରିଫ ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା ।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ, ବରଗଡ

**OFFICE OF THE UTKAL BALASHRAM, CCI & SAA, NUAPADA, DIST-NUAPADA**
(GOVT. RUN CHILD CARE INSTITUTION & SAA)
Advertisement No- 23/SAA-NPD/2026-27 Date: 23.04.2026

ADVERTISEMENT

Applications are invited from the prospective candidates for the different posts through the proforma application form which will be made available on the district website (https://nuapada.odisha.gov.in). The online submission of application shall be available on (E-Mail: utkalbalashramsaaanuapada@gmail.com) from 27.04.2026 (10.00 AM) to 11.05.2026 (5.00 PM).

The recruitment of different posts of Child Care Institution & Specialized Adoption Agency (SAA) Utkal Balashram, Dist-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt. of Odisha.After submission of online application, the candidates are to submit hard copy of the same along with all required documents and testimonials through Speed post/ Registered post only addressed to Office of the Secretary Utkal Balashram (SAA), inside DHH Nuapada At-/ Po- Nuapada, Ps-Nuapada, Dist.- Nuapada-766107, latest by 5.00 PM on Dt. 18.05.2026.

Any application received after the due date/time shall be rejected. The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit the district websit(https://nuapada.odisha.gov.in).

Sd/- CDPO Khariar-Cum-Secretary
Utkal Balashram, Nuapada

**GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MAIN DAM DIVISION, BURLA**
32001/113/2627
At/Po – Burla, Dist. Sambalpur (Odisha) – 768017
Government of Orissa
"e" Procurement Notice No. MDD-e-01/2026-27 (Online)
Email Id: semaindamdivn@gmail.com
No. 4727 Date: 22.04.2026

1. No. of work : 14 nos.
2. Estimated cost : Rs. 8.45 to 41.51 lakhs
3. Period of completion : 3 (Three calendar) months
4. Date & Time of available of bid document in the Portal : 30.04.2026 at 10.00 A.M.
5. Last date/Time for receipt of bids in the portal : 11.05.2026 upto 05.00 P.M.
6. Date of opening of bid : 12.05.2026 at 11.00 A.M.
7. Name & Address of the Officer inviting bid : Superintending Engineer Main Dam Division, Burla, At/Po - Burla, Dist-Sambalpur, Odisha Email: semaindamdivn@gmail.com

Further details, any corrigendum or addendum can be seen from the e-procurement portal: http://tendersorissa.gov.in

Superintending Engineer
Main Dam Division, Burla

OIPR-32001/32017/1/26-27/0001

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no- 713, dated 20.04.2026, I, D JYOTILAXMI, D/o - Kelam Durga Rao, resident of - Dolai Street, Nabarangpur, PO - Nabarangpur, PS- Nabarangpur, Dist- Nabarangpur, Odisha, Pin - 764059, declare that I have changed my name from K JYOTILAXMI to D JYOTILAXMI. Henceforth, I shall be known as D JYOTILAXMI for all purposes.
Sd/- D Jyotilaxmi

**AFFIDAVIT**
By virtue of an affidavit No.6877, swarn before the Executive Magistrate, Jajpur on dtd-22/04/2026, I, Basantilata Samal, W/o- Kuna Chandra Dhal, permanent resident of At/Po- Similia, Ps- Jajpur Sadar, Dist- Jajpur, Pin- 755007, Odisha, declare that I have changed my name from Monorama Dhal (old name) to Basantilata Samal (new name). Henceforth, I shall be known as Basantilata Samal (new name) for all future purposes.
(Basantilata Samal)

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 24/04/2026. I, Madanabati Dundi (new name), W/o Sachin Bagarty, permanent & current resident of AT: Sirbhatapada, Ward No.11, Titilagarh, PO/PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from Subhasree Bagarty (old name) to Madanabati Dundi (new name). Henceforth, I shall be known as Madanabati Dundi (new name) for all future purposes.
(Madanabati Dundi)

**AFFIDAVIT**
By virtue of an affidavit (CF No. 02, date: 18/04/2026) sworn before The Executive Magistrate, Padampur. I, Chandramukhi Neti, D/o- Kumar Neti, permanent & current resident of AT: Pathari, PO: Muhulpali, PS: Padampur, Dist: Bargarh, PIN: 768036, State: Odisha declare that I have changed my name from Surjyamukhi Neti to Chandramukhi Neti in my Aadhaar Card. Henceforth, I shall be known as Chandramukhi Neti (new name) for all purposes.
(Chandramukhi Neti)

**AFFIDAVIT**
By virtue of an affidavit sworn before the Notary Public SORO dated 07.02.25. I Rasmita Barik At- Reoda, Po- Simulia, Ps- Soro, Dist. Balasore, Odisha. That before my marriage my name was Rashibala Chanda which has been mentioned in my RPLI account bearing no R-OR- EA-627642, But after married to Bhagabat Barik my name and tittle have been mentioned Rasmita Barik as per in my Aadhar card no 5017 9381 0028. I declare that Rasmita Barik and Rashibala Chanda is one and same person in our locality.

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 744, dated 24.04.2026, I, B KIRAN RAJ, W/o - B Rabi Kumar & D/o - D Surya Narayan, resident of - R K Colony, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from KIRAN RAJ to B KIRAN RAJ. Henceforth, I shall be known as B KIRAN RAJ for all purposes.
Sd/- B Kiran Raj

**AFFIDAVIT**
By virtue of an affidavit sworn before the Notary Public at Titilagarh on dtd- 18/03/2026. I, Sunita Rath, aged about 65 years, D/o Sribatsa Guru and W/o Late Balakrushna Rath, resident of AT- Girl High School Pada, Titilagarh, PO/PS: Titilagarh, Dist: Balangir (Odisha), do hereby solemnly declare as follows: That prior to my marriage, my name was recorded as Santosini Guru in my educational certificates. Following my marriage to the Late Balakrushna Rath, my name and address were changed in accordance with our social customs from Santosini Guru to Sunita Rath. This change is reflected in my updated Aadhaar Card (No. 5292 9329 5235). I further declare that both names, Sunita Rath and Santosini Guru, refer to one and the same person. Henceforth, I shall be known as Sunita Rath for all official, non-official, and legal purposes.

**AFFIDAVIT**
By virtue of an affidavit no.3933 before the Notary Public, Athmalik, dtd.07.04.2026, I, Bilas Sahoo, W/o Ranjan Kumar Sahoo, Vill: Ghosar, PO: Ghosar, PS: Kishorenagar, Dist: Angul, Odisha, do hereby declare that my minor daughter's name has been changed from Sruti Smita Sahoo (old name) to Srusti Smita Sahoo (new name) for correction in Aadhaar Card. Henceforth, she shall be known as Srusti Smita Sahoo for all purposes.
Bilas Sahoo

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.EPC-CECONIV BBS2026016, ତା.18.04.2026ରିଖ

କାର୍ଯ୍ୟର ନାମ : ବରଗଡ଼ ରୋଡ଼ ଏବଂ ନୂଆପଡ଼ା ରୋଡ଼ ମଧ୍ୟରେ ନୂଆ BG ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ ବରଗଡ଼ ରୋଡ଼, ସର୍‌ସରା, ତୁମେରପାଲି, ବିଜେପୁର ରୋଡ଼ ଏବଂ ବଡ଼ିପାଲି ୟାର୍ଡଗୁଡ଼ିକରେ ସିଭିଲ୍ ଏବଂ P.Way କାର୍ଯ୍ୟ ଏବଂ ବରଗଡ଼ ରୋଡ଼ ଏବଂ ବଡ଼ିପାଲି ମଧ୍ୟରେ ବଡ଼ ବ୍ରିଜ୍, ଛୋଟ ବ୍ରିଜ୍, ରୋଡ଼ ଓଭର ବ୍ରିଜ୍/ରୋଡ଼ ଅଣ୍ଡର ବ୍ରିଜ୍‌ଗୁଡ଼ିକର ନିର୍ମାଣ ଏବଂ ମାଟି ତଥା P.Way କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 93,531.06 ଲକ୍ଷ, EMD (ଟଙ୍କାରେ): 18,70,62,100/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.18.06.2026 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ୍ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-29/CJ/26-27

**AFFIDAVIT**
By virtue of an affidavit no. 1196 before the Notary Public, Phulbani, dtd.24.04.2026, I, Duhshasan Kanhar, S/o Maheswar Kanhar, resident of At: Majhipada, PO: Majhipada, PS: Phiringia, Dist: Kandhamal, Odisha, do hereby declare that I have changed my name from Dhuhshasan Kanhar (old name) to Duhshasan Kanhar (new name) for Aadhaar correction. Henceforth, I shall be known as Duhshasan Kanhar for all purposes.
Duhshasan Kanhar

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 742, dated 23.04.2026, I, KUSUB JANI , S/o - Late. Dainu Jani, resident of Village- Tailaguda, PO - Junapani, PS - Dabugam, Dist - Nabarangpur, Odisha, Pin - 764072, declare that I have changed my name from KUSAB JANI to KUSUB JANI. Henceforth, I shall be known as KUSUB JANI for all purposes.
Sd/- Kusub Jani

**AFFIDAVIT**
By virtue of on affidavit sworn before Executive Magistrate, Brahmagiri, no-21, dtd-30/12/2025, I, Purnima Sahoo, wife of Balaram Sahoo, resident of At-Nijigadakokal, Po-Gadakokal, Ps- Brahmagiri, Block-Brahmagiri, Dist- Puri, Odisha, Pin-752011, declare that I have changed the name of my daughter's from Sardhenjali Sahoo to Sradhanjali Henceforth, She shall be known as Sradhanjali Sahoo for all purposes .
Purnima sahoo

**AFFIDAVIT**
**Change of Name (Minor)**
By virtue of an affidavit (CF No. 03, date: 18/04/2026) sworn before The Executive Magistrate, Padampur. I, Tarani Jagat (applicant name), S/o Dau Jagat, permanent & current resident of AT: Pathari, PO: Muhulpali, PS: Padampur, Dist: Bargarh, PIN: 768036, State: Odisha declare that I have changed my minor son's name from Pankat Jagat to Pankaj Jagat in Aadhaar Card. Henceforth, he shall be known as Pankaj Jagat (new name) for all purposes.
(Tarani Jagat)

**AFFIDAVIT**
By virtue of an affidavit no. 548 before the Executive Magistrate, Rairkhol, dtd.23.04.2026, I, Shankar Tiria, S/o Man Singh Tiria, resident of Village: Kaunsipal, PO: Similipal, PS: Naktideul, Dist: Sambalpur, Odisha, do hereby declare that my minor child's name has been changed from Jasgdish Tiria (old name) to Jagdish Tiria (new name) for correction of name. Henceforth, he shall be known as Jagdish Tiria for all purposes.
Shankar Tiria

**CHANGE OF NAME (MINOR)**
By virtue of an affidavit no. 737 before the Executive Magistrate, Nabarangpur, dtd. 23.04.2026, I, Sukaman Jani, S/o Jayasingh Jani, resident of Village: Gondaguda, PO: Kurlughati, PS: Nabarangpur, Dist: Nabarangpur, Odisha, do hereby declare that my minor son's name has been changed from Sibs Jani (old name) to Siba Jani (new name). Henceforth, he shall be known as Siba Jani for all purposes.
Sd/- Sukaman Jani

## ଭଞ୍ଜ ସଂସଦର କାର୍ଯ୍ୟକାରିଣୀ ବୈଠକ



ସୁନାବେଡା,୨୪।୪ (ସମିସ): ସୁନାବେଡ଼ା ମିଗ ନଗରୀ ସ୍ଥିତ ଭଞ୍ଜ ସଂସଦର କାର୍ଯ୍ୟକାରୀଣି ବୈଠକ ସଭାପତି ସଞ୍ଜୟ କୁମାର ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭଞ୍ଜ ସଂସଦ ଦ୍ୱାରା ୨୬ ତାରିଖରେ ଜଳଛତ୍ର କାର୍ଯ୍ୟକ୍ରମ, ମେ' ୧୦ ତାରିଖରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ୧୭ ତାରିଖରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ କବିସୂର୍ଯ୍ୟ ବଳଦେବ ରଥଙ୍କ ସ୍ମୃତିଚାରଣ ସଭା, କବି ସମ୍ମିଳନୀ ଏବଂ ନାଟକ ପରିବେଷଣ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ଉକ୍ତ ସଭାରେ ସାଧାରଣ ସମ୍ପାଦକ ସୁଦାମ ଦାସ, କାର୍ଯ୍ୟକାରୀ ସଭାପତି ବିଘ୍ନେଶ ପ୍ରସାଦ ମିଶ୍ର, ଉପ ସଭାପତି ରାମକୃଷ୍ଣ ଖଣ୍ଡୁଆଳ, ସହ କୋଷାଧ୍ୟକ୍ଷ ରାମକୃଷ୍ଣ ସାହୁ, ସାହିତ୍ୟ ସମ୍ପାଦକ ମନୋଜ ପାତ୍ର, ସାଂସ୍କୃତିକ ସମ୍ପାଦକ ଧିରେନ୍ ସାମଲ, ସମ୍ପାଦକ ଦୁର୍ଯ୍ୟୋଧନ ସ୍ୱାଇଁ, ସଞ୍ଜୟ ନାୟକ, ପବିତ୍ର ରାଉଳ, ଉପଦେଷ୍ଟା ଶେଖ ଇବ୍ରହିମ,ଅମର ବାଡ଼ତ୍ୟା, ପ୍ରଭାତ ସେଠୀ, ମନୋଜ ପଟ୍ଟନାୟକ, ଶ୍ରୀକାନ୍ତ ମହାରଣାଙ୍କ ସମେତ ସଂସଦର ସମସ୍ତ କାର୍ଯ୍ୟକାରିଣୀ ସଭ୍ୟ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକାରିଣୀ ସଭ୍ୟ ମାନଙ୍କ ନାମ ଘୋଷଣା କରାଯାଇଥିଲା। ଉପଦେଷ୍ଟା ଶେଖ ଇବ୍ରାହିମ ସ୍ୱେଚ୍ଛାକୃତ ରକ୍ତଦାନର ମହତ୍ତ୍ୱ ବିଷୟରେ ଆଲୋକପାତ କରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ। ଶେଷରେ ଧୀରେନ୍ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା

# ରାସ୍ତା କାମରେ ମିଳିମିଶି ଖାଇଗଲେ ୩୮ ଲକ୍ଷ !

ବିଷମ କଟକ,୨୪।୪(ସମିସ):



ସରକାରଙ୍କ ରାଜକୋଷ ଖାଲି କରିବାର ନୂଆ ପଦ୍ଧତି ଅପଣାଇଛି ପୂର୍ତ୍ତବିଭାଗ। ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱର ରକ୍ଷଣାବେକ୍ଷଣ ଏବଂ ମରାମତି ନାଁରେ ଲକ୍ଷାଧିକ ଟଙ୍କାର ଟେଣ୍ଡର ଆହ୍ୱାନ କରି ଠିକାଦାର ସହ ହାତ ମିଳାଇ ଲୁଟିବାର ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ମିଳିମିଶି ଖାଇଗଲେ ରକ୍ଷଣାବେକ୍ଷଣ କାର୍ଯ୍ୟର ଲକ୍ଷାଧିକ ଟଙ୍କା। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ବିଷମ କଟକ ପୂର୍ତ୍ତବିଭାଗ ଡିଭିଜନ ୨ରେ। ବିଷମ କଟକ ପୂର୍ତ୍ତ ବିଭାଗ ଡିଭିଜନ୍ ୨ ଅଧିନରେ ରହିଥିବା ୩୨୬ ଏବଂ ୪୬ ନମ୍ବର ରାଜ୍ୟ ରାଜ୍ୟ ପଥର ରକ୍ଷଣାବେକ୍ଷଣ ଏବଂ ମରାମତି ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୩୨୬ ନମ୍ବର ରାଜ୍ୟ ରାଜପଥର ଚାଟିକୋଣା ଜୟଗୁରୁ ମନ୍ଦିର ଠାରୁ ତେଲେଙ୍ଗାପଦର ଯାଏ ରାସ୍ତାର ଦୁଇପାର୍ଶ୍ୱର ରକ୍ଷଣାବେକ୍ଷଣ ସାଙ୍ଗକୁ ମରାମତି କରିବା ନିମନ୍ତେ ୨୧ଲକ୍ଷ ଏବଂ ୪୬ ନମ୍ବର ରାଜ୍ୟ ରାଜପଥର ବିଷମ କଟକ ମାର୍କମା ମନ୍ଦିର ଠାରୁ ଦୁର୍ଗୀ ଗାଁ ପର୍ଯ୍ୟନ୍ତ ୧୬ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଥିଲା। ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀ ଲୋକଦେଖାଣିଆ ଭାବେ ଅଳ୍ପ କିଛି କାମ କରି ସମସ୍ତ ଟଙ୍କା ଚଲୁ କରି ଦେଇଥିବାର ଅଭିଯୋଗ ହେଉଛି। ୩୨୬ ନମ୍ବର ରାଜ୍ୟ ରାଜପଥର ଚାଟିକୋଣା ଜୟଗୁରୁ ମନ୍ଦିର ଠାରୁ ତେଲେଙ୍ଗାପଦର ଯାଏ ରାସ୍ତାର ଦୁଇପାର୍ଶ୍ୱର ରକ୍ଷଣାବେକ୍ଷଣ ଟେଣ୍ଡର ହୋଇଥିବା ବେଳେ ବିଷମ କଟକ ଭେଟେନାରୀ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ଅଳିଆ ଆବର୍ଜନ, ଗଛଲଟା ବର୍ତ୍ତମାନ ସୁଦ୍ଧା ଭରି ହୋଇ ରହିଛି। ପୂର୍ବରୁ ରାସ୍ତାର ଉଭୟ ପାଶ୍ୱର୍ରେ ବିଭାଗ ତରଫରୁ ନିର୍ମାଣ ହୋଇଥିବା ଡ୍ରେନ୍‌ରୁ ମାଟି ବାହାର କରି କଂକ୍ରିଟ ପ୍ଲେଟ ପକାଇବା ନିୟମ ରହିଥିବା ବେଳେ ଉକ୍ତ ଡ୍ରେନ୍ ସବୁରେ ଅଳିଆ ଭରଯାଇଛି। ଏହି ଡ୍ରେନ୍ ସବୁର ଅଳିଆ ବାହାର କରିବା ପରିବର୍ତ୍ତେ ବିଭାଗୀୟ ବାବୁ ଏବଂ ଠିକାଦାର ମିଶି ଡ୍ରେନ୍‌ର କିଛି ସ୍ଥାନରେ ଡ୍ରେନ୍ ଉପରେ ଦୁଇ ଚାରିଟା ଲେଖାଏଁ କଂକ୍ରିଟ୍ ପ୍ଲେଟ ରଖିଦେଇ କାମ ସାରିଦେଇଛନ୍ତି। ରାସ୍ତା କଡରୁ ନା ଉଠିଲା ଅଳିଆ, ନାଁ କଟା ହେଲା ଗଛ ନା ସଫା ହେଲା ଡ୍ରେନ୍। କିନ୍ତୁ ଖର୍ଚ୍ଚ ହୋଇଗଲା ଲକ୍ଷାଧିକ ଟଙ୍କା। ସେହିପରି ୪୬ ନମ୍ବର ରାଜ୍ୟ ରାଜପଥର ବିଷମ କଟକ ମାର୍କମା ମନ୍ଦିର ଠାରୁ ଦୁର୍ଗୀ ଗାଁ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଶ୍ୱର୍ରେ ସଫେଇ ସାଙ୍ଗକୁ ଖାଲଖମା ସ୍ଥାନରେ ମାଟି ପକାଇ ରାସ୍ତା ସମତଳ ନିମନ୍ତେ ୧୬ ଲକ୍ଷର ଟେଣ୍ଡର ହୋଇଥିଲା। ସେ ରାସ୍ତାର ମଧ ସମଦଶା। ବିଭାଗୀୟ ଯନ୍ତ୍ରୀଙ୍କ ଆଖି ଆଗରେ କୌଣସି କାର୍ଯ୍ୟ ହୋଇନଥିବା କ୍ଷେତ୍ରରେ କିପରି ବିଲ ପଇଠ ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ସହର ଭିତର ଯଦି ଏଭଳି କାର୍ଯ୍ୟ କରି ଲୋକଙ୍କ ଆଖିରେ ଧୂଳି ମାରୁଛନ୍ତି, ତାହା ହେଲେ ଜଙ୍ଗଲରେ କେଉଁଭଳି କାର୍ଯ୍ୟ କରାଯାଇଥିବ ତାହା ସହଜରେ ଅନୁମାନ କରାଯାଉଛି। ଏ ନେଇ ବିଷମ କଟକ ପୂର୍ତ୍ତ ବିଭାଗର ବିଭାଗୀୟ ଯନ୍ତ୍ରୀ ଚନ୍ଦନ ରଣାଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ଯେଉଁ ସବୁ କାର୍ଯ୍ୟ ପାଇଁ ଟେଣ୍ଡର ହୋଇଛି, ସେ ସମସ୍ତ କାର୍ଯ୍ୟ ଟେଣ୍ଡର ପ୍ରକାରେ କରାଯାଇଛି ବୋଲି ସଫେଇ ଦେଇଛନ୍ତି। ଟେଣ୍ଡର ଆଳରେ କୌଣସି କାର୍ଯ୍ୟ ନ କରି ଲକ୍ଷଧିକ ଟଙ୍କା ଚଲୁ ହୋଇଥିବାରୁ ଏହାର ଭିଜିଲାନ୍ସ ତଦନ୍ତ ଆବଶ୍ୟକ। ଏନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ତେଣୁ ଏ ଟେଣ୍ଡର ପକ୍ରିୟାର ଭିଜିଲାନସ୍ ତଦନ୍ତ ହେଲେ ଟେଣ୍ଡର ପ୍ରକ୍ରିୟାର ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



ମାଥିଲି,୨୪।୩ (ସମିସ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ଠାରେ ଥିବା ଆରଏମ୍‌ସି ଗୋଦାମ ପରିସରରେ ବ୍ଲକ ସ୍ତରୀୟ ପର୍ଯ୍ୟବେକ୍ଷଣ ଜାତୀୟ ପଞ୍ଚାୟତରାଜ ଦିବସ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ.ପ୍ରମୋଦ କୁମାର ବେହେରାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ମହେଶ କୁମାର ବାକା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀର ମାଥିଲି ବ୍ଲକ ସାଂସଦ ପ୍ରତିନିଧି ବନମାଳୀ ବରଜା ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ମାଥିଲି ଜିଲ୍ଲା ପରିଷଦ ଜୋନ-୩ ର ସଭ୍ୟା ସସ୍ମିତା ମାଝୀ, ଚେଡେଙ୍ଗା ସରପଞ୍ଚ ସୁଧାସିନୀ ମାଛା,କମାର ପାଲ୍ଲୀ ସରପଞ୍ଚ ଯୋଗୀ ମାଡି,ଧୁଙ୍ଗିଆପୁଟ ସମିତି ସଭ୍ୟ ଖଗପତି ପେଦା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର ଓ ବ୍ଲକ ପ୍ରକଳ୍ପ ସଂଯୋଜକ ଭଗବାନ ପାତ୍ର ଯୋଗଦେଇ ଆଜିର ଏହି ବ୍ଲକସ୍ତରୀୟ ପର୍ଯ୍ୟବେକ୍ଷକ ଜାତୀୟ ପଞ୍ଚାୟତ ରାଜ ଦିବସ ପାଳନ ଉପରେ ଆଲୋକପାତ କରିଥିଲେ। ଏହା ସହିତ ଗ୍ରାମର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ। ରାଜ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକର ୧୦ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରିବା ସହିତ ଆବାସ ଯୋଜନାରେ ଯେଉଁ ହିତାଧିକାରୀ ଧାର୍ଯ୍ୟ ସମୟ ମଧ୍ୟରେ ଗୃହ ନିର୍ମାଣ କରିଛନ୍ତି, ସେମାନଙ୍କୁ ୨୦ ହଜାର ଓ ୧୦ ହଜାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଛି ବ୍ଲକ ପ୍ରଶାସନ। ପଞ୍ଚାୟତ ଓ ଗ୍ରାମାଞ୍ଚଳରେ ଉତ୍ତମ କାର୍ଯ୍ୟ କରିଥିବା ବ୍ଲକରେ ପ୍ରଥମ ସ୍ଥାନରେ କର୍ତ୍ତନ ପାଲ୍ଲୀପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକରିଣୀ ସୁଭଲକ୍ଷ୍ମୀ ସ୍ୱାଇଁ, କଉପାଲି ପଞ୍ଚାୟତ ଏଡିଓ ଦେବେନ୍ଦ୍ର ଖେମୁଡୁ, କେନ୍ଦୁଗୁଡା ଅଙ୍ଗନବାଡି କର୍ମୀ ଦୀପ୍ତିମୟୀ ଭଡା, ଖଇରାପଲ୍ଲୀ ଆଶା କର୍ମୀ ଅପର୍ଣ୍ଣା ସରକାର,ପାଙ୍ଗାମ ଏ ଏନ ଏମ ମଞ୍ଜୁଲତା ଆଚାର୍ଯ୍ୟ, ମହୁପଦର ପ୍ରାଣୀ ମିତ୍ର ସୁଶୀଲ ଚାଲାଣ, ଉଦୁଲିବେଡା କୃଷକ ସାଥି ଯଜ୍ଞଦତ୍ତ ମହାପାତ୍ର, ଆମ୍ବଗୁଡା ଗ୍ରାମ ସାଥି ଚନ୍ଦ୍ର ପୂଜାରୀ, ମାଥିଲି ସିଆରପି ସୁନିତା ଗତନ୍, ସାରଦାପୁଟ ପ୍ରଧାନ ଶିକ୍ଷକ ହରି ନାୟକ, ସାଉଁଳିଗୁଡା ଆଶ୍ରମ ବିଦ୍ୟାଳୟର ପ୍ରଧାନ ସେବକ କବିରାଜ ପ୍ରଧାନ, ସନରାଜଗୁମ୍ମା ବିଏଲଓ ବି.ଚନ୍ଦ୍ରଶେଖର ଚୌଧୁରୀ ଓ ବିଏଲଓ ସୁପରଭାଇଜର ମନୋଜ କୁମାର ବେହେରାଙ୍କୁ ଅତିଥି ମାନଙ୍କ ଦ୍ୱାରା ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏହାପରେ ତଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମାଥିଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ମାନେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ଉନ୍ନୟନ ଅଧିକାରୀ ତଥା ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ ପରିଚାଳନା କରିଥିଲେ। ସେହିପରି ଭେଜଗୁଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକରିଣୀ ତପସ୍ୱିନୀ ଜେନା ଓ ସ୍ୱଚ୍ଛ ଭାରତ ମିଶନ ର ଗୋଷ୍ଠୀ ସମ୍ବଳ ସଂଯୋଜକ ଦିଲ୍ଲୀପ କୁମାର ଡାକୁଆ ମଞ୍ଚ ପରିଚାଳନା କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ମାନେ ସମସ୍ତ ପ୍ରକାର ସହଯୋଗ କରିଥିବା ବେଳେ ବ୍ଲକର ବହୁ ମହିଳା ଓ ପୁରୁଷ ମାନେ ଯୋଗ ଦେଇଥିଲେ।

● ବିଜେପିର ମହିଳା ଜନଆକ୍ରୋଶ ପଦଯାତ୍ରା

## କଲେଜ ଛାତ୍ରୀଙ୍କ ଯୋଗଦାନକୁ ନେଇ ଅସନ୍ତୋଷ



ସୁନାବେଡ଼ା ,୨୪।୪(ସମିସ); ସୁନାବେଡ଼ା ଠାରେ ବିଜେପି ଦ୍ୱାରା ଆୟୋଜିତ ଜନଆକ୍ରୋଶ ପଦଯାତ୍ରାରେ ମହିଳା ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ସାମିଲ କରିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅବସରରେ ରାଧାକୃଷ୍ଣ ମନ୍ଦିର ନିକଟ କଲ୍ୟାଣ ମଣ୍ଡପ ଠାରୁ ମହିଳା ମାନଙ୍କର ଶୋଭାଯାତ୍ରା ବାହାରିଥିଲା। ସଂସଦରେ ବିରୋଧୀ ଦଳ ରାଜନୈତିକ ଅଭିସନ୍ଧି ରଖି ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲକୁ କାର୍ଯ୍ୟକାରୀ ହେବାକୁ ଦେଲେ ନାହିଁ। ତେଣୁ ମହିଳାମାନେ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣର ଲାଭରୁ ବଞ୍ଚିତ ହୋଇଛନ୍ତି ବୋଲି ପଦଯାତ୍ରାରେ ମହିଳାମାନେ ବିରୋଧୀ ଦଳଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଶୋଭାଯାତ୍ରାରେ ସୁନାବେଡା ପୌରାଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ଜିଲ୍ଲା ବିଜେପି ଯୁବମୋର୍ଚ୍ଚ ସଭାପତି ଆଦିତ୍ୟ ହନ୍ତାଳ,ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱାତି ହୋତାଙ୍କ ସମେତ ଅନ୍ୟାନ୍ୟ ନେତା ଓ କର୍ମୀ ଯୋଗ ଦେଇଥିଲେ। କିନ୍ତୁ ଗୋଟିଏ ରାଜନୈତିକ ଦଳର କାର୍ଯ୍ୟକ୍ରମରେ ସୁନାବେଡ଼ା ମହିଳା ଡିଗ୍ରୀ କଲେଜର ଛାତ୍ରୀ ମାନେ ଯୋଗ ଦେଇଥିବା ଯୋଗୁଁ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଶ୍ନ ଉଠୁଛି ଯେ କୋରାପୁଟ ଜିଲ୍ଲାରେ ବର୍ତ୍ତମାନ ଦେଖାଦେଇଥିବା ଗ୍ରୀଷ୍ମ ପ୍ରବାହକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବେଳେ ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ଏହି ରାଲିରେ ଜଡିତ କରିବା କେତେ ଦୂର ଠିକ୍ ବୋଲି ଆଲୋଚନା ହେଉଛି। କୌଣସି ଛାତ୍ରୀଙ୍କୁ ଗ୍ରୀଷ୍ମ ପ୍ରବାହ ଯୋଗୁଁ କିଛି ହୋଇଥିଲେ କିଏ ଦାୟୀ ହୋଇଥାନ୍ତେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲ ପ୍ରଶ୍ନ କରୁଛନ୍ତି। ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରି ପଚାରିବାରୁ ସେ କହିଥିଲେ, ଛାତ୍ରୀମାନଙ୍କୁ ସେ ପଠାଇ ନାହାନ୍ତି। ସେମାନେ ସ୍ୱଇଚ୍ଛାରେ ଯାଇଛନ୍ତି। ସେମାନେ ସିଧା ବସ୍‌ରୁ ଓହ୍ଲେଇ କଲେଜ ନ ଆସି ପଦଯାତ୍ରାରେ ଯାଇଛନ୍ତି। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନର ପଦକ୍ଷେପକୁ ଲୋକେ ଚାହିଁ ରହିଛନ୍ତି।

● ବଂଶଧାରା ନଦୀ ଜଳବିବାଦ ପ୍ରସଙ୍ଗ

## ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା




ଗୁଣୁପୁର,୨୪।୪(ସମିସ): ସିପିଆଇ (ଏମଏଲ) ଲିବରେସନ ପାର୍ଟୀ ତରଫରୁ ବଂଶଧାରା ନଦୀର ଉପର ମୁଣ୍ଡରେ ଜଳ ପ୍ରକଳ୍ପ କରିବା ଦାବି ନେଇ ଗୁଣୁପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପାର୍ଟୀର ରାୟଗଡା ଜିଲ୍ଲା ସମ୍ପାଦକ ତିରୁପତୀ ଗମାଙ୍ଗଙ୍କ ନେତୃତ୍ୱରେ କର୍ମୀମାନେ ଦାବିପତ୍ର ନେଇ ଗୁଣୁପୁର ବାଳିକା ଉଚ୍ଚ ବିଦ୍ୟାଳୟ ଛକରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପ ଜିଲ୍ଲାପାଳଙ୍କ ଜରିଆରେ ଡେପୁଟି କଲେକ୍ଟର ସୁବ୍ରସ୍ମାତ ରାଉତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ବଂଶଧାରା ନଦୀର ଜଳକୁ ନେଇ ଟ୍ରିବ୍ୟୁନାଲ୍ ଆନ୍ଧ୍ର ସପକ୍ଷରେ ରାୟ ପ୍ରକାଶ କରିବା ପରେ ନଦୀର ଜଳକୁ ଓଡିଶା ଓ ଆନ୍ଧ୍ର ସମ ପରିମାଣରେ ବ୍ୟବହାର କରିବା ନେଇ ରାୟ ପ୍ରକାଶ ରହିଛି। ଆନ୍ଧ୍ର ପ୍ରକଳ୍ପ କରୁଥିବା ବେଳେ ଓଡିଶା ସରକାର ଚୁପ୍ ରହିବା ଅଞ୍ଚଳର ସ୍ୱାର୍ଥକୁ ଦୃଷ୍ଟି ନ ଦେଇ ଚାଷୀଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଗୁଡାରୀଠାରେ ବହୁଦିନରୁ ପ୍ରସ୍ତାବିତ ପାଣିଡଙ୍ଗର ପ୍ରକଳ୍ପ ହେଉ , ନଚେତ୍ ବଂଶଧାରା - ରୁଷିକୁଲ୍ୟା ନଦୀ ସଂଯୋଗୀକରଣ ଯୋଜନା ର ପ୍ରକଳ୍ପ ହେଉ ସରକାର ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ଥିବା କହିଛନ୍ତି। ଡବଲ ଇଞ୍ଜିନ୍ ସରକାରଙ୍କ ବିରୋଧରେ ନାରାଦେଇ ଉପରମୁଣ୍ଡରେ ପ୍ରକଳ୍ପ କରିବା ନେଇ ଦାବି କରିଥିଲେ। ଆଗକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଓଡିଶା ସ୍ୱାର୍ଥକୁ ଦୃଷ୍ଟି ନଦେଲେ ଆନ୍ଦୋଳନ ତୀବ୍ରତର କରାଯିବା ନେଇ ଚେତାବନୀ ଦେଇଛନ୍ତି।

## ସରକାରୀ ବସ୍ ଗଡୁନି, ଜନ ଅସନ୍ତୋଷ



ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିକୁ ମାସେ ପୂରିଲା

ଗୁଡାରୀ,୨୪।୪(ସମିସ): ଗତ ୧୬ ତାରିଖରେ ଗୁଡାରୀ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା. ଏଥିରେ ଗୁଡାରୀ ୟୁଥ୍ ଫର୍ ଚେଞ୍ଜ ଏବଂ ସହରର ଯୁବଗୋଷ୍ଠୀ, ସାମ୍ବାଦିକ ମାନେ କଟକ ଗୁଣପୁର ସରକାରୀ ବସକୁ ଗୁଡାରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ, ନଚେତ୍ ଗୁଡାରୀ ଠାରୁ ରାଜ୍ୟ ରାଜଧାନୀ ଭୁବନେଶ୍ୱର ବସ ସେବା ବ୍ୟତିତ ଜିଲ୍ଲା ମୁଖ୍ୟାଳୟକୁ ସରକାରୀ ବସ ସେବା ପାଇଁ ଜିଲ୍ଲାପାଳ ଆସୁତୋଶ କୁଲକର୍ଣ୍ଣି ବିଧବଦ୍ଧ ଲିଖିତ ପତ୍ର ଦେଇ ଅନୁରୋଧ କରିଥିଲେ। ପରିତାପରେ ବିଷୟ, ଇତିମଧ୍ୟରେ ଅଭିଯୋଗର ଶୁଣାଣିର ମାସେ ପୁରିଲାଣି । କିନ୍ତୁ ଗୋଟିଏ ବି ସରକାରୀ ବସ ଗୁଡାରୀ ଚଳାଚଳ କରିପାରିନାହ। ଏମିତିରେ ଗୁଡାରୀ ଓ ଏସଆରଟିସି ବସ୍ ସୁଭରଭାଜର ଶ୍ରୀ ଦଣ୍ଡସେନାକୁ ପଚାରିବାରୁ ସେ କହିଲେ, ଏ ବିଷୟକୁ ନେଇ କୌଣସି ଆଲୋଚନା କରାଯାଇ ନାହିଁ। ପୂର୍ବ ସରକାର ୨୦୨୩ ମସିହାରେ ରାଜଧାନୀ ଏବଂ ଜିଲ୍ଲାକୁ ଯେଉଁ ଦୁଇଟି ବସ ପଡ଼ିଥିଲା ତାହା ସେହି ସମୟରେ ପରିବହନ ମନ୍ତ୍ରୀଙ୍କ ଆଦେଶକୁ ନେଇ କାର୍ଯ୍ୟକ୍ଷମ କରାଯାଇଥିଲା । କିନ୍ତୁ ପୂର୍ଣ୍ଣ ସ୍ୱୀକୃତି ମିଳିପାରି ନ ଥିବାରୁ ବନ୍ଦ ହୋଇପଡ଼ିଛି। ଏମିତିରେ ବସ୍‌ର ସମୟ ସାରଣୀକୁ ନେଇ ଗୁଡାରୀଠାରୁ ରାୟଗଡ଼ା ବେସରକାରୀ ମାଲିକଙ୍କ ଟାଳଟୁଳ ନୀତି ଅବଲମ୍ବନକୁ ନେଇ ସରକାରୀ ବସ ଚାଲିପାରୁନି ବୋଲି କୁହାଯାଉଛି । ଇତିମଧ୍ୟରେ ଆରଟିଓ ଶିବଶଙ୍କର ଅବସର ନେଇଥିବା ବେଳେ ଡିଆରଏମ ଶ୍ରୀ ମିଶ୍ରଙ୍କ ବଦଳି ଯୋଗୁଁ ସଠିକ୍ ଖବର ମିଳିପାରିନାହିଁ। ଗୋଟିଏ ପଟେ ଅପହଞ୍ଚ ହୋଇ ପଡି ରହିଥିବା ଗୁଡ଼ାରୀ ବ୍ଲକ୍, ଅନ୍ୟ ପଟେ ଗୁଡାରୀ ପରିଷଦ ମୁଖ୍ୟ ରାଜପଥରୁ ୧୮ କିମି ଭିତରେ ରହୁଥିବା ଏହି ସହରରେ ନା ଅଛି ଖଣି ଖଦାନ ଅନ୍ୟ କୌଣସି ପରିବହନ ସୁବିଧା । ଏଣୁ ଜିଲ୍ଲା ପ୍ରଶାସନର ଉଚ୍ଚପଦସ୍ତ ଅଧିକାରୀଙ୍କୁ ସେତେଟା ଦୃଷ୍ଟି ଆକର୍ଷଣ ହୋଇପାରୁନି ବୋଲି ସହରବାସୀ କହିଛନ୍ତି। ସରକାରଙ୍କ ରାଜସ୍ୱ ଆଦାୟ ପାଇଁ କୌଣସି ପନ୍ଥା ନ ଥିବା ଏହି ନଗରରେ ଜିଲ୍ଲା ପ୍ରଶାସନ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିବା ସମୟରେ ଯେଉଁ ପ୍ରତିଶୃତି ଦେଇଥିଲେ, ତାହା ଆକାଶ କଇଆଁ ଚିଲିକା ମାଛ ସଦୃଶ୍ୟ। ଜିଲ୍ଲା ପ୍ରଶାସନ ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନିଜ ଦୃଷ୍ଟି ଆଢୁଆଳରେ ରଖିଲେ, ଏଠାକାର ଜନଜାତି ସାଧାରଣ ଲୋକ ରାଜ୍ୟ ସରକାରଙ୍କ ସମସ୍ତ ସୁବିଧା ପାଇ ପାରିଥାନ୍ତେ ବୋଲି ମତ ପ୍ରକାଶ ପାଇଛି।

# କୋଟିଆରେ ଚାଲିଛି ଜନଗଣନା



ପଟ୍ଟାଙ୍ଗି,୨୪।୪(ସମିସ): ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ବିବାଦୀୟ କୋଟିଆ ପଞ୍ଚାୟତରେ ଚାଲିଛି ଜନଗଣନା। ବିବାଦୀୟ କୋଟିଆ ପଞ୍ଚାୟତର ୨୧ ଖଣ୍ଡ ଗ୍ରାମରେ ଜନଗଣନା ଚାଲିଥିବା ବେଳେ କିଛି ଗ୍ରାମରେ ଜନଗଣନାକୁ ଭଣ୍ଡୁର କରିବା ନିମନ୍ତେ ଚେଷ୍ଟା କରାଯାଇଛି। ହେଲେ ସେଠାରେ ମଧ ସୁରୁଖୁରୁରେ ଗଣନା କରାଯାଇଥିବା ଜଣାପଡିଛି। ଓଡ଼ିଶା ସରକାରଙ୍କ ଦ୍ୱାରା ସାରା ରାଜ୍ୟରେ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସୂଚନା ଅନୁଯାୟୀ, କୋଟିଆ ପଞ୍ଚାୟତର ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦ ରହିଥିବା ୨୧ ଖଣ୍ଡ ଗ୍ରାମ ତଥା କୋଟିଆ,ଉପରଗଞ୍ଜେଇପଦର ,ତଳଗଞ୍ଜେଇପଦର, କୋଟିଆ, ମାଡକାର, ଜାନିଗୁଡ଼ା, ଡୋଲିଆମ୍ବ, ଫଗୁନସିନେରି, ଫାଟୁସିନେରୀ, ହରମାଣ୍ଡେଙ୍ଗି, ଉପରସେମ୍ବି, ତଳସେମ୍ବୀ, ଧୁଳିପଦର, ନେରେଡିୱାଲାସା, ତାଡ଼ିୱାଲାସା ଆଦି ଗ୍ରାମ ଗୁଡ଼ିକକୁ ନେଇ ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ବିବାଦ ରହିଛି। ଉକ୍ତ ଗ୍ରାମ ଗୁଡିକରେ ଜନଗଣନା କାର୍ଯ୍ୟକ୍ରମ ଚାଲିଥିବା ନେଇ ଜଣାପଡିଛି। କୋଟିଆ ପଞ୍ଚାୟତର ସମସ୍ତ ଗ୍ରାମ ନିମନ୍ତେ ୪ ଜଣ ପର୍ଯ୍ୟବେକ୍ଷକଙ୍କୁ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ନିଯୁକ୍ତ ଦେଇଛନ୍ତି। ଗୋଟିଏ ପର୍ଯ୍ୟବେକ୍ଷକଙ୍କ ତତ୍ତ୍ୱାବଧାନରେ ୬ ଜଣ ଗଣନାକାରୀ ଅଧିକାରୀ ଦାୟୀତ୍ୱରେ ଅଛନ୍ତି। ମୋଟ ୨୪ ଜଣ ପର୍ଯ୍ୟବେକ୍ଷକ କୋଟିଆ ପଞ୍ଚାୟତର ସମସ୍ତ ଗ୍ରାମକୁ ଗସ୍ତ କରି ଜନଗଣନା କରୁଛନ୍ତି। ଉକ୍ତ ଅଧିକାରୀ ମାନେ ସକାଳ ୬ଟା ଠାରୁ ୧୧ ଟା ପର୍ଯ୍ୟନ୍ତ ଏବଂ ଅପରାହ୍ନ ୩ ଟା ଠାରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ଗଣନା କରୁଛନ୍ତି। ଉକ୍ତ ଅଧିକାରୀ କୋଟିଆ ପଞ୍ଚାୟତ ଗ୍ରାମ ଗୁଡିକରେ ପହଞ୍ଚି ଜନଗଣନା କାର୍ଯ୍ୟକ୍ରମ ଜାରି ରଖିଥିବା ଜଣାପଡିଛି। କୋଟିଆର ସମସ୍ତ ଗ୍ରାମରେ ଜନଗଣନା ସୁରୁଖୁରୁରେ ଚାଲିଥିବା ବେଳେ ଉପର ସେମ୍ବି ଗ୍ରାମରେ କିଛି ଆନ୍ଧ୍ର ଏଜେଣ୍ଟ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ନିମନ୍ତେ ଚେଷ୍ଟା କରିଥିବା ଜଣାପଡିଛି। ସେଠାରେ ପଟ୍ଟାଙ୍ଗି ପ୍ରଶାସନ ପହଞ୍ଚି ଗଣନା କାର୍ଯ୍ୟ ସଫଳତାର ସହ କରାଇଥିବା ଜଣାପଡିଛି। ମାଡ଼କାର ଗ୍ରାମବାସୀ ମଧ ଜନଗଣନା କରିବା ନିମନ୍ତେ ସହଯୋଗ କରୁନଥିବା ନେଇ ଜଣାପଡିଛି। ଏଥିନେଇ ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ଧାରୁଆଙ୍କୁ ପଚାରିବାରୁ ସେ ଉକ୍ତ ଘଟଣା ନେଇ ସେ ଅବଗତ ଥିବା ବେଳେ ଗ୍ରାମକୁ ଗସ୍ତ କରି ଉକ୍ତ ସମସ୍ୟାର ସମାଧାନ କରାଯିବାକୁ ଚେଷ୍ଟା କରାଯିବ ବୋଲି ପ୍ରତିକ୍ରିୟା ଦେଇଛନ୍ତି।

## ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

ପଟ୍ଟାଙ୍ଗି,୨୪।୪(ସମିସ): କୋରାପୁଟ ଜିଲ୍ଲା ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ, ପଟ୍ଟାଙ୍ଗି ଠାରେ +୩ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ଜମ୍ବେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଧକ୍ଷ ଡ. ସାହୁ ନିଜର ଅଭିଭାଷଣ ରଖି ଛାତ୍ରଛାତ୍ରୀଙ୍କୁ ଆଗାମୀ ଭବିଷ୍ୟତ ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଗାଙ୍ଗେଶ୍ୱରୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ଅଶୋକ କୁମାର ପରିଡା, ଅମିୟ କୁମାର ସ୍ୱାଇଁ, ଜେମ୍‌ସ ଫ୍ରାଙ୍କଲିନ ଖରା, ଅଧ୍ୟାପିକା ଅବନୀ ମହାରଣା, ଅଧ୍ୟାପିକା ମାନସି ପଲେଇ, ଶିକ୍ଷା ବିଭାଗର ଡେମୋନ୍‌ଷ୍ଟ୍ରେଟର ଗୀତାଞ୍ଜଳି ବିଶୋଇ, ପ୍ରଶାନ୍ତ କୁମାର ଦାସ, ଆଶିଷ କୁମାର ମହାରଣା, ଅକ୍ଷୟ କୁମାର ବେହେରା,ମୌସୁମୀ ଭତ୍ରା, ଝିଲି ରାଣି ସାମନ୍ତରାୟ, ସରିତା ସାହୁ, ଆଶୋକ କୁମାର ମିଶ୍ର ଓ ଦାସରଥି ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।



## ନିର୍ଯାତନା ଅଭିଯୋଗ

# ପରଜା ବଡ଼ପଡ଼ା ଛାତ୍ରୀନିବାସ ଛାଡ଼ିଲେ ୫୦ ଅନ୍ତେବାସୀ

ନନ୍ଦପୁର, ୨୪।୪( ସମିସ):



କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ସୀମାନ୍ତ ପରଜା ବଡ଼ପଡା ସ୍କୁଲରେ ଛାତ୍ରୀନୀବାସର ଅନ୍ତେବାସୀଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହେଉଛି । ଏହାର ପ୍ରତିବାଦରେ ୫୦ରୁ ଅଧିକ ଅନ୍ତେବାସୀ ଛାତ୍ରୀନିବାସ ଛାଡ଼ି ଚାଲି ଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ବିଦ୍ୟାଳୟ ଅଧିନସ୍ଥ ଛାତ୍ରୀନିବାର ମାଟ୍ରୋନ୍‌ଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିଥିବା ଜଣାପଡ଼ିଛି । ଖବରରୁ ପ୍ରକାଶ ଯେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ କୋରାପୁଟରେ ମଧ ଅସହ୍ୟ ତାତି ଅନୁଭୁତ ହେଉଛି । କୋରାପୁଟ ଜିଲ୍ଲାପାଳ ଗତ ୨୩ ତାରିଖରୁ ତିନି ଦିନ ସ୍କୁଲ ଛୁଟି ଘୋଷଣା କରିଛନ୍ତି । ତେବେ ସେପଟେ ସ୍କୁଲ ଛୁଟି ରହିଥିବା ବେଳେ ହଠାତ୍ ଛାତ୍ରୀ ନିବାସରୁ ଶତାଧିକ ଛାତ୍ରୀ ହଷ୍ଟେଲରୁ ଘର ମୁହାଁ ହୋଇଥିବା ଖବର ମିଳିଥିଲା। ସ୍କୁଲ ତିନି ଦିନ ଛୁଟି ଥିବାରୁ ବୋଧହୁଏ ଛାତ୍ରୀ ମାନେ ଘରକୁ ଯାଇଛନ୍ତି ବୋଲି ଅଞ୍ଚଳବାସୀ ଭାବିଥିଲେ। ହେଲେ ପ୍ରକୃତ କଥା ତିନି ଦିନ ସ୍କୁଲ ଛୁଟି ରହିଥିବାରୁ ଛାତ୍ରୀ ମାନେ ଛାତ୍ରୀଦିବାସ ଛାଡ଼ି ନାହାନ୍ତି, ଛାତ୍ରୀନିବାସର ମାଟ୍ରୋନ ଦିଦିଙ୍କ ନିର୍ଯାତନା ପାଇଁ ସେମାନେ ହଷ୍ଟେଲ ଛାଡ଼ିଥିବା ଅନେକ ଛାତ୍ରୀ କହିଛନ୍ତି । ସୂଚିତ ଯେ ପୂର୍ବରୁ ମଧ ଅଭିଯୁକ୍ତ ମାଟ୍ରୋନ୍ ଦିଦିଙ୍କ ଜୁଲମ ନେଇ ପ୍ରଧାନ ଶିକ୍ଷକଙ୍କୁ ପତ୍ର ମାଧମରେ ଜଣାଇଥିଲେ ଛାତ୍ରୀ ମାନେ। ପୂର୍ବରୁ ମଧ ଏଭଳି କାର୍ଯ୍ୟ ପାଇଁ ମାଟ୍ରୋନ୍ ଜଣଙ୍କ ଚାକିରିରୁ ନିଲମ୍ବିତ ହୋଇଥିଲେ। ପରେ ବହୁ କଷ୍ଟରେ ଗତ ବର୍ଷ ଜାନୁୟାରୀ ମାସରେ ପୁଣି ତାଙ୍କୁ ଏକ ସୁଯୋଗ ମିଳିଥିଲା। ପରଜା ବଡପଡା ଶହେ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସର ସେ ଦାୟିତ୍ୱ ନେଇଥିଲେ। ତେବେ ପୁଣି ତାଙ୍କ ବିରୋଧରେ ଛାତ୍ରୀ ମାନେ ଅଭିଯୋଗ କରି ଛାତ୍ରୀନିବାସ ଛାଡ଼ିଥିବା କୁହାଯାଉଛି। ସେପଟେ ଏ ନେଇ ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ କହିଥିଲେ ମାଟ୍ରୋନ୍ ଦିଦି ଗାଳି ଦେବା , ମାଡ଼ ମାରିବା ନେଇ ଛାତ୍ରୀମାନେ ଲିଖିତ ପତ୍ର ଦେଇଥିଲେ। ସେହି ଅଭିଯୋଗ ପତ୍ର ଉପରିସ୍ତ ଅଧିକାରୀଙ୍କୁ ଦିଆଯାଇଛି। ଛାତ୍ରୀ ମାନେ ନିଜ ନିଜର ଅଭିବାବକମାନଙ୍କୁ ଡାକି ଘରକୁ ଯାଇଛନ୍ତି ବୋଲି ସେ କହିଛନ୍ତି।

# ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ



ରାୟଗଡ଼,୨୪।୪(ସମିସ): ରାୟଗଡ଼ ଜିଲ୍ଲା ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ବୁଧବାର ଦିନ ରାୟଗଡ଼ ଜିଲ୍ଲା ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କ ନୂତନ ସଭାଗୃହରେ ମହାସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦ ସିଇଓ ଆଶୁତୋଷ କୁଲକର୍ଣୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଶବର, ଉପାଧ୍ୟକ୍ଷ୍ୟା ଶ୍ରୀମତୀ ମଞ୍ଜୁଳା ମିଣିଆକା, ରାୟଗଡ଼ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଟୁନୀ ହୁଇକା, ଗୁଣୁପୁର ବ୍ଲକ ଅଧ୍ୟକ୍ଷା ଶ୍ରୀମତି ଝିଲ୍ଲୀ ଶବର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଉନ୍ନୟନ ଅଧିକାରୀ ଶ୍ରୀମତୀ କ୍ଷୀରବ୍ଧିତନୟା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ଶ୍ରୀ କୁଲକର୍ଣୀ ଜାତୀୟ ପଞ୍ଚାୟତରାଜ ଦିବସର ମହତ୍ତ୍ୱ ଉପରେ କହିଥିଲେ। ଲୋକଙ୍କ ଜୀବନଧାରଣର ମାନ ଓ ଆୟରେ ଉନ୍ନତି ଆବଶ୍ୟକ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ମୁଖ୍ୟ ଉନ୍ନୟନ ଅଧିକାରୀ ମଧ ଏ ନେଇ ବକ୍ତବ୍ୟ ରଖିଥିଲେ। ସଫଳ କାହାଣୀର କ୍ଷୁଦ୍ର ଚଳଚିତ୍ରମାନ ପ୍ରଦର୍ଶିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଗୁଣୁପୁରକୁ ଉତ୍ତମ ବ୍ଲକ, ଉତ୍ତମ କାର୍ଯ୍ୟଦକ୍ଷତା ନିମନ୍ତେ ସହକାରୀ ଯନ୍ତ୍ରୀ ତ୍ରିନାଥ ମିଶ୍ର ରାମନାଗୁଡା, ନିର୍ବାହୀ ଅଧିକାରୀ ମନୋରଞ୍ଜନ ବେହେରା ମୁନିଗୁଡା, ଏଡିଇଓ ଜଗଦିଶ ପାତିକା ଶଗଡା, ଜିଆରଏସ ଆଇ ସନ୍ତୋଷ କୁମାର ରାମନାଗୁଡାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଉତ୍ତମ ସେବା ଓ କାର୍ଯ୍ୟ ଦକ୍ଷତା ନିମନ୍ତେ କୋଲନରାର ନାରୀଶକ୍ତି ଆଗ୍ରୋ ସ୍ୱୟଂ ସହାୟକ ଗୋଷ୍ଠୀ, କୋଲନରାର ଇନ୍ଦିରା ଓ ରାୟଗଡ ବ୍ଲକର ଜୟ ହନୁମାନ ଏସ୍ଏଚ୍‌ଜିଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ରାୟଗଡ ବିଡିଓ ସୁଜିତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲା ପରିଷଦ ଓ ରାୟଗଡ ସଦର ବ୍ଲକର ସମସ୍ତ କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ। ଅତିରିକ୍ତ ଉନ୍ନୟନ ଅଧିକାରୀ କ୍ଷିରବ୍ଧିତନୟା ସାହୁ ଏହାର ସଂଯୋଜନା କରିଥିଲେ ।

# ଗୁଣୁପୁର ବ୍ଲକ୍‌ରେ ପଞ୍ଚାୟତିରାଜ ଦିବସ

ଗୁଣୁପୁର,୨୪।୪(ସମିସ) : ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍‌ରେ ଆଜି ପଞ୍ଚାୟତ ରାଜ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଝିଲ୍ଲି ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୁଣୁପୁର ପୌର ପରିଷଦ ଅଧ୍ୟକ୍ଷା ମମତା ଗଉଡ ଉପସ୍ଥିତ ରହିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଗୁଣୁପୁର ବିଡିଓ ସ୍ୱସ୍ତିକ ଜମାଦାରଙ୍କ ସଭାପତିତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥଲା। ୧୯ ପଞ୍ଚାୟତ ମଧ୍ୟରୁ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ, ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଓ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। ଭିଡିଓ କନ୍ଫରେନ୍ସ ଜରିଆରେ ପଞ୍ଚାୟତ ରାଜ ମନ୍ତ୍ରୀ ରବି ନାୟକ, ଓ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଧନ ସିଂ ଦେଓ ଅନ୍ୟାନ୍ୟ ବିଜେପିର ବରିଷ୍ଠ ନେତା ଉଦବୋଧନ ଦେଇଥିଲେ। ଉତ୍କୃଷ୍ଟ କାର୍ଯ୍ୟ ପାଇଁ କିଛି ସରପଞ୍ଚ, ୱାର୍ଡ ମେମ୍ବର ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁଷ୍ପଗୁଚ୍ଛ ଓ ପ୍ରଶଂସା ପତ୍ର ଦେଇ ସମ୍ମାନିତ କରାଯାଇଥିଲା।



# ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହ; ସଫଳ ସରପଞ୍ଚ ସମ୍ବର୍ଦ୍ଧିତ

ମାଲକାନଗିରି,୨୪।୪(ସମିସ): ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଜିଲ୍ଲା ସ୍ତରୀୟ ପଞ୍ଚାୟତିରାଜ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଦିବସ ଅବସରରେ ମାଲକାନଗିରି ଜିଲ୍ଲାରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଗରିବ ଓ ନିରାଶ୍ରୟ ପରିବାରକୁ ପକ୍କା ଘର ଯୋଗାଇଦେବା ଲକ୍ଷ୍ୟରେ ଜିଲ୍ଲାରେ ସର୍ବମୋଟ ୯୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରି କାର୍ଯ୍ୟାଦେଶ ବଣ୍ଟନ ପାଇଁ ଚୟନ କରାଯାଇଥିବା ସୂଚନା ମିଳିଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ମାଲକାନଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୌରୀ ପଡ଼ିଆମୀ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ସିଡିଓ ଶ୍ରୀ ସରାବୁ ସମସ୍ତ ଅତିଥି ଓ ଜନସାଧାରଣଙ୍କୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସମାରୋହରେ ଅତିଥିମାନେ ପଞ୍ଚାୟତିରାଜର ସଶକ୍ତିକରଣ ଓ ଗ୍ରାମୀଣ ବିକାଶ ଉପରେ ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତି ଟାଙ୍ଗୁଲୁ କହିଥିଲେ, ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ଭୂମିକା ଆଜି ଅଗ୍ରଣୀ ସ୍ଥାନ ଗ୍ରହଣ କରିଛି ବୋଲି କହିଥିଲେ। ଜିଲ୍ଲାପାଳ ପଞ୍ଚାୟତରାଜ ବ୍ୟବସ୍ଥାର ବିସ୍ତୃତ ଭାବେ ବର୍ଣ୍ଣନା କରି କହିଥିଲେ। ସରପଞ୍ଚମାନଙ୍କର ନିଷ୍ଠାପର ଉଦ୍ୟମ ଜିଲ୍ଲାର ପ୍ରଗତିକୁ ଆହୁରି ତ୍ୱରାନ୍ୱିତ କରିବ। ଏହି ସମାରୋହରେ ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସରପଞ୍ଚମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମୀଣ ଗୃହ ଯୋଜନାରେ ଶତ ପ୍ରତିଶତ ଘର ସମ୍ପୂର୍ଣ୍ଣ କରିଥିବାରୁ ତଣ୍ଡିକି ସରପଞ୍ଚ ବାବୁଲା ପଡ଼ିଆମୀ, ବୋଡ଼ିଗେଟା ସରପଞ୍ଚ ଲିଲି ସୋଡୀ ଓ ଦୋରଗୁଡ଼ା ସରପଞ୍ଚ ଭଗବତୀ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଉଲ୍ଲେଖନୀୟ ଶ୍ରମ ଦିବସ ସୃଷ୍ଟି କରି ଲୋକଙ୍କୁ କାମ ଯୋଗାଇଥିବାରୁ ସୋମନାଥପୁର ସରପଞ୍ଚ ମଞ୍ଜୁଳା ସିସା, ପୋଡାଘାଟ ସରପଞ୍ଚ ଗୁରା ମଲାଲି ଏବଂ ଟିଗଲ ସରପଞ୍ଚ ଆମୀ କୁଞ୍ଜାଙ୍କୁ ମଧ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ। ଶେଷରେ ମାଲକାନଗିରି ବିଡିଓ ତପନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଓ ମାଲକାନଗିରି ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ।



● ପଞ୍ଚାୟତିରାଜ ଦିବସ ପାଳନ

# ଓଡ଼ିଶା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ନାରାୟଣପାଟଣା ,୨୪।୪(ସମିସ):



ନାରାୟଣପଟଣା ପଞ୍ଚାୟତ ସମିତି ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ନାରାୟଣପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରାଙ୍କ ପ୍ରଚେଷ୍ଟାରେ ଓଡ଼ିଶାର ବରପୁତ୍ର ତଥା ରଜୟୀ ରାଜଗୁରୁ ,ଲକ୍ଷଣ ନାୟକ,ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ସନ୍ଧ୍ୟାରେ ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ସରପଞ୍ଚ ରେବତୀ କୁନ୍ଦାରିଆ, ବିଜେପି ସଭାପତି କାଶି ନାଥ ହିକକା, ପୂର୍ବତନ ବିଧାୟକ କୈଳାସ କୁଲେସିକା, ସମସ୍ତ ସରପ. ସମିତି ସଭ୍ୟ,ବ୍ଲକର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଶୁଭ ଉଦ୍‌ଘାଟନ କରାଯାଇଥିଲା। ଚଳିତ ବର୍ଷ ୧୩୪ ଜଣ ିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪୦ ହଜାର ଟଙ୍କା ଲେଖାଏଁ ପ୍ରଥମ କିସ୍ତି ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଯାଇଛି। ସମୟ ସୀମା ଭିତରେ କାମ ସରିଲେ ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ବିଡିଓ କହିଛନ୍ତି। ଏଥିସହ ଠିକଣା ସମୟ ମଧ୍ୟରେ ଘର କାମ ସରିଥିବା ହିତାଧିକାରୀଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଏଲିଡି ମାଧ୍ୟମରେ ସିଧା ପ୍ରସାରଣ ଜନସାଧାରଣ ଦେଖିଥିଲେ। କାର୍ଯ୍ୟକର୍ମରେ ପଞ୍ଚାୟତ ସମିତି ସମସ୍ତ କର୍ମକର୍ତା ସହଯୋଗ କରିଥିଲେ।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ରାମନାଗୁଡା,୨୪।୪(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ସଦର କଲ୍ୟାଣ ମଣ୍ଡପ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଗ୍ରାମାଞ୍ଚଳର ବିକାଶ ଓ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଅତିରିକ୍ତ ତହସିଲଦାର, ଜିଲ୍ଲା ପରିଷଦ ସଦସ୍ୟ ତାଙ୍ଗୁଡୁ ଶ୍ରୀଧର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ନାଏବ ସରପଞ୍ଚ, କୁଜେନ୍ଦ୍ରି ମଣ୍ଡଳ ସଭାପତି ସୋମୁଲୁ ଗାଣ୍ଡା, ରାମନାଗୁଡ଼ା ମଣ୍ଡଳ ସଭାପତି ଶ୍ରୀନିବାସ ପଣ୍ଡାଙ୍କ ଉପସ୍ଥିତ ଥିଲେ। ଏଥିସହ ବ୍ଲକର ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆଭାସୀ ମାଧ୍ୟମରେ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବ୍ଲକର ୧୨୩ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତ ସ୍ତରରେ ମନରେଗା, ଗ୍ରାମୀଣ ଗୃହ ଯୋଜନା, ସ୍ୱଚ୍ଛ ଭାରତ ମିଶନ ଓ ଉନ୍ନୟନ କାର୍ଯ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପଞ୍ଚାୟତ ସ୍ତରୀୟ ଅଧିକାରୀ ଓ ପ୍ରତିନିଧି ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ୍ ଅର୍ଥ ଅଧିକାରୀ ନୀଳକଣ୍ଠ ଶବର ଯୋଗାଣ ଅଧିକାରୀ ଶଙ୍କର ବେହେରା, ବିପିସି ସନ୍ତୋଷ ରାହ୍ମାଲୁ, ସହକାରୀ ଯନ୍ତ୍ରୀ ଦିପ୍ତିରାଣୀ ମୁନି, ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁସ୍ମିତା ରଥ,ବିପିଏ ଉମା ଶଙ୍କର ପାଲକା, ନରହରି ଦାସ, ଚିତ୍ତରଞ୍ଜନ ଦେଓ, ରମେଶ ପୁଲାକା , ଚନ୍ଦ୍ର ଶେଖର ଶବର, ସନ୍ତୋଷ ବେହେରା ,ବି କ୍ଷୀରୋଦ, ଦିବ୍ୟଜିତ ଉଲାକା, ଧବଳେଶ୍ୱର ପାତ୍ରି, ଅଜିତ ପଣ୍ଡା ,ରାମାରାଓ ମୁଟିକାଙ୍କ ସହ ସମସ୍ତ ପିଇଓ ଏଡିଓ, ଜିଆରଏସ ପ୍ରମୁଖ ସହଯୋଗ କରିଥିଲେ। ଅକ୍ଷୟ କୁମାର ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ବିପିସି ସନ୍ତୋଷ ରାହ୍ମାଲୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସରେ ପ୍ରାଣୀ ଚିକିତ୍ସା ଶିବିର



ରାମନାଗୁଡ଼ା,୨୪।୪(ସମିସ): ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ-୨୦୨୬ ପାଳନ ଅବସରରେ ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଗୁଲୁଣ୍ଠି ଗ୍ରାମ ପଞ୍ଚାୟତ ଅଧିନସ୍ଥ ଗୁଲୁଣ୍ଠି ଗ୍ରାମରେ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରାଣୀ ଚିକିତ୍ସା ଶିବିରଟି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମୃଣ୍ମୟ କୁମାର ପଣ୍ଡାଙ୍କ ନିର୍ଦ୍ଦେଶ ଓ ଗୁଣୁପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଆଲୋକ କୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ସର୍ବମୋଟ ୪୮ ଗୋଟି ପ୍ରାଣୀ ଚିକିତ୍ସା କରାଯାଇଥିଲା। ତନ୍ମଧ୍ୟରୁ ୧୫ ଗୋଟି କୃମି ଜନିତ, ୫ ଗୋଟି ଗର୍ଭ ପରୀକ୍ଷା ଜନିତ ଓ ୨୮ ଗୋଟି ସାଧାରଣ ରୋଗ ଜନିତ ଗାଈ ଓ ଗୋରୁ ମାନଙ୍କର ଚିକିତ୍ସା କରାଯାଇଥିଲା। ଶିବିରରେ ରାମନଗୁଡ଼ା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଅଧିକାରୀ ଡାକ୍ତର କୃଷ୍ଣାନନ୍ଦ ବେହେରା , ରାମନାଗୁଡ଼ା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ର ଅଧିକାରୀ ଡାକ୍ତର ପାର୍ଥସାରଥୀ ସ୍ୱାଇଁ ଓ ରାମନାଗୁଡ଼ା ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡାକ୍ତର ଗଣେଶ ଜେନା ଯୋଗଦାନ କରି ପ୍ରାଣୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଉପଯୁକ୍ତ ଔଷଧ ମାନ ମାଗଣାରେ ଲୋକମାନଙ୍କୁ ବିତରଣ କରିଥିଲେ। ଏଥିରେ ସ୍ଥାନୀୟ ପ୍ରାଣୀ ଧନ ନିରୀକ୍ଷକ କେଦାରନାଥ ଗମାଙ୍ଗ ସହଯୋଗ କରିଥିଲେ। ଶେଷରେ ଉପସ୍ଥିତ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମ

ଗୁଡାରୀ,୨୪।୪ (ସମିସ): ଗୁଡାରୀ ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୬ ବ୍ଲକ୍ ସ୍ତରୀୟ ସାମାରୋହ ପାଳିତ ହୋଇଯାଇଛି। ଗୁଡାରୀ ନୂଆ ବସଷ୍ଟାଣ୍ଡ ଠାରେ ଶୁକ୍ରବାର ଦିନ ବଲାଙ୍ଗିର ଜିଲ୍ଲାରୁ ସାରା ଓଡିଶାରେ ଭର୍ଚୁଆଲ ମାଧମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା। ଏଥିରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଉଦ୍‌ଘାଟନ କରିବା ସହ ଡିବିଟି ମାଧମରେ ଯୋଗ୍ୟ ହିତାଧିକାରିଙ୍କୁ ଟଙ୍କା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଗୁଡାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରପ୍ରାପ୍ତ ଅଧ୍ୟକ୍ଷା ବିଶ୍ୱନାଥ ଶବର, ମଧୁବାନ ସରପଞ୍ଚ ବଂଶୀ ଶବର , ବ୍ଲକ୍ ଏଇ ସସ୍ମିତା ଶବର, ଜିଲ୍ଲା ପରିଷଦ ସଭ୍ୟ ପତିକ୍ରାଷ୍ଣା , ଏବିଡିଓ ସୋଭାଗ୍ୟ କର ତଥା ପଞ୍ଚାୟତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଆଇସିଡିଏସ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତଥା ସିଡିପିଓ ଅନୀତା ପାଣିଗ୍ରାହୀ, ଜିପିଡିଓ ଶିବପ୍ରସାଦ ପଣ୍ଡା ଉପସ୍ଥିତ ଥିଲେ। ଶେଷରେ ବିଡିଓ ସୁଶ୍ରୀ ସୁଚିସ୍ମିତା ବେହେରା ଧନ୍ୟବାଦ ଜଣାଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଥାନାଧିକାରୀ ବିଶ୍ୱବନ୍ଦିନ ବାଗ ପୁଲିସ ମୁତୟନ କରିଥିଲେ।



## ସେତୁ ଓ ଜନମନ ଯୋଜନା କାର୍ଯ୍ୟର ଅନୁଧ୍ୟାନ

# ନାରିଙ୍ଗଝୋଲାକୁ ଆଦର୍ଶ ଗ୍ରାମ କରିବାକୁ ପ୍ରଶାସନର ଗୁରୁତ୍ୱ

ମାଲକାନଗିରି, ୨୪।୪ (ସମିସ): ମାଲକାନଗିରି ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳ କୋରୁକୋଣ୍ଡା ବ୍ଲକର ନାକାମାମୁଡ଼ି ଗ୍ରାମ ପଞ୍ଚାୟତରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଏବଂ ଚାଲିଥିବା ପ୍ରକଳ୍ପ ଗୁଡିକର ସଠିକ୍ ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏକ ସ୍ୱତନ୍ତ୍ର ପରିଦର୍ଶନ କରିଛନ୍ତି। ପ୍ରଶାସନର ଏହି ଗସ୍ତର ମୁଖ୍ୟ ଲକ୍ଷ୍ୟ ଥିଲା ସରକାରୀ ଯୋଜନା ଗୁଡ଼ିକର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ଏବଂ ଲୋକଙ୍କର ସମସ୍ୟା ଗୁଡିକୁ ପ୍ରତ୍ୟକ୍ଷ ଭାବରେ ଶୁଣି ତାର ସମାଧାନ କରିବା। ବାୟାପଡ଼ା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କାଳରେ ଅତିରିକ୍ତ ଶ୍ରେଣୀ ଗୃହର ସ୍ଥିତି ପରଖିବା ପରେ ଗ୍ରାମରେ ବହୁ ଦିନରୁ ଅସମ୍ପୂର୍ଣ୍ଣ ରହିଥିବା ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ବିଷୟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାକୁ ଗୁରୁତର ସହ ନେଇ ସମ୍ପୃକ୍ତ ବିଡିଓଙ୍କୁ କାର୍ଯ୍ୟଟିକୁ ଅତି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେହିଠାରେ ହିଁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଦାମଦରବେଡ଼ା ଗ୍ରାମରେ ସେତୁ ଯୋଜନାରେ ନିର୍ମାଣଧୀନ ୩୦ ଲକ୍ଷ ଟଙ୍କାର ବକ୍ସ ସେଲ୍ କଲଭର୍ଟ କାର୍ଯ୍ୟର ଅନୁଧ୍ୟାନ ବେଳେ ବର୍ଷା ଦିନ ପୂର୍ବରୁ ଏବଂ ସବୁ ସମୟ ପାଇଁ ଗୁଣବତ୍ତା ଅପରିବର୍ତ୍ତିତ ରଖିବାକୁ ପରାମର୍ଶ ଦିଆଯାଇଛି। ଗଙ୍ଗାପଡ଼ା ଗ୍ରାମରେ ଚାଲିଥିବା ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଓ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣରେ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ପରିଲକ୍ଷିତ ହୋଇଥିଲା। ଏହାକୁ ନେଇ ଜିଲ୍ଲାପାଳ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଦାୟିତ୍ୱରେ ଥିବା ଠିକା ସଂସ୍ଥାକୁ ତାଗିଦ୍ କରି ଉଚ୍ଚମାନର ନିର୍ମାଣ ଶୈଳୀ ଆପଣେଇବାକୁ ସତର୍କ କରାଇଥିଲେ। ସେହିପରି ନାରିଙ୍ଗଝୋଲା ଗ୍ରାମକୁ ଏକ ଆଦର୍ଶ ଗ୍ରାମ ଭାବେ ଗଢ଼ିବାକୁ ହେଲେ ସେଠାରେ ଥିବା ଗ୍ରାମୀଣ ହାଟ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଜନମନ) ଯୋଜନାରେ ନିର୍ମିତ ହେଉଥିବା ୪୦ଟି ଗରିବ ପରିବାରଙ୍କ ଆବାସ ଗୃହ ନିର୍ମାଣକୁ ଠିକ୍ ସମୟରେ ସାରିବାକୁ ଯୋଜନା କରାଯାଇଛି। ରାବା ଗ୍ରାମର ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ସହ ନୀଲାପାରି ସ୍ଥିତ କୃଷି ଉତ୍ପାଦନ କ୍ଲଷ୍ଟର ପରିଦର୍ଶନ ବେଳେ ଜିଲ୍ଲାପାଳ ଚାଷୀ ଓ ଅନ୍ୟ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସଫଳତା ଓ ସମସ୍ୟା ବୁଝିଥିଲେ। ସେହିପରି ନାକାମାମୁଡି ଜଳ ଯୋଗାଣ ପ୍ରକଳ୍ପ ବୁଲି ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ତଦାରଖ କରିଥିଲେ। ସମସ୍ତ ଅଧିକାରୀଙ୍କୁ ଆଗାମୀ ୨ ମାସ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ସମାପ୍ତ କରିବାକୁ କଡ଼ା ଚେତାବନୀ ଦେଇଛନ୍ତି। ଏହି କ୍ଷେତ୍ର ପରିଦର୍ଶନ ସମୟରେ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଦାଶରଥି ସରାବୁ, ପିଏ ଆଇଟିଡିଏ ହଳଧର ଶବର ଙ୍କ ସମେତ ଜିଲ୍ଲାର ପ୍ରଶାସନିକ ପ୍ରମୁଖ ବ୍ୟକ୍ତି ବିଶେଷ ଓ ଯନ୍ତ୍ରୀମାନେ ସାମିଲ ଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୩.୮୦ ● ପାଉଣ୍ଡ ୧୨୬.୭୬
- ୟୁରୋ ୧୦୯.୯୫ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୧,୨୦୦ (ଭୁବନେଶ୍ୱର)
- ରୁପା : ୨,୬୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୬୬୪.୦୦
- ନିଫ୍ଟି ୨୩,୮୯୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବ୍ୟାଙ୍କଙ୍କୁ ସାଇବର୍ ଆକ୍ରମଣ ଭୟ

## କୌଣସି ମୁହୂର୍ତ୍ତରେ ଖାଲି ହୋଇଯାଇପାରେ ଆକାଉଣ୍ଟ

ନୂଆଦିଲ୍ଲୀ,୨୪।୪(ଏଜେନ୍ସି): ଭାରତୀୟ ବ୍ୟାଙ୍କଗୁଡ଼ିକୁ ବର୍ତ୍ତମାନ ସାଇବର ଆକ୍ରମଣ ଭୟ ଘାରିଛି। ଏ ନେଇ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ବ୍ୟାଙ୍କ ମୁଖ୍ୟମାନଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ବୈଠକରେ ଆନ୍ଥ୍ରୋପିକର 'କ୍ଲାଉଡ୍ ମାଇଥୋସ୍' ଏଆଇ ମଡେଲ୍ ରୁ ବ୍ୟାଙ୍କିଂ କ୍ଷେତ୍ର ପ୍ରତି ସମ୍ଭାବ୍ୟ ବିପଦ ବିଷୟରେ ଆଲୋଚନା କରାଯାଇଛି। ଏହି ଏଆଇ ମଡେଲ୍ ଏତେ ଉନ୍ନତ ଯେ ହ୍ୟାକର୍ସମାନେ ଦଶନ୍ଧି ପୁରୁଣା, ଅଜଣା ଦୁର୍ବଳତାକୁ ସୁଯୋଗ ନେଇ ଆର୍ଥିକ କ୍ଷେତ୍ରରେ ସାଇବର ଆକ୍ରମଣ ଆରମ୍ଭ କରିପାରିବେ। ଅର୍ଥମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ଆଇଟି ସିଷ୍ଟମକୁ ସୁରକ୍ଷିତ ରଖିବାକୁ ଏବଂ ଗ୍ରାହକଙ୍କ ତଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥ ମନ୍ତ୍ରଣାଳୟ କହିଛି ଯେ ମାଇଥୋସ୍ ଦ୍ୱାରା ସୃଷ୍ଟି ହୋଇଥିବା ବିପଦ ଅଭୂତପୂର୍ବ।




### ବ୍ୟାଙ୍କ ମୁଖ୍ୟଙ୍କ ସହ ଅର୍ଥମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକ

### 'କ୍ଲାଉଡ୍ ମାଇଥୋସ୍' ଏଆଇ ମଡେଲରୁ ସମ୍ଭାବ୍ୟ ବିପଦ

ଏଥିପାଇଁ ଆର୍ଥିକ ପ୍ରତିଷ୍ଠାନ ଏବଂ ବ୍ୟାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ଉଚ୍ଚସ୍ତରୀୟ ପ୍ରସ୍ତୁତି ଆବଶ୍ୟକ।

ଏହି ବିପଦକୁ ସମାଧାନ କରିବା ପାଇଁ ଅର୍ଥ ମନ୍ତ୍ରଣାଳୟ ଏବେ ଏକ ଢାଞ୍ଚା ତିଆରି କରିବାକୁ ଯୋଜନା କରୁଛି ଯାହା ହ୍ୟାକିଂ ପ୍ରୟାସକୁ ଚିହ୍ନଟ କରିପାରିବ ଏବଂ ତୁରନ୍ତ ପ୍ରତିକ୍ରିୟା ଦେଇପାରିବ। ସାଇବର ଆକ୍ରମଣ ବିଷୟରେ ସୂଚନା ବାଣ୍ଟିବା ପାଇଁ ଏକ ରିଅଲ୍-ଟାଇମ୍ ଇଣ୍ଟେଲିଜେନ୍ସ ସେୟାରିଂ ମେକାନିଜିମ୍ ତିଆରି କରିବାକୁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଏଥିରେ ଭାରତୀୟ କମ୍ପ୍ୟୁଟର ଜରୁରୀକାଳୀନ ପ୍ରତିକ୍ରିୟା ଦଳ ଏବଂ ଅନ୍ୟାନ୍ୟ ଏଜେନ୍ସିଗୁଡ଼ିକ ସାମିଲ ହେବେ। କେବଳ ଭାରତରେ ନୁହେଁ ବରଂ ଆମେରିକାରେ ମଧ୍ୟ ଏହି ପ୍ରସଙ୍ଗରେ ବୈଠକ ଅନୁଷ୍ଠିତ ହେଉଛି। ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ ଏବଂ ଫେଡେରାଲ୍ ରିଜର୍ଭ ଅଧ୍ୟକ୍ଷ ଜେରୋମ୍ ପାୱେଲ୍ ସମ୍ପ୍ରତି ବରିଷ୍ଠ ବ୍ୟାଙ୍କ ଅଧିକାରୀଙ୍କ ସହିତ ଏକ ରୁଦ୍ଧଦ୍ୱାର ବୈଠକ କରିଛନ୍ତି। ବୈଠକରେ, ସେମାନେ ମାଇଥୋସ୍ ଦ୍ୱାରା ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବିପଦ ପାଇଁ ସେମାନଙ୍କ ସିଷ୍ଟମଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ବ୍ୟାଙ୍କ ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି।

### କ୍ଲାଉଡ୍ ମାଇଥୋସ୍ କ'ଣ ଓ କାହିଁକି ବିପଦପୂର୍ଣ୍ଣ ?

ମିଥୋସ୍ ହେଉଛି ଆନ୍ଥ୍ରୋପିକ୍‌ର ସବୁଠାରୁ ଶକ୍ତିଶାଳୀ ଏଆଇ ମଡେଲ୍। କମ୍ପାନୀ ଅନୁଯାୟୀ, ମାଇଥୋସ୍ ଅପରେଟିଂ ସିଷ୍ଟମ୍ ଏବଂ ବ୍ରାଉଜର୍‌ରେ ଦଶନ୍ଧି ପୁରୁଣା ଦୁର୍ବଳତା ଆବିଷ୍କାର କରିଛି ଯାହାକୁ ମଣିଷ ଚିହ୍ନଟ କରିପାରି ନାହିଁ। ଆନ୍ଥ୍ରୋପିକ୍ କହିଛି ଯେ ଏହାକୁ ସାର୍ବଜନୀନ କରିବା କାହାକୁ ଉନ୍ନତ ହ୍ୟାକିଂ ଟୁଲ୍ସ ଦେବା ପରି ହେବ। ଆନ୍ଥ୍ରୋପିକ୍ କେବଳ ୪୦ଟି ଚୟନିତ କମ୍ପାନୀକୁ ପ୍ରବେଶ ଦେଇଛି, ଯେଉଁଥିରେ ଆମାଜନ, ମାଇକ୍ରୋସଫ୍ଟ ଏବଂ ଗୁଗୁଲ୍ ମଧ୍ୟ ସାମିଲ ଅଛି। ତଥାପି, ରିପୋର୍ଟ ଅନୁଯାୟୀ, କିଛି ଅନଧିକୃତ ବ୍ୟବହାରକାରୀ ପ୍ରବେଶ ହାସଲ କରିଛନ୍ତି, ଯାହା ଭୟ ସୃଷ୍ଟି କରିଛି ଯେ ସେମାନେ ସିଷ୍ଟମରେ ସୁରକ୍ଷା ତ୍ରୁଟିର ସୁଯୋଗ ନେଇପାରିବେ। ଆନ୍ଥ୍ରୋପିକ୍ କହିଛି ଯେ ଯଦି ଏହାକୁ ନିୟନ୍ତ୍ରଣ ବିନା ମୁକ୍ତ କରାଯାଏ, ତେବେ ଏହାର ପରିଣାମ ଅର୍ଥନୀତି, ଜନସୁରକ୍ଷା ଏବଂ ଜାତୀୟ ସୁରକ୍ଷା ପାଇଁ ବିନାଶକାରୀ ହୋଇପାରେ।

# ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କର ବ୍ୟାଙ୍କିଙ୍ଗ ଲାଇସେନ୍ସ ରଦ୍ଦ

ମୁମ୍ବାଇ,୨୪।୪(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଶୁକ୍ରବାର ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ ଲିମିଟେଡର ବ୍ୟାଙ୍କିଙ୍ଗ ଲାଇସେନ୍ସ ରଦ୍ଦ କରିଛି। ଏହାସହିତ ଏପ୍ରିଲ ୨୪ରୁ ଏକ ବ୍ୟାଙ୍କ ଭାବେ ଏହାର ପରିଚାଳନା ବନ୍ଦ ହୋଇଯାଇଛି। ଆରବିଆଇ ତାଙ୍କ ଆଦେଶରେ କହିଛି ଯେ 'ଭାରତୀୟ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କିଙ୍ଗ ରେଗୁଲେସନ ଅଧିନିୟମ ୧୯୪୯ର ଧାରା ୨୨(୪) ଅନୁସାରେ ପେଟିଏମ ପେମେଣ୍ଟସ ବ୍ୟାଙ୍କ ଲିମିଟେଡକୁ ଜାରି କରାଯାଇଥିବା ବ୍ୟାଙ୍କିଙ୍ଗ ଲାଇସେନ୍ସ ୨୪ ଏପ୍ରିଲ ୨୦୨୬ ବ୍ୟବସାୟ ବନ୍ଦ ହେବା ସମୟ ଠାରୁ ରଦ୍ଦ କରିଦେଇଛି। ଏହାର ଅର୍ଥ ହେଉଛି ବ୍ୟାଙ୍କ ଏବେ ଆଇନରେ ପରିଭାଷିତ କୌଣସି ବ୍ୟାଙ୍କିଙ୍ଗ ଗତିବିଧି ଓ ଏହା ସମ୍ପର୍କିତ କୌଣସି ଅନ୍ୟ ବ୍ୟବସାୟକୁ ତତ୍କାଳ ପ୍ରଭାବ ସଞ୍ଚାଳିତ କରିପାରିବନି। ଏଣୁ ପେଟିଏମ ପେମେଣ୍ଟସ ବ୍ୟାଙ୍କ ଲିମିଟେଡକୁ କୌଣସି ପ୍ରକାରର ବ୍ୟବସାୟକୁ ତତ୍କାଳ ପ୍ରଭାବ ସଞ୍ଚାଳିତ କରିବାରେ କଟକଣା ଲଗାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଏବେ ବ୍ୟାଙ୍କକୁ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଉଚ୍ଚନ୍ୟାୟାଳୟଙ୍କୁ ମୁହାଁଇବେ। ଆରବିଆଇ



ଏହା ବି କହିଛନ୍ତି ଯେ ପ୍ରକ୍ରିୟା ଆରମ୍ଭ ହେବା ପରେ ନିଜର ସବୁ ଜମାକର୍ତ୍ତାଙ୍କୁ ପୈଠ କରିବା ପାଇଁ ବ୍ୟାଙ୍କ ନିକଟରେ ପର୍ଯ୍ୟାପ୍ତ ରାଶି ରହିଛି। ଅର୍ଥାତ ପେଟିଏମ ପେମେଣ୍ଟ ବ୍ୟାଙ୍କ ନିକଟରେ ବ୍ୟାଙ୍କ ବନ୍ଦ ହେବା ଯୋଗୁ ନିଜର ବାକି ଉଧାର ଚୁକ୍ତା କରିବା ପାଇଁ ପର୍ଯ୍ୟାପ୍ତ ନଗଦ ରଖିଛନ୍ତି। ଆରବିଆଇ ଲାଇସେନ୍ସ ରଦ୍ଦ କରିବାର ଯେଉଁସବୁ କାରଣ କହିଛନ୍ତି ସେଥିରେ ପ୍ରଥମ କାରଣଟି ହେଲା ବ୍ୟାଙ୍କର ସଞ୍ଚାଳନ ଏପରି କରାଯାଉଥିଲା ଯାହା ଦ୍ୱାରା ନିଜ ହିତ ସହିତ ଏହାର ଜମାକର୍ତ୍ତାଙ୍କ ହୀତ ମଧ୍ୟ କ୍ଷତିରେ ପଡିଥିଲା। ଏହି କାରଣରୁ ବ୍ୟାଙ୍କିଙ୍ଗ ରେଗୁଲେସନ ଅଧିନିୟମ ଧାରା ୨୨(୩)(ବି)ର ପାଳନ ହେଲା ନାହିଁ। ସେହିପରି ଦ୍ୱିତୀୟ କାରଣଟି ହେଲା ବ୍ୟାଙ୍କ ମ୍ୟାନେଜମେଣ୍ଟର ଆଚରଣ ଜମାକର୍ତ୍ତା ଓ ଜନତାଙ୍କ ହୀତ ବିରୋଧୀ ଥିଲା।

# ଦଶନ୍ଧିରେ ଟଙ୍କା ସବୁଠୁ ଦୁର୍ବଳ

ନୂଆଦିଲ୍ଲୀ,୨୪।୪(ଏଜେନ୍ସି): ଭାରତୀୟ ମୁଦ୍ରା ଟଙ୍କାର ଅବମୂଲ୍ୟାୟନ ଜାରି ରହିଛି। ୨୦୨୫ ମସିହାରେ ଟଙ୍କାର ବିନିମୟ ମୂଲ୍ୟରେ ପ୍ରାୟ ୫% ହ୍ରାସ ଘଟିଛି। ସେବେଠାରୁ ଟଙ୍କା ମୂଲ୍ୟ ଦୁର୍ବଳ ହେବାରେ ଲାଗିଛି। ଏପରିକି ଚଳିତବର୍ଷ ଭାରତୀୟ ମୁଦ୍ରାରେ ହ୍ରାସ ଧାରା ଜାରି ରହି ଏହା ଏକ ନୂତନ ରେକର୍ଡ ସର୍ବନିମ୍ନ ସ୍ତରକୁ ଖସିଆସିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଭାରତୀୟ ମୁଦ୍ରା କେବଳ ଆମେରିକୀୟ ଡଲାର ତୁଳନାରେ ଦୁର୍ବଳ ହେଉନାହିଁ; ବିଶ୍ୱର ଅନ୍ୟ ମୁଦ୍ରା ତୁଳନାରେ ମଧ୍ୟ ଏହାର ମୂଲ୍ୟରେ ହ୍ରାସ ଘଟୁଛି। ଯାହା ଫଳରେ ପ୍ରତିପକ୍ଷ ମୁଦ୍ରା ତୁଳନାରେ ଟଙ୍କା ମୂଲ୍ୟ ଏକ ଦଶନ୍ଧୀ ବା ୧୦ ବର୍ଷରୁ ଅଧିକ ସମୟ ମଧ୍ୟରେ ସବୁଠାରୁ ଦୁର୍ବଳ ସ୍ତରରେ ପହଞ୍ଚିଛି। ଏହି ହ୍ରାସ ଏପରି ଏକ ସମୟରେ ହୋଇଛି ଯେତେବେଳେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଛି। ଏହାସହିତ, ବିଦେଶୀ ନିବେଶକଙ୍କ ଆଡୁ ଘରୋଇ ମୁଦ୍ରା ଉପରେ ଅଧିକ ଚାପ ସୃଷ୍ଟି ହେଉଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ପରିମାଣର ସର୍ବନିମ୍ନ ବାଲାନ୍ସ ଧାର୍ଯ୍ୟ କରାଯାଇ ନଥିବା ବେଳେ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କଠାରୁ ଏହି ବାବଦରେ ପ୍ରଚୁର ଅର୍ଥ ଅସୁଲ କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କର ସଦ୍ୟତମ ବୁଲେଟିନରୁ ମିଳିଥିବା ତଥ୍ୟ ଦର୍ଶାଉଛି ଯେ ଟଙ୍କାର ୪୦- କରେନ୍ସି ରିଅଲ ଇଫେକ୍ଟିଭ୍ ଏକ୍ସଚେଞ୍ଜ ରେଟ୍ ବା ମୁଦ୍ରା ପ୍ରକୃତ ପ୍ରଭାବଶାଳୀ ବିନିମୟ ହାର (ଆର୍‌ଇଇଆର୍) ୯୨.୭୨ କୁ ହ୍ରାସ ପାଇଛି। ଏହା ଏକ ମାପକ ଯାହା ବିଭିନ୍ନ ଦେଶରେ ମୁଦ୍ରାସ୍ଫୀତି ହିସାବରେ ଆଡଜଷ୍ଟ ହୋଇଥାଏ। ଏହା ବର୍ତ୍ତମାନ ଏହାର ଦୀର୍ଘକାଳୀନ ହାରାହାରି ୯୮.୨୫ ତଳେ ଅଛି।

# ଟିପିସିଓଡିଏଲ୍ ପକ୍ଷରୁ ଜାତୀୟ ସୁରକ୍ଷା ମାସ ପାଳିତ



ଭୁବନେଶ୍ୱର, ୨୪।୪(ସମିସ): ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଜାତୀୟ ସୁରକ୍ଷା ମାସ ୨୦୨୬ ସଫଳତାର ସହ ପାଳିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ ନିଜର ପରିଚାଳନା କ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି। ମାର୍ଚ୍ଚ ୪ ରୁ ଏପ୍ରିଲ୍ ୩ ପର୍ଯ୍ୟନ୍ତ ମାସେ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଓ ଅଂଶୀଦାରମାନଙ୍କ ମଧ୍ୟରେ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି, ବିପଦର ମୁକାବିଲା ପାଇଁ ପ୍ରସ୍ତୁତି ଏବଂ ନିରାପଦ କାର୍ଯ୍ୟଶୈଳୀକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଦ୍‌ଯାପନୀ ସମାରୋହରେ ବରିଷ୍ଠ ନେତୃବୃନ୍ଦ, ସମସ୍ତ କର୍ମଚାରୀ ଏବଂ ଫ୍ରଣ୍ଟ୍ ଲାଇନ୍ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି ଅଧିବେଶନରେ ଅଧିକାରୀମାନେ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଟିପିସିଓଡିଏଲ୍‌ର ପରିଚାଳନା କ୍ଷେତ୍ରରେ ଶୂନ୍ୟ କ୍ଷତି ଏବଂ ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟ ହାସଲ କରିବା ଉପରେ ପୁନର୍ବାର ଗୁରୁତ୍ୱାରୋପ କରିଥିଲେ। କର୍ମଚାରୀମାନଙ୍କୁ ସୁରକ୍ଷା କାର୍ଯ୍ୟ ପ୍ରଣାଳୀ ସହ ଜଡ଼ିତ କରିବା ପାଇଁ ମାସସାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସୁରକ୍ଷା ସଚେତନତା ଅଭିଯାନ, କୁଇଜ୍ ପ୍ରତିଯୋଗିତା, ସୁରକ୍ଷା ଶପଥ ପାଠ, ପିପିଇ ସଚେତନତା ଅଧିବେଶନ, ମକ୍ ଡ୍ରିଲ୍, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ କ୍ଷେତ୍ରସ୍ତରୀୟ ସୁରକ୍ଷା ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା।

# 'ଟାଇମ୍ ୧୦୦ ନେକ୍ସଟ' ଆରମ୍ଭ



ମୁମ୍ବାଇ, ୨୪।୪: ବିଶ୍ୱର ପ୍ରସିଦ୍ଧ ମିଡିଆ ବ୍ରାଣ୍ଡ ଟାଇମ ପକ୍ଷରୁ ଭାରତରେ ପ୍ରଥମ ଥର ପାଇଁ 'ଟାଇମ୍୧୦୦ ନେକ୍ସଟ ଇଣ୍ଡିଆ' ଆରମ୍ଭ କରିବାର ଘୋଷଣା କରାଯାଇଛି, ଯାହା ରିଲାଏନ୍ସ ସହ ସହଭାଗିତାରେ ଆୟୋଜିତ ହେବ। ଏହି ପଦକ୍ଷେପ ଅଧୀନରେ, ଭାରତ ଏବଂ ଭାରତୀୟ ବଂଶୋଦ୍ଭବଙ୍କ ମଧ୍ୟରୁ ୧୦୦ ଜଣ ଉଦୀୟମାନ ନେତୃତ୍ୱ ସ୍ଥାନର ବ୍ୟକ୍ତିତ୍ୱଙ୍କ ଚୟନ କରାଯିବ, ଯେଉଁମାନେ ଦେଶର ଭବିଷ୍ୟତକୁ ଆକାର ଦେଉଛନ୍ତି। ନ୍ୟୁୟର୍କରେ ଅନୁଷ୍ଠିତ ଟାଇମ୍୧୦୦ (ଟାଇମ ହଣ୍ଡ୍ରେଡ୍) ଗାଲା ଅବସରରେ ଟାଇମ ସିଇଓ ଜେସିକା ସିବଲି ଏବଂ ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ମୁକେଶ ଅମ୍ବାନୀ ଏହି ଘୋଷଣା କରିଛନ୍ତି। 'ଟାଇମ୍୧୦୦ ନେକ୍ସଟ ଇଣ୍ଡିଆ' ତାଲିକା ଟାଇମ ପତ୍ରିକାର ସମ୍ପାଦକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ ଏବଂ ଏଥିରେ କଳା, ବିଜ୍ଞାନ, ବ୍ୟବସାୟ, କ୍ରୀଡା ଏବଂ ସାମାଜିକ କ୍ଷେତ୍ରର ଉଦୀୟମାନ ପ୍ରତିଭାମାନଙ୍କୁ ସ୍ଥାନ ଦିଆଯିବ। ଏହି ତାଲିକା ଅନଲାଇନରେ ପ୍ରକାଶିତ ହେବ ଏବଂ ଡିସେମ୍ବର ୨୦୨୬ ରେ ମୁମ୍ବାଇର ନୀତା ମୁକେଶ ଅମ୍ବାନୀ କଲଚରାଲ ସେଣ୍ଟରରେ ଏକ ସ୍ୱତନ୍ତ୍ର ଗାଲା ଉତ୍ସବ ସହିତ ପାଳନ କରାଯିବ। ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଏମ୍. ଅମ୍ବାନୀ କହିଛନ୍ତି, ଟାଇମ ସହିତ ଏହି ସହଭାଗିତା ଆମ ପାଇଁ ସ୍ୱତନ୍ତ୍ର, କାରଣ ଏହା ମାଧ୍ୟମରେ, ଆମେ ପ୍ରଥମ ଥର ପାଇଁ ମୁମ୍ବାଇର ନୀତା ମୁକେଶ ଅମ୍ବାନୀ କଲଚରାଲ 'ଟାଇମ୍୧୦୦ ନେକ୍ସଟ' ଆଣିବାକୁ ଯାଉଛୁ।

## ସର୍ବନିମ୍ନ ବାଲାନ୍ସ ନ ଥିଲେ କଟୁଛି ଜୋରିମାନା

# ବ୍ୟାଙ୍କ ଆଦାୟ କଲେଣି ୧୯,୦୮୩ କୋଟି

ନୂଆଦିଲ୍ଲୀ,୨୪।୪(ଏଜେନ୍ସି): ଆକାଉଣ୍ଟରେ ସର୍ବନିମ୍ନ ଜମାରାଶି ନ ଥିଲେ ଜରିମାନା ଲାଗୁ ହେଉଛି। ହେଲେ ଏହି ବାବଦରେ ଜୋରିମାନା ଆଦାୟ କରି ବ୍ୟାଙ୍କଗୁଡ଼ିକ ବେଶ ଅର୍ଥ ରୋଜଗାର କରୁଛନ୍ତି। ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଗତ ୩ ବର୍ଷ ମଧ୍ୟରେ ବ୍ୟାଙ୍କଗୁଡ଼ିକ ଆକାଉଣ୍ଟରେ ସର୍ବନିମ୍ନ ଜମାରାଶି ନ ଥିବା ଯୋଗୁ ପ୍ରଚୁର ଅର୍ଥ ଜୋରିମାନା ଆଦାୟ କରିଛନ୍ତି। ଆକାଉଣ୍ଟରେ ସର୍ବନିମ୍ନ ବାଲାନ୍ସ ନ ଥିବାରୁ ବିଭିନ୍ନ ବ୍ୟାଙ୍କ ମୋଟ ୧୯,୦୮୩ କୋଟି ଟଙ୍କା ଆଦାୟ କରିଥିବା ଜଣାପଡ଼ିଛି।

ରୁପି ଟୁଲ ତଥ୍ୟ ଅନୁଯାୟୀ, ଘରୋଇ ବ୍ୟାଙ୍କଗୁଡ଼ିକ ଜୋରିମାନା ବାବଦରେ ସର୍ବାଧିକ ୧୦,୯୯୧ କୋଟି ଟଙ୍କା ଆଦାୟ କରିଥିବାବେଳେ




ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ୮,୦୯୨ କୋଟି ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏବେ ବ୍ୟାଙ୍କଗୁଡ଼ିକ ଦ୍ୱାରା ଆଦାୟ କରାଯାଇଥିବା ଜରିମାନାକୁ ନେଇ ସୋସିଆଲ ମିଡିଆରେ ବିତର୍କ ଆରମ୍ଭ ହୋଇଯାଇଛି। ସିଏ କାନନ ବାହାଲ ଏହି ଜୋରିମାନା ଆଦାୟକୁ ଅନୁଚିତ ବୋଲି କହିଛନ୍ତି। ସେ କହିଛନ୍ତି, ବ୍ୟାଙ୍କଗୁଡ଼ିକ ଲୋକଙ୍କ ଆର୍ଥିକ କଷ୍ଟରୁ ଲାଭ ପାଉଛନ୍ତି। ବ୍ୟାଙ୍କଗୁଡ଼ିକର ଏଭଳି ଅଭ୍ୟାସକୁ ଦୂର କିମ୍ବା ହ୍ରାସ କରାଯିବା ଉଚିତ। ଜରିମାନା ଆଦାୟ ମାମଲାରେ ଘରୋଇ ବ୍ୟାଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସବୁଠାରୁ ଆଗରେ ରହିଛି। ତଥ୍ୟ ଅନୁଯାୟୀ, ଗତ ୩ ବର୍ଷ ମଧ୍ୟରେ ବ୍ୟାଙ୍କ ୩,୮୭୧ କୋଟି ଟଙ୍କା ଜରିମାନା ଆଦାୟ କରିଛି। ଆକ୍ସିସ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ବରୋଦା ମଧ୍ୟ ଏହି ତାଲିକାରେ ଅଛନ୍ତି। ଏହି ୩ ବ୍ୟାଙ୍କ ମୋଟ ୨୦୦୦ କୋଟିରୁ ଅଧିକ ଟଙ୍କା ଜୋରିମାନା ଆଦାୟ କରିଛନ୍ତି। ଦେଶର ସର୍ବବୃହତ ସରକାରୀ ବ୍ୟାଙ୍କ, ଏସ୍‌ବିଆଇ ବହୁତ ପୂର୍ବରୁ ସଞ୍ଚୟ ଖାତାରେ ସର୍ବନିମ୍ନ ବାଲାନ୍ସ ଜରିମାନା ଆଦାୟ ବନ୍ଦ କରିଦେଇଥିଲା। ତଥାପି ଏହା କରେଣ୍ଟ ଆକାଉଣ୍ଟରୁ ୯୩୨ କୋଟି ଟଙ୍କା ଆଦାୟ କରିଛି। ପିଏନ୍‌ବି ମଧ୍ୟ ଜୁଲାଇ ପହିଲାରୁ ଏହି ଜରିମାନା ଆଦାୟ ବନ୍ଦ କରିଦେଇଥିଲା, କିନ୍ତୁ ଏହା ପୂର୍ବରୁ ବ୍ୟାଙ୍କ ସର୍ବନିମ୍ନ ବାଲାନ୍ସ ଜରିମାନା ବାବଦରେ ମୋଟ ୧୫୫୭ କୋଟି ଆଦାୟ କରିଥିଲା।

## ଜେଏସ୍‌ଡବ୍ଲ୍ୟୁ-ଜାପାନ ଜେଏଫ୍‌ଇ ଯୌଥ ଉଦ୍ୟୋଗ

# ଭାରତର ଇସ୍ପାତ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ

ସମ୍ବଲପୁର, ୨୪।୪ (ସମିସ): ଭାରତ-ଜାପାନ ଶିଳ୍ପ ସହଯୋଗର ଏକ ନୂତନ ଯୁଗକୁ ଚିହ୍ନିତ କରି ସମ୍ବଲପୁରରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଏବଂ ଜାପାନର ଜେଏଫ୍‌ଇ ଷ୍ଟିଲ୍ କର୍ପୋରେସନ୍ ଆଜି ସେମାନଙ୍କର ୫୦:୫୦ ଯୌଥ ଉଦ୍ୟୋଗ ପାଇଁ ନୂତନ କର୍ପୋରେଟ୍ ପରିଚୟ 'ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍' ଘୋଷଣା କରିଛନ୍ତି। ଏହି ସଂସ୍ଥା ଓଡ଼ିଶାର ସମ୍ବଲପୁରରେ ସମନ୍ୱିତ ଇସ୍ପାତ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରୁଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ପାର୍ଥ ଜିନ୍ଦଲ, ଜେଏଫ୍‌ଇ ହୋଲ୍ଡିଂସ୍ ସଭାପତି ଏବଂ ସିଇଓ ୟୋଶିହିସା କିଟାନୋ ଏବଂ ଜାପାନର ରାଷ୍ଟ୍ରଦୂତ କେଇଚି ଓନୋ ତଥା ଉଭୟ କମ୍ପାନୀର ବରିଷ୍ଠ ନେତୃତ୍ୱ ଉପସ୍ଥିତ ଥିଲେ। ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍ ନାମ (ପୂର୍ବରୁ ଜେଏସ୍‌ଡବ୍ଲ୍ୟୁ ସମ୍ବଲପୁର ଷ୍ଟିଲ୍ ଲିମିଟେଡ୍) ଉନ୍ମୋଚନ



ସମାରୋହରେ ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟ୍ରାଟେଜିକ୍ ମେଣ୍ଟର ୧୫ ବର୍ଷ ପୂରଣ ମଧ୍ୟ ହୋଇଥିଲା। ଏହି ନୂତନ କର୍ପୋରେଟ୍ ପରିଚୟ ଜେଏସ୍‌ଡବ୍ଲ୍ୟୁର "କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନ' ଏବଂ ଜେଏଫ୍‌ଇ ର "ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞତା' ର ମିଶ୍ରଣକୁ ପ୍ରତୀକ କରେ ଯାହା ୨୦୦୯ରୁ ସହଭାଗିତାର ଯାତ୍ରାକୁ ଅନୁସରଣ କରୁଛି।


ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ କହିଛନ୍ତି, ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଦୁଇଟି ମହାନ ଶିଳ୍ପ ପରମ୍ପରାର ଏକତ୍ରିତ ହେବା ଏବଂ ଭାରତୀୟ ଇସ୍ପାତର ଭବିଷ୍ୟତ ପାଇଁ ଏକ ସମାନ ଦୃଷ୍ଟିକୋଣ ବିଷୟରେ ଏକ ମିଳିତ ଉଦ୍ୟୋଗ ନୁହେଁ। ୨୦୦୯ ରେ ଆରମ୍ଭ ହୋଇଥିବା ଜେଏଫ୍‌ଇ ସହିତ ଆମର ସହଭାଗିତା ଏକ ଗଭୀର ଷ୍ଟ୍ରାଟେଜିକ୍ ବନ୍ଧନରେ ପରିଣତ ହୋଇଛି। ଜେଏସ୍‌ଡବ୍ଲ୍ୟୁ ର ଗତି ଏବଂ ଏଜିଲିଟିକୁ ଜେଏଫ୍‌ଇ ର ପ୍ରଯୁକ୍ତିବିଦ୍ୟା ଦକ୍ଷତା ସହିତ ମିଶ୍ରଣ କରି, ଆମେ ଏକ ଶକ୍ତିଶାଳୀ କେନ୍ଦ୍ର ସୃଷ୍ଟି କରୁଛୁ, ଯାହା ଭାରତରେ ସ୍ଥାୟୀ ଇସ୍ପାତ ନିର୍ମାଣର ପରବର୍ତ୍ତୀ ଦଶନ୍ଧିକୁ ପରିଭାଷିତ କରିବ। ଜେଏଫ୍‌ଇ ହୋଲଡିଂ ର ନିର୍ଦ୍ଦେଶକ, ସଭାପତି ଏବଂ ସିଇଓ ୟୋଶିହିସା କିଟାନୋ କହିଛନ୍ତି, ଆଜି, ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ପ୍ରତିଷ୍ଠା ସହିତ, ଆମେ ଭାରତରେ ଏକ ସମନ୍ୱିତ ଇସ୍ପାତ କାରଖାନାରେ ଅଂଶୀଦାର ଭାବରେ ଆମର ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିବାକୁ ଗର୍ବିତ।

## ହଟିବ ସବୁ ଟୋଲ୍ ପ୍ଲାଜା

# ଏନ୍‌ଏଚ୍‌ଏଆଇ ଲାଗୁ କରିବ ମଲ୍ଟି ଲେନ୍ ଫ୍ରି ଫ୍ଲୋ ଟୋଲିଂ

ନୂଆଦିଲ୍ଲୀ,୨୪।୪(ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଫାସ୍‌ଟ୍ୟାଗ୍ ପ୍ରଚଳନ କରି ଟୋଲ୍ ପ୍ଲାଜାରେ ଯାନବାହନ ଧାଡ଼ିକୁ ଯଥେଷ୍ଟ ହ୍ରାସ କରିସାରିଛି। ତଥାପି, ଟୋଲ୍ ପ୍ଲାଜାରେ ଯାନବାହନ ଅଟକିବା ପାଇଁ ଯେଉଁ କିଛି ମିନିଟ୍ ବାକି ଅଛି ଏବଂ ଟୋଲ୍ ଆଦାୟ ପ୍ରକ୍ରିୟା ଏବେ ସମ୍ପୂର୍ଣ୍ଣ ଭାବରେ ସମାପ୍ତ ହେଉଛି। କେନ୍ଦ୍ର ସରକାର ବହୁ ଦିନ ଧରି କାମ କରୁଥିବା ଟୋଲ୍ ବାଧାମୁକ୍ତ ରାଜପଥଗୁଡ଼ିକୁ ଏବେ ଆସନ୍ତା ମାସରେ କାର୍ଯ୍ୟକାରୀ କିବାକୁ ଯାଉଛନ୍ତି। ଏହା ମେ' ମାସରେ ଗୁଜୁରାଟ ସୁରଟର ଚୌରାସିରେ ଆରମ୍ଭ ହେବ, ଯେଉଁଠାରୁ ଟୋଲ୍ ପ୍ଲାଜା ହଟାଇ ଦିଆଯାଇଛି। ଏନ୍‌ଏଚ୍‌ଏଆଇ ଆଗାମୀ ୩ବର୍ଷ ମଧ୍ୟରେ ଦେଶବ୍ୟାପୀ ଜାତୀୟ ରାଜପଥରେ ମଲ୍ଟି ଲେନ୍ ଫ୍ରି ଫ୍ଲୋ ଟୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛି।

କେନ୍ଦ୍ର ସଡ଼କ ପରିବହନ ଏବଂ



ରାଜପଥ ମନ୍ତ୍ରଣାଳୟ ଟୋଲ୍ ପ୍ଲାଜାରେ ଧାଡ଼ି ଦୂର କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଫାସ୍‌ଟ୍ୟାଗ୍ ସମୟ ସଞ୍ଚୟ କରିବାରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଛି। ଗତ ମାସରେ, ସରକାର ଟୋଲ୍ ପ୍ଲାଜାରେ ନଗଦ କାରବାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଥିଲେ। ବର୍ତ୍ତମାନ, ଯଦିଓ ବୈଷୟିକ କାରଣରୁ ଫାସ୍‌ଟ୍ୟାଗ୍ ମାଧ୍ୟମରେ ଟୋଲ୍ ଫି କଟାଯାଏ ନାହିଁ, ତଥାପି କୌଣସି ଡ୍ରାଇଭରଙ୍କଠାରୁ ନଗଦ ଗ୍ରହଣ କରାଯିବନାହିଁ। କାରବାରକୁ ଡିଜିଟାଲ୍ କରିବାର ଏହି ପଦକ୍ଷେପ ଟୋଲ୍ ପ୍ଲାଜାରେ ଅପେକ୍ଷା ସମୟକୁ ହ୍ରାସ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ତଥାପି, ଫାସ୍‌ଟ୍ୟାଗ୍ ଫି କଟାଯିବା ପୂର୍ବରୁ ଗାଡ଼ିଗୁଡ଼ିକୁ ଅପେକ୍ଷା କରିବାକୁ କିଛି ସମୟ ଆବଶ୍ୟକ। ଏହା ବ୍ୟତୀତ, ଯଦି ଫାଷ୍ଟାଗ୍ ମାଧ୍ୟମରେ କୌଣସି ଗାଡ଼ିର ଟୋଲ୍ ଫି କଟାଯାଏ, ତେବେ ପଛରେ ଆସୁଥିବା ଗାଡ଼ିଗୁଡ଼ିକୁ ଅପେକ୍ଷା କରିବାକୁ ପଡ଼ିଥାଏ। ଏନ୍‌ଏଚ୍‌ଏଆଇ ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସମସ୍ତ ଜାତୀୟ ରାଜପଥରୁ ଟୋଲ୍ ପ୍ଲାଜା ହଟାଯିବା ପାଇଁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ଟୋଲ ବ୍ୟାରିୟର ସ୍ଥାନରେ ଗ୍ୟାଣ୍ଟ୍ରି ରହିବ। ଯେଉଁଥିରେ ଅଟୋମ୍ୟାଟିକ୍ ନମ୍ବର ପ୍ଲେଟ୍ ରିକଗ୍ନିସନ (ଏଏନପିଆର) ଆର୍‌ଏଫ୍‌ଆଇଡି ରିଡର ଲାଗିଥିବ। ଏହାମାଧ୍ୟମରେ ଫାସଟ୍ୟାଗ୍ ଓ ଭେଇକଲ ରେଜିଷ୍ଟ୍ରେସନ ନମ୍ବରର ସ୍କାନିଂ ଗାଡ଼ିକୁ ନ ଅଟକାଇ କରାଯାଇ ପାରିବ। ଏହାଦ୍ୱାରା କୌଣସିଠାରେ ବାହନଗୁଡ଼ିକର ଧାଡି ଲାଗିବ ନାହିଁ। ଏଥିରେ ମାନବୀୟ ହସ୍ତକ୍ଷେପ ମଧ୍ୟ ରହିବ ନାହିଁ। ଅଧିକାରୀ କହିଛନ୍ତି ଯେ ଯଦି କୌଣସି ଫାସଟ୍ୟାଗ୍ ରେ ବୈଷୟିକ ତ୍ରୁଟି ଥିବ ଅଥବ ପର୍ଯ୍ୟାପ୍ତ ରାଶି ନଥିବ ତେବେ ଯେଉଁଭଳି ଇ-ଚାଲାଣ କଟୁଛି ସେହିଭଳି ଇ-ଚାଲାଣ କଟା ଯାଇ ଦୁଇଗୁଣା ଶୁଳ୍କ ରାଶି ଆଦାୟ କରାଯିବ।



## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ। ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ।

**ବୃଷ:** ଭାଇ ଭଉଣୀଙ୍କଠାରୁ ଉପହାର ମିଳିବ। ଧାର କରଜରୁ ଦୂରେଇ ରହିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଲେଖକ ଲେଖିକାଙ୍କୁ ସଫଳତା ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**ମିଥୁନ:** ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ନୂଆ ଯୋଜନା ସହ କାର୍ଯ୍ୟ କରିବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ସଂଗୀତ କ୍ଷେତ୍ର ପ୍ରତି ରୁଚି ବଢ଼ିବ।

**କର୍କଟ:** ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ। କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ନୂଆ ପରିକଳ୍ପନା ସହ ବ୍ୟବସାୟ ଆରମ୍ଭ କରିବେ। ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମର ଉଚିତ ଫଳ ମିଳିବ। ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ।

**କନ୍ୟା:** ବନ୍ଧୁ ମିଳନରେ ଯୋଗ ଦେବେ। ଆର୍ଥିକ ସ୍ଥିତିରେ ସୁଧାର ହେବ। ଅଫିସ୍ କାର୍ଯ୍ୟରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୋଗ, ବ୍ୟାୟାମ ପ୍ରତି ଆଗ୍ରହ ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। କଠିନ କାମକୁ ସଫଳତାପୂର୍ବକ ଶେଷ କରିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନ ସୁଖ ପ୍ରାପ୍ତ ହେବ। ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିବେ।

**ବିଛା:** ଯାନବାହନ କିଣିବା ଯୋଗ ଅଛି। ସମାଜରେ ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ।

**ଧନୁ:** କର୍ମଚଞ୍ଚଳ ରହିବେ। ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ। ବୈବାହିକ ଜୀବନ ସୁଖମୟ ହେବ।

**ମକର:** ଧାର କରଜରୁ ଦୂରେଇ ରହିବେ। ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ଘରକୁ ଅତିଥିଙ୍କ ଆଗମନ ହେବ। ଦୀର୍ଘଦିନର କାମ ପୂରା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ଯାନବାହନ ଚଳାଚଳ ସମୟରେ ସାବଧାନତା ଅବଲମ୍ବନ କରିବେ। ସମସ୍ୟାରେ ପଡ଼ିବା ସମ୍ଭାବନା ଅଧିକ।

**ମୀନ:** ବ୍ୟବସାୟରେ ଉନ୍ନତି ହେବ। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିବେ। ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ। କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ।

## ଆଜିର ଇତିହାସ


- ୧୯୦୫- ଦକ୍ଷିଣ ଆଫ୍ରିକାରେ କୃଷ୍ଣକାୟଙ୍କୁ ମତାଧିକାର ମିଳିଲା।
- ୧୯୫୭-ସୋଡିୟମ୍ ପରମାଣୁ ରିଆକ୍ଟରକୁ ପ୍ରଥମ ଥର ସଞ୍ଚାଳିତ କରାଗଲା।
- ୧୯୮୨- ଦିଲ୍ଲୀରେ ପ୍ରଥମ ଥର ପାଇଁ ଟେଲିଭିଜନର ରଙ୍ଗିନ ଛବି ପ୍ରସାରଣ ଆରମ୍ଭ ହେଲା।
- ୨୦୦୫- ଜାପାନରେ ଏକ ରେଳ ଦୁର୍ଘଟଣାରେ ୧୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା।
- ୨୦୨୧-ଇରାକ୍‌ର ବାଗ୍‌ଦାଦ୍‌ଠାରେ କୋଭିଡ୍ ହସ୍‌ପିଟାଲର ସିଲିଣ୍ଡର ଫାଟିବାରୁ ୮୨ ଲୋକଙ୍କ ପ୍ରାଣହାନି।

## ବିଶ୍ୱ ମ୍ୟାଲେରିଆ ଦିବସ



ମ୍ୟାଲେରିଆ ରୋଗର ନିୟନ୍ତ୍ରଣ, ଏହାର ବିପଜ୍ଜନକ ପ୍ରଭାବ ବିଷୟରେ ଜନସଚେତନତା ସୃଷ୍ଟି କରିବା ତଥା ଏହି ରୋଗକୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ୍ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଏ। ୨୦୦୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଘ ଏହି ଦିବସ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲା। ଏହାପରେ ୟୁନେସ୍କୋ ଅନୁମୋଦନରେ ପ୍ରତିବର୍ଷ ଏପ୍ରିଲ ୨୫କୁ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି। ବିଶ୍ୱର ୧୦୬ଟି ଦେଶରେ ଏହି ରୋଗ ବ୍ୟାପିବାର ସବୁଠୁ ଅଧିକ ଭୟ ରହିଛି। ୨୦୧୨ରେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଆଫ୍ରିକାରେ ୬ଲକ୍ଷରୁ ଅଧିକ ଶିଶୁ ପ୍ରାଣ ହରାଇଥିଲେ। ମାଇଏନୋଫିଲିସ୍ ମଶା ମ୍ୟାଲେରିଆ ରୋଗ ବ୍ୟାପିବାର ମୁଖ୍ୟ କାରଣ। ଏହି ମଶା କାମୁଡ଼ିବା ଦ୍ୱାରା ପ୍ଲାଜମୋଡିୟମ୍ ନାମକ ପାରାସାଇଟ୍ ମଣିଷ ଶରୀରରେ ପ୍ରବେଶ କରେ, ଯାହା ଫଳରେ ମ୍ୟାଲେରିଆ ହୋଇଥାଏ। ଏହି ମଶା ସାଧାରଣତଃ ରାତିରେ କାମୁଡ଼ିଥାଏ। ସ୍ୱଚ୍ଛ ଓ ସ୍ଥିର ଜଳରେ ଏହା ଅଣ୍ଡା ଦେଇଥାଏ। ମ୍ୟାଲେରିଆ ଜ୍ୱର ଆରମ୍ଭ ହେଲେ ଶରୀରରେ ଥଣ୍ଡା ଅନୁଭୂତ ହେବା ସହ କମ୍ପ ଲାଗେ। ମୁଣ୍ଡ ବ୍ୟଥା ରୋଗୀଙ୍କୁ ଅତ୍ୟଧିକ ଥଣ୍ଡା ଲାଗି କମ୍ପ ଅନୁଭୂତ ହୋଇଥାଏ। ହାତର ଆଙ୍ଗୁଠି, ଟିପ, ଓଠ ଆଦି ନୀଳ ଦେଖାଯିବା ସହ ଚର୍ମ ଶୁଷ୍କ ହୋଇଯାଏ। ମ୍ୟାଲେରିଆ ହେଲେ ରୋଗୀ ଶରୀରରେ ତାପମାତ୍ରା ପ୍ରବଳ ବୃଦ୍ଧି ପାଇ ଜ୍ୱର ଖୁବ୍ ବଢ଼ିଥାଏ। ରୋଗୀର ଭୀଷଣ ମୁଣ୍ଡବ୍ୟଥା ସାଙ୍ଗକୁ ବାନ୍ତି ଲାଗିବା, ଶୋଷ ଲାଗିବା, ଅରୁଚି ଆଦି ସହ ଦେହ ଜଳିଗଲା ପରି ଲକ୍ଷଣ ଅନୁଭୂତ ହୋଇଥାଏ। ଏଭଳି ଲକ୍ଷଣ ଦେଖା ଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ଜରୁରି। ଏହି ରୋଗରୁ ରକ୍ଷା ପାଇବା ପାଇଁ ଘର ଚାରିପାଖ ସଫା ରଖିବା ସହ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ। ଏହା ସହ ମଶାରି ଟାଙ୍ଗି ଶୋଇବା ଉଚିତ। ପ୍ରତିବର୍ଷ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଅବସରରେ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଚୟନ କରାଯାଏ। ଯାହାକୁ ଆଖି ଆଗରେ ରଖି ସେହି ବର୍ଷର ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ହୁଏ। ଭାରତ ୨୦୩୦ ସୁଦ୍ଧା ମ୍ୟାଲେରିଆକୁ ମୂଳୋତ୍ପାଟନ ଲକ୍ଷ୍ୟ ରଖିଛି। ଏହି ଦିବସ ପାଳନ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ଶିବିର ଓ ସମାରୋହ ଆୟୋଜନ କରାଯାଇଥାଏ।

## ୨୨ ବର୍ଷ ପରେ ଅକ୍ଷୟ-ରବିନା ଯୋଡ଼ି



ବଲିଉଡ୍ ଅଭିନେତା ଅକ୍ଷୟ କୁମାର 'ଭୂତ୍‌ବଙ୍ଗଲା'କୁ ନେଇ ଏବେ ଚର୍ଚ୍ଚାରେ। ଏହି ଫିଲ୍ମ ରିଲିଜ୍ ହେବାର ଚାରିଦିନ ମଧ୍ୟରେ ସାରା ବିଶ୍ୱରେ ୧୦୦ କୋଟି ଆୟ କରିଛି। ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଉଭୟ ଦର୍ଶକ ଓ ଚଳଚ୍ଚିତ୍ର ସମୀକ୍ଷକଙ୍କ ହୃଦୟ ଜିଣିବାରେ ସଫଳ ହୋଇଛି। ଏବେ ଅକ୍ଷୟ ତାଙ୍କର ଆଗାମୀ ପ୍ରୋଜେକ୍ଟଗୁଡ଼ିକୁ ନେଇ ବ୍ୟସ୍ତ ଅଛନ୍ତି। ତନ୍ମଧ୍ୟରେ 'ୱେଲକମ୍ ଟୁ ଦ ଜଙ୍ଗଲ' ଫିଲ୍ମ ରହିଛି। ଏଥିରେ ଏକାଧିକ କଳାକାର ନଜର ଆସିବେ। ଏହି ଫିଲ୍ମ ମାଧ୍ୟମରେ ଦୀର୍ଘ ୨୨ ବର୍ଷ ପରେ ଅକ୍ଷୟ ତାଙ୍କ ପୂର୍ବତନ ପ୍ରେମିକା ରବିନା ଟଣ୍ଡନଙ୍କ ସହ ନଜର ଆସିବେ। ଏକଦା ରବିନା ଓ ଅକ୍ଷୟ ପ୍ରେମ ସମ୍ପର୍କରେ ଥିଲେ। ସେତେବେଳେ ଉଭୟଙ୍କର ନିର୍ବନ୍ଧ ହୋଇ ଯାଇଥିବା କଥା ମଧ୍ୟ କୁହାଯାଏ। ୨୦୦୪ ମସିହାରେ ଆସିଥିବା ଫିଲ୍ମ 'ପୁଲିସ୍ ଫୋର୍ସ'ରେ ଦୁହେଁ ଶେଷ ଥର ପାଇଁ ଏକାଠି ଦେଖାଯାଇଥିଲେ। ଆଉ ଏବେ 'ୱେଲକମ୍ ଟୁ ଦ ଜଙ୍ଗଲ'ରେ ଅକ୍ଷୟ ଓ ରବିନା ଏକାଠି ନଜର ଆସିବେ। ଏଥିରେ ଅକ୍ଷୟ ଓ ରବିନାଙ୍କ ବ୍ୟତୀତ ସୁନୀଲ ସେଟ୍ଟୀ, ଦିଶା ପଟାନି, ଜ୍ୟାକଲିନ୍ ଫର୍ଣ୍ଣାଡିଜ୍, ସଞ୍ଜୟ ଦତ୍ତ, ଲାରା ଦତ୍ତା, ସୁନୀଲ ସେଟ୍ଟୀ, ଅରଶଦ ୱାର୍ସି, ପରେଶ ରାୱଲ, ମୁକେଶ ତିୱାରୀ ଆଦି ନଜର ଆସିବେ। ଏହା ଆସନ୍ତା ଜୁନ୍ ୨୬ରେ ପରଦାକୁ ଆସିବ।

## ଭେଣ୍ଡିକଫି

କଫିପ୍ରେମୀମାନେ ସାଧାରଣତଃ ସକାଳ ଓ ସନ୍ଧ୍ୟାରେ କଫି ପିଇବାକୁ ପସନ୍ଦ କରନ୍ତି। ହେଲେ ଭେଣ୍ଡିରୁ କଫି ପ୍ରସ୍ତୁତ ହେବା ଶୁଣିବାକୁ ଅଜବ ଲାଗିପାରେ। ସାଧାରଣତଃ ଲୋକେ ଭେଣ୍ଡିକୁ ଭାଜି କିମ୍ବା ତରକାରି କରି ଖାଆନ୍ତି। ହେଲେ ଏହାର ପାଚି ଯାଇଥିବା ମଞ୍ଜିରୁ ଏକ ସ୍ୱାଦିଷ୍ଟ କେଫିନ୍ ମୁକ୍ତ କଫି ପ୍ରସ୍ତୁତ କରାଯାଏ। ଭେଣ୍ଡିରୁ କଫି ପ୍ରସ୍ତୁତ କରିବା ପ୍ରକ୍ରିୟା ଖୁବ୍ ସରଳ ହୋଇଥିବାବେଳେ, ଏହା ବ୍ୟବସାୟ ପାଇଁ ମଧ୍ୟ ଲାଭଦାୟକ ସାବ୍ୟସ୍ତ ହୋଇଛି। ଏଥିପାଇଁ ପ୍ରଥମେ ଭେଣ୍ଡିକୁ ଗଛରେ ପାକଳ ହେବାକୁ ଛଡ଼ାଯାଏ। ଏହାଦ୍ୱାରା ଭେଣ୍ଡିର ମଞ୍ଜି ବଡ଼ ଏବଂ କଠିନ ହୋଇଥାଏ। ପରେ ପାକଳ ଭେଣ୍ଡିକୁ ଖରାରେ ଶୁଖାଇ ଏଥିରୁ ମଞ୍ଜି ବାହାର କରି ଶୁଖାଯାଏ। ଶୁଖିଲା ମଞ୍ଜିକୁ କଡ଼େଇରେ ବାଦାମି ରଙ୍ଗ ହେବା ପର୍ଯ୍ୟନ୍ତ ହାଲକା ଭଜା ଯାଏ। ଭାଜିବା ସମୟରେ ଏଥିରୁ କଫି ଭଳି ବାସ୍ନା ଆସିଥାଏ। ପରେ ଏହାକୁ ଥଣ୍ଡା କରି ପାଉଡ଼ର ପ୍ରସ୍ତୁତ କରାଯାଏ। ଏହି ଗୁଣ୍ଡକୁ ପାଣିରେ ଫୁଟାଇ କଫି ପ୍ରସ୍ତୁତ ହୁଏ। ଅବଶ୍ୟ ଭେଣ୍ଡି କଫିର ସ୍ୱାଦ ସାଧାରଣ କଫି ଭଳି ହୋଇ ନ ଥାଏ। ଏହା ହାଜେଲ୍ ନଟ୍ ଏବଂ ମାଟି ଭଳି ସ୍ୱାଦ ଦେଇଥାଏ। କିଛି ଲୋକ ଏଥିରେ କ୍ଷୀର, ଚିନି, ମସଲା ମିଶାଇ ପିଇଥାନ୍ତି। ସେହିପରି ଏହାକୁ କେହି କେହି ଓକ୍ରା ସିଡ୍ସ କଫି ବୋଲି ମଧ୍ୟ କହନ୍ତି। ଆମେରିକା ଗୃହଯୁଦ୍ଧ ସମୟରେ କଫିର ମୂଲ୍ୟ ବୃଦ୍ଧି ହେବାରୁ ଲୋକେ ଏହାକୁ କଫିର ବିକଳ୍ପ ଭାବେ ବ୍ୟବହାର କରିବାକୁ ଲାଗିଲେ। ମେକ୍ସିକୋ, ଜାମ୍ବିଆ ଏବଂ କେତେକ ଗ୍ରାମାଞ୍ଚଳରେ ଏହାକୁ ଘରେ ଘରେ ପ୍ରସ୍ତୁତ କରାଯାଏ। ବର୍ତ୍ତମାନ ଏହା ଖୁବ୍ ଲୋକପ୍ରିୟ ରହିଛି। କାରଣ ଏହା ସ୍ୱାସ୍ଥ୍ୟକର ହେବା ସହ କେଫିନ୍ ମୁକ୍ତ ହୋଇଥାଏ। ଏହା କେଫିନ୍ ରହିତ ହୋଇଥିବାରୁ ଏହାକୁ ଉଚ୍ଚ ରକ୍ତଚାପ ରୋଗୀ ମଧ୍ୟ ପିଇପାରିବେ। ପାଚନତନ୍ତ୍ରକୁ ମଧ୍ୟ ଏହା ଭଲ ରଖିବାରେ ସାହାଯ୍ୟ କରେ।



## ପବିତ୍ର ଚନ୍ଦନ ଯାତ

ଚନ୍ଦନ ଯାତରା ହୁଏ ଶୁଭାରମ୍ଭ
ଅକ୍ଷୟ ତୃତୀୟା ଦିନ
ଜ୍ୟେଷ୍ଠ ଶୁକଳ ଚତୁର୍ଦ୍ଦଶୀ ତିଥି
ଯାତ୍ରାର ଅନ୍ତିମ ଦିନ ॥
ମଦନମୋହନ ଆସନ୍ତି ଦେଉଳୁ
ମଣି ବିମାନରେ ବସି
କୃଷ୍ଣ ବଳରାମ ଭୂଦେବୀ ଶ୍ରୀଦେବୀ
ସାଙ୍ଗେରେ ଯାନ୍ତି ମିଶି ॥
ଚନ୍ଦନ ଲେପନେ ବିମଣ୍ଡିତ ଦିଅଁ
ଶୋହେ ଫୁଲହାର ଗଳେ
ମାନବୀୟ ଲୀଳା ରଚିବା ପାଇଁକି
ଆସନ୍ତି ଭକତ ମେଳେ ॥
ସୁସଜ୍ଜିତ ଆଜି ନରେନ୍ଦ୍ର ପୋଖରୀ
ଦିଅଁ ଆଗମନ ପାଇଁ
ପ୍ରଭୁଙ୍କ ଦର୍ଶନ ଲଭିବା ସକାଶେ
ଭକତେ ଆସନ୍ତି ଧାଇଁ ॥
ଶଙ୍ଖ ଭେରୀ ତୂରୀ ବାଇଦ ଶବଦ
ଭକ୍ତ ତୁଣ୍ଡେ ହରିବୋଲ
ନାମ ସଂକୀର୍ତ୍ତନ ହୁଳହୁଳି ମଧ୍ୟେ
ଚାଲେ ଜଳେ ଚାପ ଖେଳ ॥
ଏକଇଶ ଦିନବ୍ୟାପି ଚାଲେ ଯାତ
ପବିତ୍ର ଏ ଶଙ୍ଖକ୍ଷେତ୍ରେ
ପଭୁଙ୍କ ଦର୍ଶନେ ଧନ୍ୟ ହୁଏ ଭକ୍ତ
ଭାବ ଲାଖି ରହେ ନେତ୍ରେ ॥ ■



ନରେନ୍ଦ୍ର ନାଥ ପଟ୍ଟନାୟକ

ଓସ୍କାର ସିଟି
ଲକ୍ଷ୍ମୀ ସାଗର କେନାଲ ରୋଡ଼
ଭୁବନେଶ୍ୱର



## ଉତ୍କଳ ଗୌରବ




ତୁମେ ବୁଝିଥିଲ ଉତ୍କଳ ଜନନୀ ବ୍ୟଥା
ପଡ଼ୋଶୀ ରାଇଜ ହୀନ କୂଟ କପଟତା।
ଓଡ଼ିଆ ଜାତିର ଦୁର୍ଦ୍ଦଶା ଅନାଦର
ପାରିଲିନି ସହି ଅପମାନ ତିରସ୍କାର।
ହୃଦୟେ ତୁମର ଭରିଥିଲା ଜାତିପ୍ରୀତି
ଜାତି ଉନ୍ନତି ଭାବିଥିଲ ଦିନରାତି।
ସ୍ୱତନ୍ତ୍ର ଓଡ଼ିଶା ଭାବନା ଅଖଣ୍ଡ ରୂପ
ଅନ୍ତରେ ତୁମ ଜଗାଇଲା ଆଶା ଦୀପ।
ଗଢ଼ଇ ଉତ୍କଳ ସଭା ଆଉ ସମ୍ମିଳନୀ
ଗରବେ କହିଲ ଓଡ଼ିଆ ମୁଁ ସ୍ୱାଭିମାନୀ।
କୋଟି ଜନମନେ ରଚିଦେଲ ଜାଗରଣ
ଭାଷାର ଓଡ଼ିଶା ଗଢ଼ିବାକୁ କଲ ପଣ।
ଜାତି ଇତିହାସ ଶୁଣାଇଲ କାନେକାନେ
ପୂରୂବ ଗୌରବ ସାହସ ଭରିଲ ମନେ।
ବିଚକ୍ଷଣ ବୁଦ୍ଧି ଧନ୍ୟ ତୁମ ଓକିଲାତି
ରାଇଜ ଗଠନେ ରଖିଲ ଅକାଟ୍ୟ ଯୁକ୍ତି।
ଯଶ ବିଭବରେ ଭରା ମୋ ଓଡ଼ିଶା ଭୂଇଁ
ସ୍ୱତନ୍ତ୍ର ପ୍ରଦେଶ ଲଭିଲା ତୁମରି ପାଇଁ।
ଆପଣା ମହତ ଆପେ ରଖିବାକୁ କହି
ଜାତିର କୀରତି ଚିରଦିନ ଗଲ ଗାଇ।
ସୁଯୋଗ୍ୟ ସୁପୁତ୍ର ଉତ୍କଳଗୌରବ
ହେ କଳ୍ପବୃକ୍ଷ ଏ ମାଟିର ସଉରଭ।
ଧନ୍ୟ ସ୍ୱାଭିମାନୀ, ଓଡ଼ିଆ ଜାତିର ପ୍ରାଣ
ହେ ମଧୁସୂଦନ, ଅଶେଷ ପ୍ରଣାମ ଘେନ। ■



ଭୁବନାନନ୍ଦ ପାଣିଗ୍ରାହୀ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ, ଭୁବନେଶ୍ୱର

## ପ୍ରହେଳିକା

- ଋତୁରାଜ ପରେ ଆସଇ ସେହି
ପ୍ରଚଣ୍ଡ ରୌଦ୍ରକୁ ସାଥିରେ ନେଇ
ଦିନ ବେଳା ଝାଞ୍ଜି ପବନ ବହେ
ଗମଗମ ଝାଳ ଦେହରୁ ବୁହେ
ଉପକାରୀ ଋତୁଟିଏ
ତା' ପାଇଁ ଆସଇ ମଉସୁମୀ ଧାରା
କୁହ ତା'ର ନାମ କିଏ।

ଉତ୍ତର-ଗ୍ରୀଷ୍ମ ଋତୁ

- ଗ୍ରୀଷ୍ମଦିନେ ହୁଏ ଧରା ତପତ
ବାହାରେ ବୁଲିବା ଭାରି ବିପଦ
ଖରା ଶୋଷିନିଏ ଜଳୀୟ ଅଂଶ
ଥକାପଣ ଯୋଗୁଁ ଲାଗେ ଅବଶ
ବାନ୍ତି ହୁଏ ପୁଣି ମୁଣ୍ଡ ବୁଲାଏ
ଚିକିତ୍ସା ନ କଲେ ପ୍ରାଣ ବି ଯାଏ
ଖରାଦିନ ରୋଗ ସିଏ
ଶୀତଳ ପାନୀୟ କରିଥାଏ ହିତ
କୁହ ତା'ର ନାମ କିଏ।

ଉତ୍ତର-ଅଂଶୁଘାତ

- ଖରାଦିନ ଯେବେ ଧରାକୁ ଆସେ
ମାଟି ହାଣ୍ଡି ରାସ୍ତା କଡ଼ରେ ଦିଶେ
ତା' ଦେହରେ ଥାଏ ଶୀତଳ ଜଳ
ବାଟୋଇ ପିଅନ୍ତି ହୋଇ ବିକଳ
ଧର୍ମକାମ ଅଟେ ସିଏ
ସେ ପାଣି ପିଇଲେ ଥକା ମେଣ୍ଟିଯାଏ
କୁହତ ତା'ନାମ କିଏ।

ଉତ୍ତର-ଜଳଛତ୍ର

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର




## ସୁମନ

# କାଠହଣାର ଗର୍ବ ଭାଙ୍ଗିଲା



ଡକ୍ଟର ରବିନାରାୟଣ ସାହୁ

ଘଞ୍ଚ ଜଙ୍ଗଲଟିଏ। ଜଙ୍ଗଲଟି ବିଭିନ୍ନ ପ୍ରକାରର ଗଛ ଏବଂ ଲତାରେ ଭରି ରହିଥିଲା। ନାନା ଜାତିର ପକ୍ଷୀମାନଙ୍କ କଳରବରେ ମୁଖରିତ ହେଉଥିଲା ତା'ର ପରିବେଶ। ସେଇ ଜଙ୍ଗଲରେ ଉଡ଼ି ବୁଲୁଥିଲା କାଠହଣା ଚଢ଼େଇଟିଏ। ମୁନିଆଁ ମୁନିଆଁ ତୀକ୍ଷ୍ଣ ଥଣ୍ଟ ଯୋଗୁଁ ତା ମନରେ ଥିଲା ଭାରି ଗର୍ବ। କାହା ସହିତ ମିଶେନା କି କଥା ବି ହୁଏନା। ମୋଟା ମୋଟା ଗଛର ଗଣ୍ଡିକୁ ଥଣ୍ଟରେ ପିଟି ପିଟି ଅତି ସହଜରେ କଣା କରିପାରେ ବୋଲି ନିଜକୁ ସେ ବଡ଼ ମନେ କରେ। ସେ ଗଛ ଗଣ୍ଡିରୁ କେତେବେଳେ ପୋକ ଜୋକ ବାହାର କରି ଖାଇ ଦିଏତ ଆଉ କେତେବେଳେ ଖାଲ କରି କୋରଡ଼ ଭିତରେ ବସା କରି ରହିଯାଏ। ତା' ସହିତ ଯଦି କେଉଁ ଚଢ଼େଇ କେବେ ଝଗଡ଼ା କରେ ସେ ତା'ର ମୁନିଆଁ ମୁନିଆଁ ଥଣ୍ଟରେ ଖୁମ୍ପି ଦେଇ ଡରାଏ। ତା ଶକ୍ତ ଥଣ୍ଟକୁ ଦେଖି ସବୁ ଚଢ଼େଇ ଡରିଯାଆନ୍ତି। ତେଣୁ ନିଜକୁ ବଳୁଆ ବୋଲି ଭାବି ସେ ଅନ୍ୟମାନଙ୍କୁ ନୀଚ ଦୃଷ୍ଟିରେ ଦେଖେ।



କାହା ସହିତ ସମ୍ପର୍କ ରଖେନା। ଏକୁଟିଆ ରହେ। ଦିନକର କଥା। ସେଦିନ ସେ ଗୋଟିଏ ପଣସ ଗଛରେ ଆସି ବସିଗଲା। ସେ ଗଛରେ ପଣସ-କଠା ସବୁ ଖୁନ୍ଦି ହୋଇଥିଲା। କାଠହଣା ଚଢ଼େଇ ପଣସ ଗଛର ଗଣ୍ଡିରେ କଣା କରିବ ଭାବି ଜୋର୍ କରି ତା ମୁନିଆଁ ଥଣ୍ଟକୁ ପିଟୁ ପିଟୁ ଥଣ୍ଟଟି ଗୋଟିଏ ପଣସ-କଠା ଭିତରେ ଏମିତି ଲାଖି ଗଲା ଯେ ଯେତେ ଚେଷ୍ଟା କଲେ ବି ଆଉ ବାହାରିଲା ନାହିଁ। ଥଣ୍ଟଟି ଲାଗିଯାଇ ଥିବାରୁ ଶବ୍ଦ ତ କରି ପାରୁ ନଥାଏ, ବିଚରା ନାଚାର ହୋଇ ସେମିତି ପଣସକୁ ଧରି ଛଟପଟ ହେଉଥାଏ। କାଠହଣାର ଏପରି ଅବସ୍ଥାକୁ ସେଇ ଗଛ ଡାଳରେ ବସିଥିବା କାଉଟିଏ ଦେଖି ପାରିଲା। ପ୍ରଥମେ ସେ ଭାବିଲା କାଠହଣାକୁ ଠିକ୍ ହୋଇଛି। ସେ ତା' ଗର୍ବର ଫଳ ପାଇଛି। ପରେ କିନ୍ତୁ ତା' ମନରେ ଟିକିଏ ଦୟା ହେଲା। ତହୁଁ ସେ କାଆ କାଆ ରଡି ଛାଡ଼ିଲା। ତା' ରଡି ଶୁଣି ବହୁତ ପକ୍ଷୀ ସେ ଗଛରେ ଆସି ରୁଣ୍ଡ ହୋଇଗଲେ। କାଠହଣାର ଅବସ୍ଥା ଦେଖି କିଏ କେମିତି ସାହାଯ୍ୟ କରିପାରିବେ ସମସ୍ତେ ଚିନ୍ତା କରିବାକୁ ଲାଗିଲେ। ସେମାନଙ୍କ ଭିତରେ ଶୁଆଟିଏ ଥାଏ। ସିଏ ଚିନ୍ତା କରିବ କ'ଣ। ତହୁଁ ସେ ଡେରି ନ କରି ତା'ର ବଙ୍କା ଥଣ୍ଟରେ କାଠହଣାର ଥଣ୍ଟ ପାଖରୁ ପଣସକୁ ଧିରେ ଧିରେ ଖୁମ୍ପିବାରୁ କାଠହଣା ତା ଥଣ୍ଟକୁ ଆସ୍ତେ ଆସ୍ତେ ବାହାର କରିଦେଲା। ସେଠାରେ ଥିବା ସବୁ ପକ୍ଷୀ ଶୁଆକୁ ଧନ୍ୟବାଦ ଦେଲେ। ନିଜ ଥଣ୍ଟକୁ ନେଇ ଗର୍ବ କରୁଥିବା କାଠହଣା ସେଦିନ ଉଚିତ ଶିକ୍ଷା ପାଇଲା। ଯୋଉ ପକ୍ଷୀମାନଙ୍କ ସହ ସେ ମିଶୁ ନଥିଲା ସେମାନେ ଯେ ତା ବିପଦ ବେଳେ ତାକୁ ସାହାଯ୍ୟ କଲେ ଏଇଆ ଭାବି ତା ମଥା ନଇଁ ଗଲା। ମନରୁ ଗର୍ବ ଭାବ ଦୂର ହେଲା। ଏଥର ସମସ୍ତଙ୍କ ସହିତ ମିଳିମିଶି ସେ ରହିଲା। କାଠହଣାର ପରିବର୍ତ୍ତନ ଦେଖି ସମସ୍ତେ ଖୁସି ହେଲେ। ଏକା ସାଙ୍ଗରେ କାଆ କାଆ, ଚିଁ ଚାଁ, କୁଳରୁ କୁଳୁ ସ୍ୱରରେ ଶୁଆକୁ ଧନ୍ୟବାଦ ଦେଇ ଜଙ୍ଗଲ ଆଡ଼େ ଉଡିଗଲେ। ■

ସ୍ମୃତି ନଗର, ବରଗଡ଼








ସ୍ୱସ୍ତିକା ମହାପାତ୍ର
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖାନ ନଗର, କଟକ



ଦେବାଂଶୀ ଜେନା
ଷଷ୍ଠ ଶ୍ରେଣୀ
ବିଜେଇଏମ୍ ସ୍କୁଲ
ଭୁବନେଶ୍ୱର





ରିତଭିକ୍ ସାହୁ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ନିଆଳି, କଟକ





ଆର୍ଯ୍ୟା ଯାଦବ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା

### କୋହଲି, ପାଡିକଲଙ୍କ ବିସ୍ଫୋରକ ବ୍ୟାଟିଂ ଆଗରେ ସୁଦର୍ଶନଙ୍କ ଶତକ ବ୍ୟର୍ଥ


# ଗୁଜରାଟକୁ ହରାଇ ଦ୍ୱିତୀୟରେ ବେଙ୍ଗାଲୁରୁ


ସାଇ ସୁଦର୍ଶନ: ୧୦୦

ବେଙ୍ଗାଲୁରୁ,୨୪।୪(ଏଜେନ୍ସି): ପ୍ଲେୟର ଅଫ୍ ଦି ମ୍ୟାଚ୍ ବିରାଟ କୋହଲି ଓ ଦେବଦତ୍ତ ପାଡିକଲଙ୍କ ବିସ୍ଫୋରକ ବ୍ୟାଟିଂ ଆଗରେ ହାର୍ ମାନିଛି ସାଇ ସୁଦର୍ଶନଙ୍କ ପ୍ରଥମ ଶତକ। ଏଠାରେ ଆଜି ଅନୁଷ୍ଠିତ ଆଇପିଏଲ୍‌ର ୩୪ତମ ଲିଗ୍ ମ୍ୟାଚ୍‌ରେ ସୁଦର୍ଶନଙ୍କ ଶତକକୁ ପଛରେ ପକାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୫ ୱିକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ସୁଦର୍ଶନ ୫୮ ବଲ୍‌ରେ୧୦୦ ରନ୍ କରିବା ପରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟାନ୍ସ ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୩ ୱିକେଟ ହରାଇ ୨୦୫ ରନ୍ କରିଥିଲା। ଜବାବରେ ବିରାଟ କୋହଲି ୪୪ ବଲ୍‌ରେ ୮୧ ଓ ଦେବଦତ୍ତ ପାଡିକଲ ୨୭ ବଲ୍‌ରେ ୫୫ ରନ୍ କରିବା ଫଳରେ ବେଙ୍ଗାଲୁରୁ ୧୮.୫ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୨୦୬ ରନ୍ ସଂଗ୍ରହ କରିନେଇଥିଲା। ଏହା ଫଳରେ ବେଙ୍ଗାଲୁରୁ ୭ଟି ମ୍ୟାଚ୍‌ରୁ ୫ମ ବିଜୟ ସହ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଗୁଜରାଟ ଟାଇଟାନ୍ସ ୭ମ ମ୍ୟାଚ୍‌ରୁ ଚତୁର୍ଥ ପରାଜୟ ସହ ୭ମ ସ୍ଥାନ ବଜାୟ ରଖିଛି।

ଏହି ମ୍ୟାଚ୍ ଜିତିବାକୁ ବେଙ୍ଗାଲୁରୁ ଆଗରେ ଗୁଜରାଟ ୨୦୬ ରନ୍‌ର ଟାର୍ଗେଟ ଦେଇଥିଲା। ଏହି ଟାର୍ଗେଟକୁ ପିଛା କରି ବେଙ୍ଗାଲୁରୁ ୨୪ ରନ୍‌ରେ ଡେବ୍ୟୁଟାଣ୍ଟ ଜ୍ୟାକବ ବେଥେଲ (୧୪)ଙ୍କ ୱିକେଟ ହରାଇଥିଲା। ଏହି ସମୟରେ ଜୀବନଦାନର ସୁଯୋଗ ପାଇଥିବା ବିରାଟ କୋହଲି ଏବଂ ଦେବଦତ୍ତ ପାଡିକଲ ୫୯ଟି ବଲ୍‌ରୁ ୧୧୫ରନ୍ ଉଠାଇ ଦଳକୁ ବିଜୟର ନିକଟତର କରାଇଥିଲେ। ୨୭ବଲ୍‌ରୁ ୨ଚୌକା ଓ ୬ଛକା ସହ ୫୫ ରନ୍‌ରେ ପାଡିକଲଙ୍କୁ ଆଉଟ କରି ରସିଦ୍ ଖାନ୍ ଏହି ଯୋଡି ଭାଙ୍ଗିଥିଲେ। ଏହି ସମୟରେ ମାତ୍ର ୩୨ ରନ୍‌ରେ ପାଡିକଲ ଓ କୋହଲିଙ୍କ ସମେତ ୪ଟି ୱିକେଟ ହରାଇଥିଲା। କୋହଲି ୪୪ ବଲ୍ ଖେଳି ୮ଚୌକା ଓ ୪ଛକା ସହ ସର୍ବାଧିକ ୮୧ ରନ୍ କରିଥିଲେ। ରଜତ ପାଟିଦାର ୮ ଓ ଜିତେଶ ଶର୍ମା ୧୦ ରନ୍‌ରେ ଆଉଟ ହୋଇଥିଲେ। ଅବିଭକ୍ତ ୬ଷ୍ଠ ୱିକେଟରୁ ଟିମ୍ ଡେଭିଡ୍ (୧୦) ଓ କ୍ରୁନାଲ ପାଣ୍ଡ୍ୟା (୧୨ବଲ୍‌ରୁ ୨୩ରନ୍) ୨୦ବଲ୍‌ରୁ ୩୩ ରନ୍ ଉଠାଇ ଦଳକୁ ୭ଟି ବଲ ବାକିଥାଇ ବିଜୟୀ କରାଇଥିଲେ। ରସିଦ୍ ଖାନଙ୍କୁ ୨ଟି ୱିକେଟ ମିଳିଥିଲା।

ପୂର୍ବରୁ ସାଇ ସୁଦର୍ଶନ ଓ ଶୁବମନ ଗିଲ୍ ପ୍ରଥମ ୱିକେଟରେ ୭୬ବଲ୍‌ରୁ ୧୨୮ ରନ୍ ଉଠାଇବା ଫଳରେ ଗୁଜରାଟ ଏକ ବଡ ସ୍କୋର କରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଶେଷ ୪ ଓଭରରେ ବେଙ୍ଗାଲୁରୁ ବୋଲର ମାତ୍ର ୩୫ ରନ୍ ବ୍ୟୟ କରିବା ପରେ ଗୁଜରାଟ ୨୦୫ରନ୍‌ରେ ଅଟକିଥିଲା। ଚଳିତ ସିଜନରେ ପ୍ରଥମ ଆଇପିଏଲ୍ ଶତକ ୫୭ ବଲ୍‌ରେ ହାସଲ କରିବା ପରେ ସୁଦର୍ଶନ ୫୮ ବଲ୍‌ରେ ୧୧ ଚୌକା ଓ ୫ଛକା ସହ ଠିକ୍ ୧୦୦ ରନ୍‌ରେ ଆଉଟ ହୋଇଥିଲେ। ଗିଲ୍ ୨୪ ବଲ୍‌ରେ ୩୨, ଜୋସ ବଟ୍ଲର ୧୬ବଲ୍‌ରେ ୨୫ ଓ ଜେସନ ହୋଲ୍ଡର ମାତ୍ର ୧୦ ବଲ୍‌ରେ ୨୩ ରନ୍ କରି ଅପରାଜିତ ରହିଥିଲେ। ଏହି ମ୍ୟାଚ୍‌ରେ ସୁଦର୍ଶନ ୪୭ଟି ଇନିଂସରେ ୨୦୦୦ ରନ୍ ପୂରଣ କରି କ୍ରିସ୍ ଗେଲ୍ (୪୮ ମ୍ୟାଚ୍)ଙ୍କ ରେକର୍ଡ ଭାଙ୍ଗିଦେଇଥିଲେ।




## ଆଜିର ଆଇପିଏଲ୍ ମ୍ୟାଚ୍

| | |
|---|---|
| ଦିଲ୍ଲୀ ବନାମ ପଞ୍ଜାବ | ହାଇଦରାବାଦ୍ ବନାମ ରାଜସ୍ଥାନ |
| ଭେନ୍ୟୁ-ଦିଲ୍ଲୀ | ଭେନ୍ୟୁ-ଜୟପୁର |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ବେଙ୍ଗାଲୁରୁ | ୭ | ୫ | ୨ | ୦ | ୧୦ | +୧.୧୦୧ |
| ରାଜସ୍ଥାନ | ୭ | ୫ | ୨ | ୦ | ୧୦ | +୦.୭୯୦ |
| ହାଇଦରାବାଦ | ୭ | ୪ | ୩ | ୦ | ୮ | +୦.୮୨୦ |
| ଚେନ୍ନଇ | ୭ | ୩ | ୪ | ୦ | ୬ | +୦.୧୧୮ |
| ଦିଲ୍ଲୀ | ୬ | ୩ | ୩ | ୦ | ୬ | -୦.୧୩୦ |
| ଗୁଜରାଟ | ୭ | ୩ | ୪ | ୦ | ୬ | -୦.୭୯୦ |
| ମୁମ୍ବଇ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ | ୭ | ୨ | ୫ | ୦ | ୪ | -୧.୨୭୭ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |

## ଭାରତର ବିଜୟ ଅଭିଯାନ

କୋପେନହେଗେନ, ୨୪।୪ (ଏଜେନ୍ସି): ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଥୋମାସ ଓ ଉବର କପ୍ ଶୁକ୍ରବାରଠାରୁ ଡେନମାର୍କରେ ଆରମ୍ଭ ହୋଇଛି। ଥୋମାସ କପ୍‌ରେ ଭାରତୀୟ ପୁରୁଷ ଦଳ ୪-୧ରେ କାନାଡ଼ାକୁ ହରାଇ ଅଭିଯାନ ଆରମ୍ଭ କରିଛି। ସିଙ୍ଗଲ୍ସର ପ୍ରଥମ ମ୍ୟାଚରେ ଲକ୍ଷ୍ୟ ସେନ ୨୧-୧୮, ୧୯-୨୧, ୧୦-୨୧ ଗେମ୍‌ରେ ଭିକ୍ଟର ଲାଇଙ୍କ ନିକଟରୁ ହାରିଯାଇଥିଲେ। ଫଳରେ ଭାରତ ୦-୧ରେ ପଛୁଆ ରହିଯାଇଥିଲା। ଏହାପରେ କିନ୍ତୁ ଭାରତୀୟ ପୁରୁଷ ଦଳ ପରବର୍ତ୍ତୀ ୪ଟି ଯାକ ମ୍ୟାଚ ଜିତି ୪-୧ରେ କାନାଡାକୁ ମାତ୍ ଦେଇଥିଲା। ସିଙ୍ଗଲ୍ସରେ ଆୟୁଷ ସେଟ୍ଟୀ ଓ କିଦାମ୍ବି ଶ୍ରୀକାନ୍ତ ଏବଂ ଦୁଇଟି ଯାକ ଡବଲ୍ସ ମ୍ୟାଚରେ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ-ଚିରାଗ ସେଟ୍ଟୀ ଯୋଡ଼ି ଏବଂ ଏମଆର ଅର୍ଜୁନ-ହରିହରନ ଯୋଡ଼ି ବିଜୟୀ ହୋଇଥିଲେ।

## କାଉଣ୍ଟିରୁ ବ୍ରେସ୍‌ୱେଲ୍ ବାସନ୍ଦ

ଲଣ୍ଡନ, ୨୪।୪ (ଏଜେନ୍ସି): ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଦ୍ରୁତ ବୋଲର ଡଗ୍ ବ୍ରେସୱେଲ୍ କୋକେନ୍ ସେବନ କରି କାଉଣ୍ଟି କ୍ରିକେଟରୁ ବାସନ୍ଦ ହୋଇଛନ୍ତି। ଦ୍ୱିତୀୟଥର ପାଇଁ ଟେଷ୍ଟ ପଜିଟିଭ୍ ଆସିବା ପରେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ୨ ବର୍ଷ ବାସନ୍ଦ କରାଯାଇଛି। ଗତବର୍ଷ ସେପ୍ଟେମ୍ବର ୨୫ରେ ଏସେକ୍ସ କ୍ଲବ୍ ଓ ସମରସେଟ୍ ମଧ୍ୟରେ ଅନୁଷ୍ଠିତ କାଉଣ୍ଟି ମ୍ୟାଚ୍ ସମୟରେ ନମୁନା ସଂଗ୍ରହ କରାଯାଇଥିଲା। ବ୍ରେସୱେଲ ଏହି ଦଣ୍ଡାଦେଶକୁ ଗ୍ରହଣ କରିଛନ୍ତି। ଯେଉଁଥି ପାଇଁ ଏହି ମାମଲାରେ ଆଉ କୌଣସି ଶୁଣାଣି ହୋଇନାହିଁ। ଏହି ବାସନ୍ଦ ପିଛିଲା ଭାବେ ନଭେମ୍ବର ୨୪ ତାରିଖରୁ ଲାଗୁ ହୋଇଛି। ୨୦୨୭ ନଭେମ୍ବର ୨୩ରେ ଏହା ଶେଷ ହେବ।

## ସୁଟିଂ ବିଶ୍ୱକପ: ଦିବ୍ୟାଂଶୁ -ସମ୍ଭାବୀଙ୍କୁ ସ୍ୱର୍ଣ୍ଣ



କାଇରୋ, ୨୪।୪ (ଏଜେନ୍ସି): ଇଜିପ୍ଟରେ ଚାଲିଥିବା ଆଇଏସଏସଏଫ୍ ଜୁନିଅର ସୁଟିଂ ବିଶ୍ୱକପ୍‌ରେ ଭାରତ ସ୍ୱର୍ଣ୍ଣିମ ସଫଳତା ପାଇଛି। ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତର ସମ୍ଭାବୀ କ୍ଷୀରସାଗର ଓ ଦିବ୍ୟାଂଶୁ ଦେୱାଙ୍ଗନ ଯୋଡ଼ି ରେକର୍ଡ ସ୍କୋର ସହ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ଫାଇନାଲରେ ଏହି ଭାରତୀୟ ଯୋଡ଼ି ୪୯୯.୯ ସ୍କୋର କରି ସ୍ୱର୍ଣ୍ଣ ପଦକ ହାତେଇ ନେଇଥିଲେ। ଚାଇନିଜ ତାଇପେଇର ସି ଚେଇ-ୟିଙ୍ଗ ଓ ଚେନ୍ ୟୁ-ଆନ ଯୋଡ଼ି ୪୯୮.୩ ସ୍କୋର ସହ ରୌପ୍ୟ ପଦକ ଜିତିଥିଲେ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ସମ୍ଭାବନୀ-ଦିବ୍ୟାଂଶୁ ଯୋଡ଼ି ୬୩୨.୦ ସ୍କୋର କରି ଶୀର୍ଷ ସ୍ଥାନରେ ରହିବା ସହ ଫାଇନାଲରେ ପ୍ରବେଶ କରିଥିଲେ। ଚଳିତ ବିଶ୍ୱକପ୍‌ରେ ଭାରତ ବର୍ତ୍ତମାନ ସୁଦ୍ଧା ୧୨ ପଦକ ଜିତି ପଦକ ତାଲିକାର ଶୀର୍ଷରେ ରହିଛି। ଯେଉଁଥିରେ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୩ କାଂସ୍ୟ ପଦକ ସାମିଲ ରହିଛି।

## ମେ ୧ରୁ ରାଜ୍ୟ ୯ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍

ଭୁବନେଶ୍ୱର, ୨୪।୪ (ସମିସ): ଆସନ୍ତା ମେ ୧ ତାରିଖରୁ ବିଷ୍ଣୁଚରଣ ସେଠୀ ସ୍ମାରକୀ ୯ ବର୍ଷରୁ କମ୍ ରାଜ୍ୟ ଓପନ୍ ଓ ବାଳିକା ଚେସ୍ ପ୍ରତିଯୋଗିତା ଆରମ୍ଭ ହେବ। ଅଗ୍ରଣୀ ଚେସ୍ ସଂଗଠନ ମାଷ୍ଟର ଚେସ୍ ଫାଉଣ୍ଡେସନ ଓ ପ୍ରତିଷ୍ଠିତ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ତିନିଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରୁ ଜାତୀୟ ଚେସ୍ ଲାଗି ଖେଳାଳି ମନୋନୟନ କରାଯିବ। ଏଥିରେ ମୋଟ୍ ୨୦ ହଜାର ଟଙ୍କା ପୁରସ୍କାର ରାଶି ରହିଛି। ଉଭୟବର୍ଗର ଶ୍ରେଷ୍ଠ-୧୦ ଖେଳାଳିଙ୍କୁ ନଗଦ ଅର୍ଥରାଶି ଓ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ସେହିଭଳି ବିଭିନ୍ନ ବର୍ଗରେ ୪୪ଟି ଟ୍ରଫି ପ୍ରଦାନ କରାଯିବ ବୋଲି ଏମସିଏଫ୍‌ର ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ କହିଛନ୍ତି। ୧/୧/୨୦୧୭ ସୁଦ୍ଧା ଜନ୍ମଗ୍ରହଣ କରିଥିବା ରାଜ୍ୟର ଯେକୌଣସି ବାଳକ ଓ ବାଳିକା ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିପାରିବେ। ଏଥିଲାଗି ପ୍ରବେଶିକା ଦେୟ ୬୦୦ ଟଙ୍କା ରଖାଯାଇଛି। ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଅଧିକ ଜାଣିବା ପାଇଁ ବିକ୍ରମ ବିଶ୍ୱାଳ (ମୋ-୯୮୬୧୦୦୯୬୭୪) ଓ ଅନ୍ତର୍ଜାତୀୟ ଆର୍ବିଟର ସନ୍ତୋଷ ମହାପାତ୍ର (ମୋ-୬୩୭୧୭୨୨୯୩୯)ଙ୍କୁ ଯୋଗାଯୋଗ କରିବାକୁ ରାଜ୍ୟ ଚେସ୍ ସଂଘ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି କହିଛନ୍ତି।

## ଓପନ୍ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୨୪।୪ (ସମିସ): କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଶୁକ୍ରବାର ଓପନ୍ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ର ତୃତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ଧରି ଖେଳାଯିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୬୦୦ ଖେଳାଳି, ପ୍ରଶିକ୍ଷକ ଓ ଅଧିକାରୀ ଯୋଗଦେଇଛନ୍ତି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସେହିଭଳି ସମ୍ମାନିତ ଅତିଥିଭାବେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଓଡ଼ିଶା ଅଲିମ୍ପିକ ଆସୋସିଏସନ ସମ୍ପାଦକ ଅଭିଜିତ୍ ପାଲ୍, ବରିଷ୍ଠ ଚିକିତ୍ସକ ଜୟନ୍ତ କୁମାର ପଣ୍ଡା, ଏଲଆଇସିର ବରିଷ୍ଠ ଅଧିକାରୀ ଅସୀମ କୁମାର ଯୋଗଦେଇଥିଲେ। ରାଜ୍ୟ ସଂଘ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, କଟକ ଜିଲ୍ଲା ସଂଘ ସଭାପତି କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ ସୁଦୀପ୍ତା ନନ୍ଦ, ଟେକ୍ନିକାଲ ଡିରେକ୍ଟର ଜୟକୃଷ୍ଣ ପରିଜା ପରିଚାଳନାରେ ସହଯୋଗ କରୁଛନ୍ତି।

### ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦ରେ ବିସ୍ଫୋରକ ଶତକ

## ପୂଜା- ୧୮୧, ରଶ୍ମିତା- ୧୪୧


ପୂଜା ଆର୍ ଦାସ


ରଶ୍ମିତା ଚିନ୍ନାରା

ଭୁବନେଶ୍ୱର, ୨୪।୪ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଦୁଇଟି ବିସ୍ଫୋରକ ଶତକୀୟ ପାଳି ଦେଖିବାକୁ ମିଳିଛି। ଭଦ୍ରକର ପୂଜା ଦାସ ୧୮୧ ଓ ବଲାଙ୍ଗିରର ରଶ୍ମିତା ଚିନରା ୧୪୧ ରନର ବିସ୍ଫୋରକ ପାଳି ଖେଳିବା ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା। ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ମୟୂରଭଞ୍ଜ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ଭଦ୍ରକ ୨୦ ଓଭରରେ ୫ ୱିକେଟ୍ ହରାଇ ୨୮୭ ରନ ସଂଗ୍ରହ କରିଥିଲା। ପୂଜା ୮୨ ବଲରେ ସର୍ବାଧିକ ୧୮୧ ରନ କରିଥିଲେ। ଜବାବରେ ମୟୂରଭଞ୍ଜ ୯ ୱିକେଟରେ ୭୦ ରନ କରିବା ସହ ୨୧୭ ରନର ବିଶାଳ ବ୍ୟବଧାନରେ ପରାସ୍ତ ହୋଇଥିଲା। ସେହିଭଳି ରେଭେନସା ଗ୍ରାଉଣ୍ଡରେ ବଲାଙ୍ଗିର ୨୨୬ ରନର ବିଶାଳ ବ୍ୟବଧାନରେ ଦେଓଗଡ଼କୁ ମାତ୍ ଦେଇଛି। ରଶ୍ମିତା (୭୮ ବଲରେ ଅପରାଜିତ ୧୪୧)ଙ୍କ ଶତକ ସହାୟତାରେ ବଲାଙ୍ଗିର ୨ ୱିକେଟରେ ୨୬୪ ରନର ବିରାଟ ସ୍କୋର ଠିଆ କରାଇଥିଲା। ଜବାବରେ ଦେଓଗଡ଼ ୨୦ ଓଭରରେ ୭ ୱିକେଟ୍ ହରାଇ ମାତ୍ର ୩୮ ରନ କରିଥିଲା।

ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମାଲକାନଗିରି ୯୪ ରନରେ ଜଗତସିଂହପୁରକୁ, କଟକ ୧୮୩ ରନରେ କଳାହାଣ୍ଡିକୁ, ସୁନ୍ଦରଗଡ଼ ୮ ୱିକେଟରେ କେନ୍ଦୁଝରକୁ, ନବରଙ୍ଗପୁର ୨୨ ରନରେ ନୟାଗଡ଼କୁ, ରାଉରକେଲା ୫ ରନରେ କିଟ୍‌କୁ, ବରଗଡ଼ ୭୩ ରନରେ କୋରାପୁଟକୁ ଓ ଗଞ୍ଜାମ ୧୦ ୱିକେଟରେ ନୂଆପଡ଼ାକୁ ପରାସ୍ତ କରିଛି।

## ରାଜ୍ୟ କ୍ୟାଡେଟ୍ ପ୍ରତିଯୋଗିତା ଆରମ୍ଭ



ଭୁବନେଶ୍ୱର,୨୪।୪(ସମିସ): ଉତ୍କଳ କରାଟେ ସ୍କୁଲ ପରିସରରେ ଆଜି ରାଜ୍ୟ କରାଟେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ମୋଟ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲାବେଳେ ଆଜି ୬ ଓ ୯ ବର୍ଷରୁ କମ୍ କ୍ୟାଡେଟ ବିଭାଗରେ ୧୮୦ଜଣ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ରାଜ୍ୟ କରାଟେ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଗୌରୀ ମହାନ୍ତି, ସହ ସମ୍ପାଦକ କାଳୀପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ପ୍ରଶିକ୍ଷିତ ଜଜ୍, ରେଫରି ଏହି ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। ଆସନ୍ତା ଦିନରେ ସବ୍‌ଜୁନିଅର ଓ ଜୁନିଅର ପ୍ରତିଯୋଗିତା ଆୟୋଜିତ ହେବ। ଏପ୍ରିଲ ୨୬ ତାରିଖରେ ପ୍ରତିଯୋଗିତା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

## ନୟାଗଡ଼ରେ ରାଜ୍ୟ ସିନିଅର ଓ ଅନୁଗୋଳରେ ମହିଳା ଚେସ୍

ଭୁବନେଶ୍ୱର, ୨୪।୪ (ସମିସ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ପକ୍ଷରୁ ଚଳିତବର୍ଷର ଚେସ ଟୁର୍ଣ୍ଣାମେଣ୍ଟ କ୍ୟାଲେଣ୍ଡର ପ୍ରକାଶ କରାଯାଇଛି। ଏହି କ୍ୟାଲେଣ୍ଡର ଅନୁଯାୟୀ ମେ ମାସରୁ ଜୁନ୍ ମାସ ମଧ୍ୟରେ ସମସ୍ତ ପ୍ରତିଯୋଗିତା ଶେଷ ହେବ ବୋଲି ଅଲ ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଇଂ ଦେବବ୍ରତ ଭଞ୍ଜ ସୂଚନା ଦେଇଛନ୍ତି। କ୍ୟାଲେଣ୍ଡର ଅନୁଯାୟୀ ରାଜ୍ୟ ସିନିଅର ଚେସ୍ ପ୍ରତିଯୋଗିତା ନୟାଗଡରେ ଅଗଷ୍ଟ ୧୨ରୁ ୧୬ ମଧ୍ୟରେ ଓ ରାଜ୍ୟ ମହିଳା ଚେସ୍ ଅନୁଗୋଳରେ ଜୁନ୍ ମାସରେ ଖେଳାଯିବ। ବାଲେଶ୍ୱରରେ ରାଜ୍ୟ ସିନିଅର ରାପିଡ୍ ଓ ବ୍ଲିଜ୍ ଚେସ୍ ଜୁନ୍‌ରେ ଖେଳାଯିବ। ବିଭିନ୍ନ ଏଜ୍ ଗ୍ରୁପ୍ ଚେସ୍ ମଧ୍ୟରୁ ୭ ବର୍ଷରୁ କମ୍ ଚେସ୍ ଆଇଏସ୍ ଚେସ୍ ସେଣ୍ଟରରେ ମେ ୧୦ରୁ ୧୨, ୯ ବର୍ଷରୁ କମ୍ ଚେସ୍ ଢେଙ୍କାନାଳରେ ଓ ୧୧ ବର୍ଷରୁ କମ୍ ଚେସ୍ କଟକରେ ମେ' ମାସରେ ଅନୁଷ୍ଠିତ ହେବ। ୧୩ ବର୍ଷରୁ କମ୍ ଚେସ୍ ପୁରୀରେ ମେ ୧୪ରୁ ୧୭, ୧୫ ବର୍ଷରୁ କମ୍ ଚେସ୍ ଭଦ୍ରକରେ ଓ ୧୯ ବର୍ଷରୁ କମ୍ ଚେସ୍ ସୁନ୍ଦରଗଡ଼ରେ ଜୁନ୍ ମାସରେ ଅନୁଷ୍ଠିତ ହେବ। ଶୁଭେନ୍ଦୁ ରାୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଚଳିତବର୍ଷ ଓଡ଼ିଶାରେ ୬ଟି ଫିଡେ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଏହା ଛଡ଼ା ଓଡ଼ିଶାରେ ୫,୦୦୦ ନୂଆ ଚେସ ଖେଳାଳି ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରହିଛି ବୋଲି ସମ୍ପାଦକ ଭଞ୍ଜ ଜଣାଇଛନ୍ତି।

# ଆଜିଠୁ କଳିଙ୍ଗରେ ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ

### ଭାଗନେବେ ୬୦୦ ପ୍ରତିଯୋଗୀ, ମେ ୩ରେ ଉଦ୍‌ଯାପନୀ




ଭୁବନେଶ୍ୱର, ୨୪।୪ (ସମିସ): ଓଡ଼ିଶାର ଜିମ୍ନାଷ୍ଟପ୍ରେମୀଙ୍କ ଲାଗି ଏକ ବଡ଼ ଖବର। ରାଜଧାନୀ ଭୁବନେଶ୍ୱରରେ ଥିବା ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁ ଯାଉଛି ଜାତୀୟ ଜୁନିଅର ଓ ସିନିଅର ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ। କଳିଙ୍ଗ ଷ୍ଟାଡିୟମ୍‌ର ଅତ୍ୟାଧୁନିକ ହାଇପରଫର୍ମାନ୍ସ ସେଣ୍ଟରରେ ଏପ୍ରିଲ ୨୫ରୁ ମେ ମାସ ୩ ତାରିଖଯାଏ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଭାରତରେ ପ୍ରଥମଥର ଲାଗି ଏକାଥରରେ ଜୁନିଅର ଓ ସିନିଅର ବିଭାଗରେ ଏହି ଜାତୀୟ ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ଏହାକୁ ସଫଳ କରିବା ଲାଗି ଅଣ୍ଟା ଭିଡିଛି ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନ ଓ ଜିମ୍ନାଷ୍ଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ। ଏହି ଯୁଗ୍ମ ଆୟୋଜକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇବେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ହେଲା, ଆସନ୍ତା ଦିନରେ ହେବାକୁ ଥିବା ଏସିଆ ଚାମ୍ପିଅନସିପ୍, ଏସିଆନ୍ ଗେମ୍ସ ଓ କମନୱେଲଥ ଗେମ୍ସ ଲାଗି ଏହି ଟୁର୍ଣ୍ଣାମେଣ୍ଟରୁ ଖେଳାଳି ଚୟନ କରାଯିବ। ଏଣୁ ଏଥିରେ ଦେଶର ସମସ୍ତ ଶୀର୍ଷ ଜିମ୍ନାଷ୍ଟ ଅଂଶଗ୍ରହଣ କରିବେ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନର ସମ୍ପାଦକ ଅଶୋକ କୁମାର ସାହୁ। ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ଶୀର୍ଷ ସ୍ଥାନୀୟ ଜିମ୍ନାଷ୍ଟ ପ୍ରଣତି ନାୟକ, ଯୋଗେଶ୍ୱର ସିଂ, ହର୍ଷିତ ଡି, ତାପେଶ୍ୱରନାଥ ଦାସ ଓ ଓଡ଼ିଶାର ତପନ ମହାନ୍ତି। ଏମାନେ କେବଳ ନିଜ ରାଜ୍ୟ କିମ୍ବା ଅନୁଷ୍ଠାନ ଲାଗି ନୁହେଁ ଦେଶର ଗୌରବ ବଢ଼ାଇବା ଲାଗି ପ୍ରସ୍ତୁତି କରିବେ ବୋଲି ହେଡ୍ କୋଚ୍ ତଥା ଏହି ଚାମ୍ପିଅନସିପ୍‌ର କମ୍ପିଟିସନ ମ୍ୟାନେଜର ଅଶୋକ ମିଶ୍ର କହିଛନ୍ତି।

### ଏକାଥରକେ ଜୁନିଅର ଓ ସିନିଅର

ପ୍ରଥମଥର ଲାଗି ଗୋଟିଏ ଭେନ୍ୟୁରେ ଓ ଏକା ସାଙ୍ଗରେ ଜାତୀୟ ସିନିଅର ଓ ଜୁନିଅର ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ଏହାକୁ ସୁଚାରୁରୂପେ ପରିଚାଳନା କରିବା ଆୟୋଜକଙ୍କ ଲାଗି ବଡ଼ ଚ୍ୟାଲେଞ୍ଜ ହୋଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଅତିରିକ୍ତ ସଚିବ ବିଜୟ ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବିଭାଗର ଓଏସ୍‌ଡି ଧୀରଜ ପଟ୍ଟନାୟକଙ୍କ ମତରେ ସମସ୍ତ ପ୍ରତିଯୋଗୀ କିପରି ଭଲରେ ଅଂଶଗ୍ରହଣ କରି ଫେରିବେ ତାହାକୁ ଗୁରୁତ୍ୱ ଦିଆଯାଉଛି। ଜିମ୍ନାଷ୍ଟିକ୍ ଫେଡେରେସନ ଅଫ୍ ଇଣ୍ଡିଆର ଚିଫ୍ ଅପରେଟିଂ ଅଫିସର କଲ୍ଲୋଳ ମୁଖାର୍ଜୀଙ୍କ ମତରେ ଏହି ନ୍ୟାସନାଲ ଚାମ୍ପିଅନସିପ ଯେପରି ତ୍ରୁଟିଶୂନ୍ୟ ହେବ ସେଥିଲାଗି ୩୦୦ ଯୋଗ୍ୟ ଅଫିସିଆଲଙ୍କୁ ପରିଚାଳନାରେ ବିନିଯୋଗ କରାଯାଇଛି। ଓଡ଼ିଶା ଜିମ୍ନାଷ୍ଟିକ୍ସ ସଂଘ ଉପସଭାପତି ଧୀରଜ ପଣ୍ଡା, ଭାରତୀୟ ଜିମ୍ନାଷ୍ଟିକ୍ ପୁରୁଷ ଦଳର କୋଚ୍ ତଥା ପୂର୍ବତନ ନଂ-୧ ଜିମ୍ନାଷ୍ଟ ରାକେଶ ପାତ୍ର, ଓଡ଼ିଶାର ଶୀର୍ଷ ଜିମ୍ନାଷ୍ଟ ତପନ ମହାନ୍ତି ଓ ପ୍ରୀତି ଝଙ୍କାର ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଟିମ୍, ଇଣ୍ଡିଭିଜୁଆଲ ଅଲରାଉଣ୍ଡ ଓ ଆପାରଟସ ଫାଇନାଲ୍ସ ଇଭେଣ୍ଟ ଆୟୋଜିତ ହେବ। ସିନିୟର ବିଭାଗ ସମସ୍ତଙ୍କ ଲାଗି ଉନ୍ମୁକ୍ତ ହୋଇଥିଲାବେଳେ ଜୁନିଅର ପୁରୁଷରେ ୧୮ ବର୍ଷରୁ କମ୍ ଓ ଜୁନିଅର ମହିଳାରେ ୧୫ ବର୍ଷରୁ କମ୍ ଖେଳାଳି ଭାଗନେବେ।

## ଓଡ଼ିଶାରୁ ଭାଗନେବେ ୨୭ ପ୍ରତିଯୋଗୀ



ଭୁବନେଶ୍ୱର, ୨୪।୪ (ସମିସ): ଘରୋଇ ମାଟିରେ ହେବାକୁ ଥିବା ଜାତୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାରେ ଓଡ଼ିଶାରୁ ୨୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ତପନ ମହାନ୍ତିଙ୍କ ନେତୃତ୍ୱରେ ଏହି ଜିମ୍ନାଷ୍ଟମାନେ ଏଥର ଅଧିକ ମେଡାଲ ଜିତିବେ ବୋଲି ହେଡ୍ କୋଚ୍ ଅଶୋକ ମିଶ୍ର ଆଶା ପ୍ରକାଶ କରିଛନ୍ତି। ଓଡ଼ିଶା ସର୍ବଦା ଶ୍ରେଷ୍ଠ ୮ଟି ଦଳ ମଧ୍ୟରେ ରହିଆସିଛି। ଏବେ ଆମ ରାଜ୍ୟର ଏକାଧିକ ପ୍ରତିଯୋଗି ବିଭିନ୍ନ ରାଜ୍ୟ ଓ ଅନୁଷ୍ଠାନ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଫଳରେ ଓଡ଼ିଶା ସାମାନ୍ୟ ଦୁର୍ବଳ ହୋଇ ପଡ଼ିଛି। ତଥାପି ଦଳ ଭଲ ପ୍ରଦର୍ଶନ କରିବ ବୋଲି ଶ୍ରୀ ମିଶ୍ର କହିଥିଲେ। ଓଡ଼ିଶାରୁ ସିନିଅର ଓ ଜୁନିଅର ପୁରୁଷ ବିଭାଗରେ ମିଳିତଭାବେ ୧୫ଜଣ, ଶକ୍ତିଶାଳୀ ମହିଳା ସିନିଅର ଓ ଜୁନିଅର ବିଭାଗରେ ୧୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ଘୋଷଣା କରାଯାଇଛି। ଏଥର କେବଳ ଓଡ଼ିଶାର ଜିମ୍ନାଷ୍ଟଙ୍କୁ ଭାଗ ନେବାର ସୁଯୋଗ ମିଳିଛି ବୋଲି ଓଡ଼ିଶା ଜିମ୍ନାଷ୍ଟିକ୍ ସଂଘ ସମ୍ପାଦକ ଅଶୋକ ସାହୁ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୨୫ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS